# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


◆VOLUME- 41 ◆ISSUE-227 ◆BHUBANESWAR ◆SUNDAY ◆11 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୭ ◆ଭୁବନେଶ୍ୱର ◆ରବିବାର ◆୧୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)






EXPERIENCE gold class LIVING

PRESENTING

EVOS
ALCHEMY

PATIA, RAGHUNATHPUR

THE TALLEST AND THE GRANDEST - 42 STOREY EDIFICE

ORERA Registration No.: RP/19/2023/01077 Information available at website: https://rera.odisha.gov.in/

PALATIAL 3.5 BED RESIDENCES & LAVISH PENTHOUSES WITH GRAND SUNDECKS

977-60-99997

www.evosalchemy.com

evos
spreading love

# A LIFESTYLE
## WORTH ITS WEIGHT IN GOLD.




LIVE THE
SERENEST CLASS

42 & 43 STOREY EDIFICE
DESIGNED BY
WORLD-RENOWNED
ARCHITECT SANJAY PURI

LIVE THE
FINEST CLASS

PALATIAL 3.5 BED
RESIDENCES & LAVISH
PENTHOUSES
WITH GRAND SUNDECKS







LIVE THE
GRANDEST CLASS

LIFESTYLE PODIUM
WITH OVER 100 INDULGENCES
ACROSS TWO LEVELS

ARTH - GROUND LEVEL
AER - CLOUD LEVEL

LIVE THE
GREENEST CLASS

6.9 ACRE ESTATE WITH
70% OPEN AND GREEN SPACES
LANDSCAPED BY
LANDSCAPE TECTONIX LTD,
THAILAND




**GOLD- CLASS HALLMARKS**

- 4 TOWERS OF 42 & 43 STOREYS DESIGNED BY ARCHITECT SANJAY PURI
- SPACIOUS RESIDENCES SPANNING FROM 1213 RCA* + 237 DECK TO 2520 RCA* + 637 DECK
  *SUBJECT TO FLOOR PLAN
- CONNECTED TO THE CITY'S PRIME DESTINATIONS
- OVER 100+ CURATED LIFESTYLE INDULGENCES ACROSS TWO LEVELS
- A COMMUNITY OF LIKE-MINDED ELITE FROM DIFFERENT WALKS OF LIFE

**PALATIAL 3.5 BED RESIDENCES & LAVISH PENTHOUSES
WITH GRAND SUNDECKS**

EVOS
ALCHEMY
PATIA, RAGHUNATHPUR

**Site Address:** Raghunathpur, Nandankanan Road, Bhubaneswar - 751024
**Corporate Office:** Plot No: M/76, Housing Board Colony, Baramunda, Bhubaneswar - 751003
Landline - 0674-2355100 | Email- enquiry@evosalchemy.com

977-60-99997

Scan to visit the website | ORERA Registration No.: RP/19/2023/01077. Information available at website: https://rera.odisha.gov.in/




୧୯ ବର୍ଷରୁ କମ୍ ବିଶ୍ୱକପ୍
ଭାରତ-ଅଷ୍ଟ୍ରେଲିଆ ଫାଇନାଲ୍ ଆଜି
▸କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-227 ♦BHUBANESWAR ♦SUNDAY ♦11 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୭ ♦ଭୁବନେଶ୍ୱର ♦ରବିବାର ♦୧୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୁରା ସହ)


ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦ ନେସନ୍ ସର୍ଭେ

# ନବୀନ ପୁଣି ନମ୍ବର-୧



■ ଭୁବନେଶ୍ୱର, ୧୦।୨ (ସମିସ): ନବୀନ ପୁଣି ନମ୍ବର-୧। ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ଏବଂ ସଫଳ ଶାସକ ଭାବେ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମିଳିଛି ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଆଖ୍ୟା। କ୍ରମାଗତ ୭ମ ଥର ପାଇଁ ତାଙ୍କୁ ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦ ନେସନ୍ ଜନମତ ସର୍ଭେରେ 'ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ' ଭାବେ ସ୍ଥାନିତ କରାଯାଇଛି। ରିପୋର୍ଟ ଅନୁସାରେ, ସର୍ଭେରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୫୨.୭% ଲୋକ ନବୀନ ସବୁଠାରୁ ଭଲ ମୁଖ୍ୟମନ୍ତ୍ରୀ ବୋଲି କହିଥିଲେ। ଏହି ତାଲିକାରେ ନବୀନଙ୍କ ପଛକୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ଭାଇ ପଟେଲ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା ରହିଛନ୍ତି।

ସେହିପରି ଦେଶର ଶ୍ରେଷ୍ଠ ୧୦ ଜଣ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ନବୀନ ୫ମ ସ୍ଥାନରେ ରହିଛନ୍ତି। ନିର୍ବାଚନ ବର୍ଷରେ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସର୍ଭେରେ ଶୀର୍ଷ ସ୍ଥାନ ବଜାୟ ରଖିଥିବା ନବୀନ ପଟ୍ଟନାୟକ ଲଗାତାର ୬ଷ୍ଠ ଧର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାର ଗ୍ରହଣ କରିବାର ସମ୍ଭାବନା ବେଶ୍ ଉଜ୍ଜ୍ୱଳ ରହିଛି ବୋଲି ଇଣ୍ଡିଆ ଟୁଡେ ପକ୍ଷରୁ କୁହାଯାଇଛି।

**ରାଜ୍ୟରେ ପ୍ରଥମ, ଦେଶରେ ୫ମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ**

**କ୍ରମାଗତ ୭ମ ଥର ପାଇଁ ଶୀର୍ଷ ସ୍ଥାନ ବଜାୟ ରଖିଲେ**

୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାବାସୀଙ୍କୁ ନିରବିଚ୍ଛିନ୍ନ ସେବା ଯୋଗାଇ ଆସୁଥିବା ନବୀନ ଏକ ରୂପାନ୍ତରିତ ଓଡ଼ିଶା ଗଠନ କରିବା ଦିଗରେ ଅଗ୍ରସର ହେଉଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଥିବା ▸ପୃଷ୍ଠା-୧୩

# ମହାଯାତ୍ରାରେ ସୁଜ୍ଞାନ କୁମାରୀ

**ଅନନ୍ୟ ନାରୀ ପ୍ରତିଭା, ୧୦ ଥର ବିଧାୟିକା**

**ଗଞ୍ଜାମରେ ଶୋକର ଛାୟା, ଦୋକାନବଜାର ବନ୍ଦ**

**ସମାଧି ମଠରେ ରବିବାର ହେବ ଅନ୍ତ୍ୟେଷ୍ଟିକ୍ରିୟା**

**ଶଙ୍ଖ ଭବନ ଓ ବିଧାନସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

**"ଜନସେବାରେ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ସୁଜ୍ଞାନ: ନବୀନ**






■ ବ୍ରହ୍ମପୁର/ଖଲ୍ଲିକୋଟ/ଭୁବନେଶ୍ୱର, ୧୦।୨ (ସମିସ): ଖଲ୍ଲିକୋଟ ରାଣୀ ସାହେବା, ଖଲ୍ଲିକୋଟ ଓ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓ ଆଉ ନାହାନ୍ତି। ଚେନ୍ନାଇ ଆପୋଲୋ ହସ୍ପିଟାଲରେ ଶୁକ୍ରବାର ରାତି ୧୨.୪୪ ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଶନିବାର ସକାଳୁ ସକାଳୁ ଏହି ଖବର ପ୍ରଚାରିତ ହେବା ପରେ ଖଲ୍ଲିକୋଟ ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ପ୍ରିୟ ରାଣୀ ମା'ଙ୍କୁ ହରାଇ ସ୍ୱତଃ ପ୍ରବୃତ୍ତ ଭାବେ ଖଲ୍ଲିକୋଟ ଦୋକାନ ବଜାର ବନ୍ଦ ହୋଇ ଯାଇଥିଲା। ଶନିବାର ସନ୍ଧ୍ୟା ୬ଟାରେ ଚେନ୍ନାଇ ବିମାନବନ୍ଦରରୁ ରାଣୀ ମା'ଙ୍କ ମରଶରୀର ବିମାନ ▸ପୃଷ୍ଠା-୧୩

ବରିଷ୍ଠ ନାଗରିକଙ୍କ କଥା ରଖିଲେ ନବୀନ

# ୫୦୦ ଟଙ୍କା ବଢ଼ିଲା ମଧୁବାବୁ ପେନ୍‌ସନ୍

**ଫେବୃଆରୀ ୨୦ରୁ ୨୫ ତାରିଖ ମଧ୍ୟରେ ମିଳିବ ବର୍ଦ୍ଧିତ ପେନସନ୍**

- ଏଣିକି ସର୍ବନିମ୍ନ ସହାୟତା ୧୦୦୦ ଟଙ୍କା ମିଳିବ
- ଜାତୀୟ ସାମାଜିକ ସୁରକ୍ଷା ହିତାଧିକାରୀ ମଧ୍ୟ ପାଇବେ ସୁବିଧା
- ବାର୍ଷିକ ଖର୍ଚ୍ଚ ହେବ ୩୬୮୩ କୋଟି ଟଙ୍କା
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ଅନୁରୋଧ

■ ଭୁବନେଶ୍ୱର, ୧୦।୨ (ସମିସ): ଆଉ ୫୦୦ ଟଙ୍କା ନୁହେଁ, ଏଣିକି ସର୍ବନିମ୍ନ ଭତ୍ତା ୧୦୦୦ ଟଙ୍କା ମିଳିବ। ଯିଏ ୭୦୦ କିମ୍ବା ୯୦୦ ଟଙ୍କା ଭତ୍ତା ପାଉଥିଲେ, ସେମାନେ ଯଥାକ୍ରମେ ୧୨୦୦ ଓ ୧୪୦୦ ଟଙ୍କା ପାଇବେ। ଦୀର୍ଘ ଦିନ ଧରି ରାଜ୍ୟର ବରିଷ୍ଠ ନାଗରିକମାନେ ଯେଉଁ ଦାବି କରିଆସୁଥିଲେ, ତାହା ଆଜି ରାଜ୍ୟ ସରକାର ପୂରଣ କରିଛନ୍ତି। ୧୦୦ କି ୨୦୦ ନୁହେଁ, ମଧୁବାବୁ ପେନ୍‌ସନ ଯୋଜନାରେ ମିଳୁଥିବା ଭତ୍ତାରାଶିରେ ଏକାବେଳକେ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏଣିକି ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନେ ସର୍ବନିମ୍ନ ପେନସନ୍ ରାଶି ୧୦୦୦ ଟଙ୍କା ପାଇବେ। ଏହି ବର୍ଦ୍ଧିତ ପେନସନ ହିତାଧିକାରୀମାନେ ଚଳିତ ଫେବୃଆରୀରୁ ପାଇବେ। ପୂର୍ବରୁ ଏହି ଯୋଜନାରେ ହିତାଧିକାରୀମାନେ ଯଥାକ୍ରମେ ୫୦୦, ୭୦୦ ଓ ୯୦୦ ଟଙ୍କା ପାଉଥିଲେ। ବର୍ଦ୍ଧିତ ପେନସନ୍ ଅନୁଯାୟୀ, ସେମାନେ ଏବେ ଯଥାକ୍ରମେ ୧୦୦୦, ୧୨୦୦ ଓ ୧୪୦୦ ପାଇବେ। ଏହି ବର୍ଦ୍ଧିତ ପେନସନ ପାଇଁ ରାଜ୍ୟ ସରକାର ବାର୍ଷିକ ୩୬୮୩ କୋଟି ଟଙ୍କା ଖର୍ଚ୍ଚ କରିବେ। ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନଙ୍କୁ ଫେବୃଆରୀ ମାସର ପେନସନ୍ ଫେବୃଆରୀ ୨୦ରୁ ୨୫ ତାରିଖ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ମିଳିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ▸ପୃଷ୍ଠା-୧୩




# ଜେଲ୍ ଗଲେ ଆର୍‌ଟିଓ ଟ୍ରାଫିକ୍ ଇନ୍ସପେକ୍ଟର

**ଭୁବନେଶ୍ୱର/ଜଗତସିଂହପୁର, ୧୦।୨(ସମିସ):** ଜଗତସିଂହପୁର ଆର୍‌ଟିଓ ଟ୍ରାଫିକ୍ ଇନ୍ସପେକ୍ଟର୍ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ଆଜି ଗିରଫ କରି ଜେଲ୍ ପଠାଇଛି ଭିଜିଲାନ୍ସ। ତାଙ୍କଠାରୁ ୬ ଲକ୍ଷ ୭୯ ହଜାର ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। ଏତେ ପରିମାଣରେ ନଗଦ ଟଙ୍କା ସେ କେଉଁଠାରୁ ଆଣିଥିଲେ, କେଉଁ ଉଦ୍ଦେଶ୍ୟରେ ଆଣିଥିଲେ; ତା'ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। ପ୍ରଶାନ୍ତ କୁମାର ମହାପାତ୍ର ଗତକାଲି କାର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କଟକ ନିକଟସ୍ଥ ବିରିବାଟୀର ତାରିଣୀ ଛକରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ନଗଦ ୪.୨୭ ଲକ୍ଷ ଟଙ୍କା ମିଳିଥିଲା। ସେ ଏହି ଟଙ୍କା କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଥିଲେ ବୋଲି ଭିଜିଲାନ୍ସ ଟିମ୍ ପଚାରିଥିଲେ। ତେବେ ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ଭିଜିଲାନ୍ସ ଅଧିକାରୀମାନଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ତେଣୁ ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିଥିଲା। ଏହା ପରେ ଭୁବନେଶ୍ୱରର ଭିଏସ୍‌ଏସ୍ ନଗରସ୍ଥିତ ତାଙ୍କ ଘର ଓ ଜଗତସିଂହପୁରର ରଘୁନାଥପୁରର ତାରାପୁର ସ୍ଥିତ ଭଡ଼ା ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭୁବନେଶ୍ୱରସ୍ଥିତ ଘରୁ ନଗଦ ୨ ଲକ୍ଷ ୧୯ ହଜାର ୨୬୫ ଟଙ୍କା ମିଳିଥିଲା। ସେହିପରି ତାରପୁରସ୍ଥିତ ଭଡ଼ାଘରୁ ୨୫ ହଜାର ୫୦୦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହିପରି ମୋଟ ୬ ଲକ୍ଷ ୭୯ ହଜାର ୪୮୫ ଟଙ୍କା ତାଙ୍କ ଠାରୁ ଜବତ କରାଯାଇଛି, ଯାହାର ହିସାବ ସେ ଦେଇପାରୁନାହାନ୍ତି।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-227 ♦BHUBANESWAR ♦SUNDAY ♦11 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୭ ♦ଭୁବନେଶ୍ୱର ♦ରବିବାର ♦୧୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)







# ବିଜେପି ନେତାଙ୍କ ଘରୋଇ ସହାୟିକାଙ୍କ ଦରପୋଡ଼ା ଶବ ଜବତ

**ସମ୍ବଲପୁର, ୧୦।୨(ସମିସ):** ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ହୀରାକୁଦର ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶୀ ପାଗଡ଼ (୫୫)ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ବଲବସପୁର ଗ୍ରାମ ରାସ୍ତା ପାର୍ଶ୍ୱରୁ ପୁଲିସ ଶନିବାର ସକାଳେ ଜବତ କରିଛି। ପରିଚୟ ନଷ୍ଟ କରିବା ପାଇଁ ମୁହଁରେ ନିଆଁ ଲଗାଇ କେହି ପୋଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଏପରିକି ବଳାତ୍କାର ପରେ ହତ୍ୟା କରାଯାଇଥିବା

- ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ, ସୀମାଞ୍ଚଳଙ୍କ ପତ୍ତା ମିଳୁନି
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଅନୁଗତ ହେଉଛନ୍ତି ସୀମାଞ୍ଚଳ
- ଥାନା ଘେରଉ, ପୁଲିସକୁ ଦାୟୀ କଲେ ପରିବାର



ଅଭିଯୋଗ ହୋଇଛି। ଏଥିପାଇଁ ପୁଲିସକୁ ଦାୟୀ କରି କ୍ଷୋର ଛକ ପଡ଼ାବାସୀ ହୀରାକୁଦ ଥାନା ଘେରଉ କରଛନ୍ତି। ଶନିବାର ସକାଳେ ବଲବସପୁର ଗ୍ରାମର କିଛି ମହିଳା ଡାଇକ୍‌କୁ ଶୌଚ ହେବାକୁ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରୁ ଧୂଆଁ ବାହାରୁଥିବା ଦେଖି ନିକଟକୁ ଯାଇଥିଲେ। ତେବେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଦେଖି ଚକିତ ହେବା ସହ ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତକାଲି ସନ୍ଧ୍ୟାରୁ ଶଶୀ ନିଖୋଜ ଥିଲେ। ପରିବାର ପକ୍ଷରୁ ଏ ସମ୍ପର୍କରେ ପୁଲିସରେ ଅଭିଯୋଗ କରିବାରେ ୨୪ଘଣ୍ଟା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ କହିଥିଲା। ପୁଲିସର ଅବହେଳା ଯୋଗୁ ଶଶୀଙ୍କୁ ହତ୍ୟା କରି ଅଭିଯୁକ୍ତମାନେ ଫିଙ୍ଗି ଦେବାରେ ସଫଳ ହେଲେ ବୋଲି ପରିବାର ଲୋକ ଅଭିଯୋଗ କରିବା ସହ ଶତାଧିକ ପୁରୁଷ ଓ ମହିଳା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଶଶୀଙ୍କ ପୁଅ ମଣ୍ଟୁଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ପ୍ରଚାର ହେବା ପରେ ବିଜେପି ନେତା ସୀମାଞ୍ଚଳଙ୍କ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଛି। ପୁଲିସ ଓ ଅନ୍ୟମାନେ ଯୋଗାଯୋଗ କଲେ ମଧ୍ୟ ତାଙ୍କ ପତ୍ତା ମିଳୁନି। ତେଣୁ ଏହି ହତ୍ୟାକାଣ୍ଡ ଘଟଣାରେ ବିଜେପି ନେତା ସୀମାଞ୍ଚଳଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ଜୋର ଧରିଛି। ପ୍ରକାଶଥାଉକି ଗତକାଲି ସନ୍ଧ୍ୟାରେ ଶଶୀ ସୀମାଞ୍ଚଳଙ୍କ ଘରକୁ କାମ କରିବାକୁ ଯାଇ ନିଜ ଘର ଅଭିମୁଖେ ଫେରିଥିଲେ। ଘରୁ ବାହାରିବା ଚିତ୍ର ସିସିଟିଭିରେ ଉତ୍ତୋଳିତ ହୋଇଛି। ହେଲେ ସନ୍ଧ୍ୟା ପରଠାରୁ ଶଶୀ ନିଜ ଘରକୁ ନ ଯିବାରୁ ପରିବାରବର୍ଗ ଏ ନେଇ ଗତକାଲି ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ମୃତଦେହ ପଡ଼ିଥିବା ସ୍ଥାନରେ ପହଞ୍ଚି ଏ ସମ୍ପର୍କରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ଶଶୀ ହାତରେ ପିନ୍ଧିଥିବା ମୁଦିରୁ ପରିବାରବର୍ଗ ତାଙ୍କୁ ଚିହ୍ନଟ କରିଥିଲେ। ପୂର୍ବରୁ ସୀମାଞ୍ଚଳ ଯୁବନେତା ସୂର୍ଯ୍ୟ ବହିଦାର ହତ୍ୟା ମାମଲାରେ ଅଭିଯୁକ୍ତ ରହି ଏବେ ଜାମିନରେ ଅଛନ୍ତି। ୧୯୯୪ ମସିହା ଏପ୍ରିଲ ୨୩ ତାରିଖ ହୀରାକୁଦରେ ଯୁବନେତା ସୂର୍ଯ୍ୟ ବହିଦାରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ଘଟଣା ସେ ସମୟରେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଉକ୍ତ ଘଟଣାରେ ମୋଟ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ କୋର୍ଟ ଚାଲାଣ କରିଥିଲା। ଉକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ସୀମାଞ୍ଚଳଙ୍କ ନାମ ରହିଛି। ସେ ଏବେ ଜାମିନରେ ଆସି ସକ୍ରିୟ ରାଜନୀତିରେ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖ ଲୋକ ଭାବେ ସେ ପରିଚିତ। ଦଳ ତାଙ୍କୁ ଢେଙ୍କାନାଳ ଜିଲ୍ଲା ଦାୟିତ୍ୱ ମଧ୍ୟ ଦେଇଛି।

**ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଆଉ ଏକ ମାଇଲଖୁଣ୍ଟ**

# ରାଜ୍ୟରେ ହେବ ଇଭି ଓ ବ୍ୟାଟେରୀ କାରଖାନା

**ଭୁବନେଶ୍ୱର,୧୦।୨ (ସମିସ):** ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ଆଉ ଦି' ପାଦ ଆଗକୁ ବଢ଼ିଛି। ଓଡ଼ିଶାକୁ ପୂର୍ବ-ଭାରତର ମାନୁଫାକ୍ଚରିଂ ବା ବିନିର୍ମାଣ ହବ୍ ଭାବେ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ରଖିଥିବା ଲକ୍ଷ୍ୟ ଏବେ ଦ୍ରୁତଗତିରେ ଅଗ୍ରସର ହେଉଛି। ଇସ୍ପାତ, ଆଲୁମିନିୟମ୍, ଆଇଟି, ପେଟ୍ରୋକେମିକାଲ୍ସ, ବୟନ, ସିମେଣ୍ଟ ଏବଂ ସୌରଶକ୍ତି ଆଦି ବିଭିନ୍ନ କ୍ଷେତ୍ର ପରେ ରାଜ୍ୟ ଏବେ ଅଟୋ-ମୋବାଇଲ କ୍ଷେତ୍ରରେ ବଡ଼ ନିବେଶ ଆକୃଷ୍ଟ କରିଛି। ଓଡ଼ିଶାରେ ପ୍ରତିଷ୍ଠା ହେବ ପ୍ରଥମ ଅଟୋ ମୋବାଇଲ ପ୍ଲାଣ୍ଟ। ଏହାପୁଣି ଇଲେକ୍ଟ୍ରିକ ଭେଇକିଲ୍ (ଇଭି) ବା ବୈଦ୍ୟୁତିକ ଯାନର। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ କଟକ ଏବଂ ପାରାଦୀପଠାରେ ସ୍ଥାପନ କରିବ ଏକ ମେଗା ସମନ୍ୱିତ ଇଭି ବ୍ୟାଟେରୀ ଉତ୍ପାଦନ ପ୍ଲାଣ୍ଟ। ଏ ନେଇ ଆଜି ଲୋକସେବା ଭବନରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

କଟକ ନରାଜଠାରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଇଭି ଓ ଇଭି ବ୍ୟାଟେରୀ ଏବଂ ପାରାଦୀପଠାରେ ଇଭି ଯନ୍ତ୍ରାଂଶ ନିର୍ମାଣ କରିବ। ଏହି ପ୍ରକଳ୍ପରେ କମ୍ପାନୀ ୪୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଏହାଦ୍ୱାରା ୧୧ରୁ ୧୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅକ୍ଟୋବରରେ ଏହି ମେଗା ପ୍ରକଳ୍ପର ଶିଳାନ୍ୟାସ ହେବ ଏବଂ ୩ ବର୍ଷ ଭିତରେ ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଛି। ପରବର୍ତ୍ତୀ ପିଢ଼ିର ଆର୍ଥିକ ବିକାଶ ପାଇଁ ଏହା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଶିଳ୍ପ ଉତ୍କର୍ଷ ଏବଂ ଚିରସ୍ଥାୟୀ ବିକାଶ କ୍ଷେତ୍ରରେ ଆଜିର ଦିନ ଓଡ଼ିଶାର ଜୟଯାତ୍ରାକୁ ଆଗେଇନେବ ବୋଲି ସେ କହିଛନ୍ତି।




ଦେଶର ଅଟୋ-ମୋବାଇଲ ଶିଳ୍ପରେ ପ୍ରଥମଥର ପାଇଁ ପାଦ ଥାପିବ ଜେଏସଡବ୍ଲ୍ୟୁ। ଏକ ସିଙ୍ଗଲ ଲୋକେସନ୍‌ରେ ଓଡ଼ିଶାରେ ବିଶ୍ୱର ସର୍ବବୃହତ ବ୍ୟାଟେରୀ ପ୍ରସ୍ତୁତ କାରଖାନା ନିର୍ମାଣ କରିବ ଗ୍ରୁପ। ଶିଳ୍ପ ସମୃଦ୍ଧ ପଥରେ ଆଗେଇ ଚାଲୁଥିବା ଓଡ଼ିଶାର ନରାଜଠାରେ ହେବାକୁ ଥିବା ଏହି ଇଭି କମ୍ପ୍ଲେକ୍ସରେ କମ୍ପାନୀ ଇଭି ସହ ଇଭି ବ୍ୟାଟେରୀ ଉତ୍ପାଦନ କରିବ। ଇଭି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମୋଟ ୧୩ଶହ ଏକର ଜମି ଯୋଗାଇଦେବେ। ନରାଜରେ ଇଭି ପ୍ଲାଣ୍ଟ ପାଇଁ ୯୦୦ଏକର ଓ ପାରାଦୀପରେ ଇଭି ଯନ୍ତ୍ରାଂଶ ପ୍ଲାଣ୍ଟ ପାଇଁ ୪୦୦ଏକର ଜମି ପ୍ରଦାନ କରିବେ ରାଜ୍ୟ ସରକାର। ଉଭୟ ଯାତ୍ରୀବାହୀ ଏବଂ ବାଣିଜ୍ୟିକ ଯାନ (ବସ, ଟ୍ରକ୍ ଓ କାର) ଏଠାରୁ ଉତ୍ପାଦନ ହେବ। ଏହି ପ୍ରକଳ୍ପ ଅଧୀନରେ ୫୦ ଗିଗାଓ୍ୱାଟ୍ ଆୱାର(ଜିଡବ୍ଲ୍ୟୁଏଚ୍) କ୍ଷମତା ବିଶିଷ୍ଟ ବ୍ୟାଟେରୀ ମାନୁଫାକ୍ଚରିଂ ୟୁନିଟ ପ୍ରତିଷ୍ଠା ହେବ। ବ୍ୟାଟେରୀ ପଇଁ କମ୍ପାନୀ ଚିଲିରୁ କପର୍ ଏବଂ ଅଷ୍ଟ୍ରେଲିଆରୁ ଲିଥିୟମ୍ ଆଣିବ ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ସୂଚନା ଦେଇଛନ୍ତି। ଉପରୋକ୍ତ ପ୍ରକଳ୍ପରେ ଇଭି ବ୍ୟାଟେରୀ ପ୍ଲାଣ୍ଟ ବ୍ୟତୀତ ଲିଥିୟମ୍ ଇଫାଇନାରୀ, କପର୍ ସ୍ମେଲଟର୍ ଏବଂ ଏ ସମ୍ପର୍କିତ ଯନ୍ତ୍ରାଂଶ ନିର୍ମାଣକାରୀ ୟୁନିଟ୍ ରହିବ।

ପ୍ରସ୍ତାବିତ ପ୍ରକଳ୍ପ ଉପରେ ସୂଚନା ଦେଇ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି ଯେ ଏହି ପ୍ରକଳ୍ପ ବହୁତ ବଡ଼ ପ୍ରକଳ୍ପ ହେବ। ଏହା ବିଶ୍ୱର ସବୁଠୁ ବଡ଼ ବ୍ୟାଟେରୀ ଶିଳ୍ପ ହୋଇ ଶିଳ୍ପ କ୍ଷେତ୍ରରେ ବୃହତ୍ ପରିବର୍ତ୍ତନ ଆଣିବ। ପରିବେଶ ମଞ୍ଜୁରୀ ମିଳିଯିବା ପରେ ଅକ୍ଟୋବରରୁ ପ୍ରକଳ୍ପ କାମ ଆରମ୍ଭ ହେବ। ଆସନ୍ତା ତିନି ବର୍ଷ ମଧ୍ୟରେ ଏଠାରୁ ଇଭି ଯାନ ଉତ୍ପାଦନ ଆରମ୍ଭ ହୋଇଯିବ। ଏଠାରୁ ଉଭୟ ବାଣିଜ୍ୟିକ ଏବଂ ଯାତ୍ରୀବାହୀ ଯାନ ପର୍ଯ୍ୟାୟକ୍ରମେ ନିର୍ମାଣ ହେବ। ଅଷ୍ଟ୍ରେଲିଆ, ଥାଇଲାଣ୍ଡ, ବାଂଲାଦେଶ ଓ ମାଲେସିଆ ବଜାରକୁ ଗାଡ଼ି ରପ୍ତାନି କରାଯିବ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ଏହି ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇପିକଲ୍ ଏମ୍‌ଡି ଭୂପିନ୍ଦର ସିଂହ ପୁନିଆ ଏବଂ ଅନ୍ୟ ବିଭାଗୀୟ ପ୍ରମୁଖ ସଚିବ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

- ଜେଏସ୍‌ଡବ୍ଲ୍ୟୁ ନରାଜରେ ପ୍ରତିଷ୍ଠା କରିବ ଇଭି କମ୍ପ୍ଲେକ୍ସ
- ପାରାଦୀପରେ ତିଆରି ହେବ ଇଭି ଯନ୍ତ୍ରାଂଶ
- ଓଡ଼ିଶା ସରକାର ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ
- ନିବେଶ ହେବ ୪୦ ହଜାର କୋଟି
- ୧୧ ହଜାର ଲୋକଙ୍କୁ ମିଳିବ ନିଯୁକ୍ତି
- ପରବର୍ତ୍ତୀପିଢ଼ିର ଆର୍ଥିକ ବିକାଶରେ ନିର୍ଣ୍ଣାୟକ ଭୂମିକା ନେବ: ମୁଖ୍ୟମନ୍ତ୍ରୀ
- ଓଡ଼ିଶାରେ ୧.୨୫ଲକ୍ଷ କୋଟି ନିବେଶ ଯୋଜନା: ସଜ୍ଜନ୍ ଜିନ୍ଦଲ

# ଏଚ୍‌ଆଇଭି ସଂକ୍ରମିତଙ୍କୁ ଆପଣାଇଥିଲେ ସୁଜ୍ଞାନ: ପାଣ୍ଡିଆନ

**ଭୁବନେଶ୍ୱର, ୧୦।୨(ସମିସ):** ଖଲିକୋଟ ରାଣୀ ତଥା ୧୦ ଥର ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓ ଜଣେ ସଫଳ ରାଜନେତା ଭାବେ ଯେତିକି ଜଣାଶୁଣା, ସମାଜ ସେବା କ୍ଷେତ୍ରରେ ନିଜର ଅବଦାନ ପାଇଁ ମଧ୍ୟ ବେଶ୍ ଚର୍ଚ୍ଚିତ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଗଞ୍ଜାମର ଜିଲ୍ଲାପାଳ ଥିବା ବେଳର ସ୍ମୃତିକୁ ମନେପକାଇ ସେ କହିଛନ୍ତି, ଯେତେବେଳେ ଗଞ୍ଜାମରେ ଏଚ୍‌ଆଇଭି/ଏଡସ୍ ଶୀର୍ଷରେ ରହିଥିଲା ଏବଂ ଏହା ସହିତ ସାମାଜିକ ଅପନିନ୍ଦା ଜଡିତ ଥିଲା, ସେତେବେଳେ ଏହା ବିରୋଧରେ ଜନଜାଗରଣ ଆରମ୍ଭ କରିଥିଲେ ସୁଜ୍ଞାନ କୁମାରୀ । ଏଚ୍‌ଆଇଭି ସଂକ୍ରମିତଙ୍କୁ ସମାଜ ନିଜଠାରୁ ଦୂରେଇ ଦେଉଥିବା ସମୟରେ ସୁଜ୍ଞାନ ଏହି ଅପପ୍ରଥା ବିରୋଧରେ ଅଭିଯାନ ଚଳାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ତଥା ରାଣୀ



ମା' ସ୍ୱର୍ଗତା ଦେବୀ ଯେପରି ଭାବେ ଏଚ୍‌ଆଇଭି ସଂକ୍ରମିତଙ୍କ ସହିତ ବସି ଭୋଜନ କଲେ ତାହା ନୂଆ ଉଦାହରଣ ସୃଷ୍ଟି କରିଥିଲା। ତାଙ୍କର କ୍ରମାଗତ ଉଦ୍ୟମ ଫଳରେ ଗଞ୍ଜାମ ଜିଲ୍ଲାରେ ଏଚ୍‌ଆଇଭି ସଂକ୍ରମିତଙ୍କ ପ୍ରତି ଲୋକଙ୍କ ଧାରଣାରେ ପରିବର୍ତ୍ତନ ଆସିଥିଲା। ଧୀରେଧୀରେ ସେମାନଙ୍କୁ ସମାଜ ଗ୍ରହଣ କରିବା ଆରମ୍ଭ କରିଥିଲା। ଏତିକି ନୁହେଁ ଏଚ୍‌ଆଇଭି ସଂକ୍ରମିତ ଯେପରି ମଧୁ ବାବୁ ପେନସନ୍ ଯୋଜନାରେ ସାମିଲ ହେବେ ସେ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅନୁରୋଧ କରିଥିଲେ। ତାଙ୍କର ଏହି ଉଦ୍ୟମ ଫଳରେ ଏଚ୍‌ଆଇଭି ସଂକ୍ରମିତଙ୍କୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଥିଲା।

# ବିଏସ୍‌କେୱାଇକୁ ସ୍କଚ୍ ଗୋଲ୍ଡ ଆୱାର୍ଡ

**ଭୁବନେଶ୍ୱର, ୧୦।୨(ସମିସ):** ରାଜ୍ୟ ସରକାରଙ୍କ ମହାତ୍ୱାକାଂକ୍ଷୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ମିଳିଛି ଶ୍ରେଷ୍ଠ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପୁରସ୍କାର। ବିଏସ୍‌କେୱାଇକୁ ସ୍ୱର୍ଣ୍ଣ ବର୍ଗରେ ସ୍କଚ୍ ଆୱାର୍ଡ ମିଳିଛି। ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏମ୍, ଓଡ଼ିଶା ନିର୍ଦ୍ଦେଶିକା ଡାକ୍ତର ବୃନ୍ଦା ଡି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ଣ୍ଣ ନିଷ୍ଠା ଓ ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ପୂରଣ ଦିଗରେ ଏହି ପୁରସ୍କାର ରାଜ୍ୟର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଗରିବ ଲୋକଙ୍କୁ ବିନା ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିଥିଲେ। ହିତାଧିକାରୀଙ୍କ ନିଃଶୁଳ୍କ ଚିକିତ୍ସା ପାଇଁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନା ଏବଂ ରାଜ୍ୟ ଭିତରେ ତଥା ବାହାରେ ଥିବା ୭୦୦ରୁ ଅଧିକ ଡାକ୍ତରଖାନାରେ ସରକାର ପ୍ରତି ମାସରେ ୨୨୫ କୋଟି ଟଙ୍କା ବ୍ୟୟ କରୁଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ସମ୍ପାଦିତ ହେଉଛି। ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁନିଶ୍ଚିତ କରାଯାଇଛି।




ତେବେ ଆଉ ଏକ ପାଦ ଆଗକୁ ଯାଇ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ସାମିଲ କରିବା ପାଇଁ ବିଏସ୍‌କେୱାଇ ନବୀନ କାର୍ଡର ପ୍ରଚଳନ କରିବାକୁ ଯାଉଛନ୍ତି। ଆଗାମୀ ବଜେଟରେ ବିଏସ୍‌କେୱାଇ ପାଇଁ ସରକାର ୫୪୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

## ଲୋକକଥା



ଘରେ ଘରେ ଏବେ ଶଙ୍ଖ ବାଜିଲାଣି  
ପ୍ରଭାବ ବଢ଼ାଏ ବିଜେଡି,  
ବାକି ଦଳଙ୍କର ବିକଳ ଅବସ୍ଥା  
ସ୍ଥିତି ଯାଏ ତାଙ୍କ ଉବୁଡ଼ି !  
ଭୋଟର ଯାଆନ୍ତି ବିଗିଡ଼ି,  
ଆଉ କେଇଦିନ ଭୋଟ ରହିଲା  
ଚେଳମୂଳ ଯିବ ଉପୁଡ଼ି !!

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜନଜାତି ଲୋକଙ୍କ ଭାଗିଦାରୀକୁ ନେଇ ମହା ସମାବେଶ**

# ଜନଜାତି କଳା ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିଛି

**ଭୁବନେଶ୍ୱର, ୧୦।୨ (ସମିସ):** ଆଦିବାସୀ ସଂସ୍କୃତିର ସଂରକ୍ଷଣ ତଥା ସେମାନଙ୍କ ପରିଚୟ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି)ର ସଫଳତାକୁ ଅଧିକ ପ୍ରଭାବଶାଳି କରିବା ସହ ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ସହଭାଗିତାକୁ ଗୁରୁତ୍ୱ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ହିତାଧିକାରୀଙ୍କ ଏକ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି।

ଏହି ମହା ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ,



ଏସଡିସି ଜରିଆରେ ଓଡ଼ିଶା ଏହି ନିଆରା ପଦକ୍ଷେପ ଗ୍ରହଣ କରିବା ସହ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ପରିବେଶକୁ ସଂରକ୍ଷଣ କରିବାର ଗୌରବ ଅର୍ଜନ କରିଛି। ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧,୭୫୦ ହିତାଧିକାରୀଙ୍କ ସମେତ ୨୩ଟି ଏସଡିସିର ପ୍ରାୟ ୨,୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ।

୧୩ଟି ଆଦିମ ଜନଜାତି ବା ପିଭିଟିଜି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟର ସାମାଜିକ-

**ଜନଜାତି ସଂସ୍କୃତିର ସଂରକ୍ଷଣ ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ : ମୁଖ୍ୟମନ୍ତ୍ରୀ**

ସାଂସ୍କୃତିକ ଆବଶ୍ୟକତାକୁ ପୂରଣ କରିବାରେ ଆମେ ଏସଡିସିମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଓଡ଼ିଶାର ସାମଗ୍ରିକ ସଂସ୍କୃତିକୁ ଜନଜାତି କଳା ଓ ସଂସ୍କୃତି ସମୃଦ୍ଧ କରିଛି। ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ ୧୧ ହଜାରରୁ ଅଧିକ ପବିତ୍ର ପୂଜାସ୍ଥଳୀର ସଂରକ୍ଷଣ ▶ପୃଷ୍ଠା-୧୩

# ବଢ଼ିଲା ଇପିଏଫ୍ ସୁଧହାର

■ **ନୂଆଦିଲ୍ଲୀ,୧୦।୨ (ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ୨୦୨୩-୨୪ ଆର୍ଥିକବର୍ଷ ନିମନ୍ତେ ଏହାର ସୁଧହାରକୁ ୮. ୨୫%କୁ ବୃଦ୍ଧି କରିଛି। ବିଗତ ୩ ବର୍ଷ ମଧ୍ୟରେ ଏହା ହେଉଛି ସଂଗଠନ ଦ୍ୱାର ପ୍ରଦତ୍ତ ସର୍ବାଧିକ ସୁଧହାର ଇପିଏଫ୍ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ର ୨୩୫ ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂଗଠନର ଏହି ନିଷ୍ପତ୍ତି ଇପିଏଫ୍ଓର ପାଖାପାଖି ୭ କୋଟି ସଦସ୍ୟଙ୍କୁ ଲାଭ ଦେବ। କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ କରିଥିବା ସୁପାରିଶ ଅନୁଯାୟୀ, ଚଳିତଥର ସଂଗଠନ ସୁଧହାରକୁ ୮.୧୫%ରୁ ବଢ଼ାଇ ୮.୨୫ ପ୍ରତିଶକୁ ବୃଦ୍ଧି କରିଛି। ୨୦୨୧-୨୨ରେ ଇପିଏଫ୍ ସୁଧହାର ୮.୧ ପ୍ରତିଶତ ରହିଥିବାବେଳେ ୨୦୨୨-୨୩ରେ ୮.୧୫ ପ୍ରତିଶତ ଓ ୨୦୨୩-୨୪ରେ ଏହାକୁ ବୃଦ୍ଧି କରି ୮.୨୫ ପ୍ରତିଶତ କରାଯାଇଛି। ସିବିଟିର ନିଷ୍ପତ୍ତି ପରେ, ୨୦୨୩-୨୪ ପାଇଁ ଇପିଏଫ୍ ଜମା ଉପରେ ସୁଧ ହାର ସମ୍ବନ୍ଧୀୟ ନିଷ୍ପତ୍ତି ଅନୁମୋଦନ ପାଇଁ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଯିବ। ସରକାରଙ୍କ ଅନୁମୋଦନ ପରେ, ସୁଧ ହାର ଇପିଏଫ୍ଓ ର ସଦସ୍ୟଙ୍କ ଆକାଉଣ୍ଟରେ ଜମା ହେବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୧-୨୨ରେ ଘୋଷିତ ଇପିଏଫ୍ ସୁଧହାର ବିଗତ ୪ ଦଶନ୍ଧୀରେ ସବୁଠାରୁ କମ୍ ରହିଥିଲା।

**୨୦୨୩-୨୪ ନିମନ୍ତେ ସୁଧ ୮.୨୫%**


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-227 ◆BHUBANESWAR ◆SUNDAY ◆11 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୭ ◆ଭୁବନେଶ୍ୱର ◆ରବିବାର ◆୧୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)




# ୨୦ରୁ ମାଟ୍ରିକ ପରୀକ୍ଷା; ୱେବସାଇଟ୍‌ରେ ପ୍ରବେଶପତ୍ର ଉପଲବ୍ଧ

■ ୩୨, ୭୮୦ ପରୀକ୍ଷାର୍ଥୀଙ୍କ ପାଇଁ ୧୭୯ କେନ୍ଦ୍ର
■ ୫୦ଟି ଉତ୍ତେଜନା ପ୍ରବଣ କେନ୍ଦ୍ର ଚିହ୍ନଟ




ବାରିପଦା, ୧୦।୨(ସମିସ): ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ ପରୀକ୍ଷା ଆସନ୍ତା ୨୦ତାରିଖଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖରେ ଶେଷ ହେବ। ମୟୂରଭଞ୍ଜ ଜିଲ୍ଲାର ୬୧୪ଟି ହାଇସ୍କୁଲର ୩୨, ୭୮୦ ଜଣ ପରୀକ୍ଷାର୍ଥୀ ୧୭୯ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପ୍ରବେଶିକାପତ୍ର ବା ଆଡମିଟ କାର୍ଡ ୱେବ୍‌ସାଇଟ୍‌ରେ ଶନିବାରଠାରୁ ଉପଲବ୍ଧ ହୋଇଛି। ଫର୍ମପୂରଣ କରିଥିବା ଛାତ୍ରଛାତ୍ରୀଙ୍କ ପ୍ରବେଶପତ୍ରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ବୋର୍ଡ ୱେବସାଇଟରୁ ଡାଉନ୍‌ଲୋଡ କରିବା ଆରମ୍ଭ କରିଛନ୍ତି। ପରୀକ୍ଷା ନିମନ୍ତେ ଜିଲ୍ଲାରେ ହୋଇଥିବା ୨୧ଟି ନୋଡାଲ ସେଣ୍ଟର ଅଧୀନରେ ୫୭ଟି ଡେସପାଚିଂ ଟିମ୍ ନିୟୋଜିତ ରଖାଯାଇଛି। ଏହି ନୋଡାଲ ସେଣ୍ଟରଗୁଡ଼ିକ ମଧ୍ୟରୁ ବାରିପଦାର ଏମକେସି ହାଇସ୍କୁଲରେ ୧୨ଟି, ଧନପୁରର ଏଲଏମପି ହାଇସ୍କୁଲରେ ୬ଟି, ରାସଗୋବିନ୍ଦପୁର ବିନୋଦରାୟ ବିଦ୍ୟାପୀଠରେ ୬ଟି, ମୋରଡାର ଗୋପବନ୍ଧୁ ସରକାରୀ ନୋଡାଲ ହାଇସ୍କୁଲରେ ୧୧ଟି, ବେତନଟୀର ଏମପିସି ହାଇସ୍କୁଲରେ ୧୩ଟି, ବଡସାହି ନୂତନ ସରକାରୀ ହାଇସ୍କୁଲରେ ୬ଟି, ବାଙ୍ଗିରିପୋଷି ନୂତନ ସରକାରୀ ନୋଡାଲ ହାଇସ୍କୁଲରେ ୬ଟି, କୁଲିଅଣାର ଜେଏଲ ନୂତନ ସରକାରୀ ହାଇସ୍କୁଲରେ ୬ଟି, ଶୀର୍ଷା ସରକାରୀ ହାଇସ୍କୁଲରେ ୬ଟି, ଶୁଳିଆପଦା ନୂତନ ସରକାରୀ ହାଇସ୍କୁଲରେ ୮ଟି, ଉଦଳା ହାଇସ୍କୁଲରେ ୬ଟି, ଖୁଣ୍ଟା ହାଇସ୍କୁଲରେ ୧୨ଟି, କପ୍ତିପଦା ହାଇସ୍କୁଲରରେ ୯ଟି, ତିରିଂ ହାଇସ୍କୁଲରେ ୪ଟି, ବହଳଦା ହାଇସ୍କୁଲରେ ୧୦ଟି, ରାଇରଙ୍ଗପୁର ହାଇସ୍କୁଲରେ ୧୨ଟି, ଯଶିପୁର ସରକାରୀ ହାଇସ୍କୁଲରେ ୧୦ଟି, କରଞ୍ଜିଆ ହାଇସ୍କୁଲରେ ୭ଟି, ରରୁଆଁ ନୂତନ ସରକାରୀ ହାଇସ୍କୁଲରେ ୧୧ଟି, ଠାକୁରମୁଣ୍ଡା ନୂତନ ସରକାରୀ ହାଇସ୍କୁଲରେ ୯ଟି ଏବଂ ବିଶୋଇ ସରକାରୀ ହାଇସ୍କୁଲରେ ୭ଟି ପରୀକ୍ଷା କେନ୍ଦ୍ରକୁ ରଖାଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମଧ୍ୟମା (ସଂସ୍କୃତ) ପରୀକ୍ଷା ମଧ୍ୟ ଆଗାମୀ ୨୦ତାରିଖରୁ ଆରମ୍ଭ ହେବ। ଜିଲ୍ଲାର ୯ଟି ସଂସ୍କୃତ ବିଦ୍ୟାଳୟର ୩୨୨ ଜଣ ପରୀକ୍ଷାର୍ଥୀ ୮ଟି କେନ୍ଦ୍ରରେ ଏହି ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ମଧ୍ୟ ଆଗାମୀ ୨୦ ତାରିଖ ଠାରୁ ପରୀକ୍ଷା ଆରମ୍ଭ ହେବା ସହ ଜିଲ୍ଲାର ୧୭ଟି ଶିକ୍ଷାନୁଷ୍ଠାନର ୩୯୩ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୪ଟି କେନ୍ଦ୍ର କରାଯାଇଛି। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସର୍ବାଧିକ ୩୫୧ ଜଣ ପରୀକ୍ଷାର୍ଥୀ ଥିବାବେଳେ ଯଶିପୁର ବ୍ଲକ ଅନ୍ତର୍ଗତ ଶିମିଳିପାଳ ଆଭ୍ୟନ୍ତରର ଠାକୁରଗୋଡା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରର ସର୍ବନିମ୍ନ ୭୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ବାରିପଦା ଭଞ୍ଜପୁର ହାଇସ୍କୁଲର କେନ୍ଦ୍ରରେ ସର୍ବନିମ୍ନ ୫୨ଜଣ ଏସଓଏସସି ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲ୍ଲାର ମୋଟ ୧୭୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୫୦ଟି ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଉଛି। କପି ରୋକିବା ସହିତ ଶାନ୍ତିଶୃଙ୍ଖଳା ସକାଶେ ପ୍ରତିଟି ପରୀକ୍ଷା କେନ୍ଦ୍ରକୁ ସିସିଟିଭି ସ୍କାନରରେ ରଖାଯିବା ସହିତ ପ୍ରତି କେନ୍ଦ୍ରରେ ପୁଲିସ ଓ ପ୍ରଶାସନ ତରଫରୁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତି ହେବେ। ଏଥିସହିତ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଆରକ୍ଷୀ ଅଧିକାରୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଗଠିତ ସ୍କ୍ୱାଡ ଟିମ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବେ। ଅବାଧ ଓ ନିରପେକ୍ଷ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ କେନ୍ଦ୍ର ଅଧୀକ୍ଷକ ଓ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବା ବ୍ୟବସ୍ଥା ହେବ। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାରର ତ୍ରୁଟିବିଚ୍ୟୁତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା, ୧୦।୨(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ଶ୍ରୀ ନାୟକ ଜିଲ୍ଲାର ସମସ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସମସ୍ତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି। ଏଥିସହିତ ବାରିପଦା ଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ ମାଧ୍ୟମରେ ସୂଚନା ଦେଇଥିଲେ। ଗସ୍ତର ପ୍ରଥମ ଦିନରେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସହିତ କରଞ୍ଜିଆ ସ୍ଥିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଯଶିପୁର ସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲେ। ପାଞ୍ଚପିଢ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିହାର ରଞ୍ଜନ ସେଠୀ, ବରିଷ୍ଠ ଗ୍ରନ୍ଥାକର, ପ୍ରଦୀପ୍ତ ସେନାପତି ଏବଂ ଲିପିକାର, ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ନାୟକ ଏବଂ ଶ୍ରୀ ପାଣି ରାଇରଙ୍ଗପୁର ସ୍ଥିତ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ସୂଚନା କେନ୍ଦ୍ର ଓ ପାଠାଗାର ନିରୀକ୍ଷଣ କରିଥିଲେ। ଏଥି ସହିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ କାର୍ଯ୍ୟ ଦକ୍ଷତା ଏବଂ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା ଶୈଳୀକୁ ପ୍ରଶଂସା କରିଥିଲେ। ପରେ ଉପନିର୍ଦ୍ଦେଶକ ବାରିପଦା ଜିଲ୍ଲା କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟକାରିତା ଓ କାର୍ଯ୍ୟରେ ତ୍ୱରିତକରଣ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପାଣିଙ୍କୁ ଉପଦେଶ ଦେଇଥିଲେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ନିକ୍ଷେପକ ଶ୍ରୀକାନ୍ତ ବେହେରା, କର୍ମଚାରୀ ଅଜିତ ମହାପାତ୍ର, ଶିବଶଙ୍କର ଦତ୍ତ, ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚଳଚ୍ଚିତ୍ର ନିର୍ଦ୍ଦେଶକ ପରେଶ ସାହୁଙ୍କୁ 'ପଞ୍ଚମବେଦ' ସମ୍ମାନ



ବାରିପଦା, ୧୦।୨(ସମିସ): ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ପଞ୍ଚମ ବେଦ ଅନୁଷ୍ଠାନ ଦ୍ୱାରା ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ବାରିପଦାର ପରେଶ ସାହୁଙ୍କୁ 'ପଞ୍ଚମବେଦ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବାଇଗଣବାଡିଆ ବାବା ବଳିଆ କଲେଜର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଏକାଧାରରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର, ବେତାର ଆକାଶବାଣୀ, ଦୂରଦର୍ଶନ ତଥା ମଞ୍ଚର ଅଭିନେତା ଓ ନିର୍ଦ୍ଦେଶକ। ନିଜର ନିଖୁଣ ଅଭିନୟ ଓ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ଓଡ଼ିଶାର ବିଭିନ୍ନ ନାଟ୍ୟସଂସ୍ଥା ଦ୍ୱାରା ବହୁବାର ପୁରସ୍କୃତ ହୋଇଛନ୍ତି। ଦୂରଦର୍ଶନ ଓ ଓଡ଼ିଆ ସିନେମାରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ ପ୍ରଭାବିତ କରିଛି। ସମ୍ବାଲୁଆ, ନିଶାନ୍ତ, କେନସର, ଛଉ, ଛତା, ସ୍ୱୟଂମ୍ବର, ଫେରିଯାଅ ରାମଚନ୍ଦ୍ର, ବାକ୍ସ, ନାରଦ ଉବାଚ, ମୁକ୍ତାଲାଭ, ଅଙ୍ଗାର, ନୂଆ ସକାଳ, ଗାଁକୁ ଫେରିଚାଲ, ଜନନୀ, ଝରାବଉଳ, ଜିଅନ୍ତା ମଣିଷ ଓ ସ୍ମୃତି ବିସ୍ମୃତି ନାଟକରେ ତାଙ୍କର ସଫଳ ଅଭିନୟ ଓ ନିର୍ଦ୍ଦେଶନା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିସହିତ ଓଡ଼ିଆ ସିନେମା ରଜନୀଗନ୍ଧା, ଗୋପରେ ବଢୁଛି କଳା କହେଁଇ ଓ କଥା ରହିଥିବ କାଳକାଳକୁ ତଥା ଜାତୀୟ ଟିଭି ଚ୍ୟାନେଲରେ ସିରିଏଲ ଯେ ପକ୍ଷୀ ଉଡେ ଯେତେ ଦୂରରେ ମଧ୍ୟ ସେ ଅଭିନୟ କରିଛନ୍ତି। କଳାକାର ଓ କଳାପ୍ରେମୀଙ୍କ ନିକଟରେ ସେ ଖୁଦିଭାଇ ନାମରେ ବେଶ ପରିଚିତ।

## ସଡ଼କ ଦୁର୍ଘଟଣାରେ ୩ ଛାତ୍ର ଆହତ

କରଞ୍ଜିଆ, ୧୦।୨(ସମିସ): କରଞ୍ଜିଆ ଡାବା ନିକଟରେ ଏକ ସଡକ ଦୁର୍ଘଟଣା ଘଟି ୩ ଜଣ ଛାତ୍ର ଆହତ ହୋଇଛନ୍ତି। ଜଣେ ଗୁରୁତର ଛାତ୍ରଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଦୁଇଜଣ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏକ ଅଣ୍ଡା ବୋଝେଇ ଟ୍ରକ ଖୋର୍ଦ୍ଧାରୁ କରଞ୍ଜିଆ ଆସି ଫେରୁଥିବାବେଳେ ଡାବା ନିକଟରେ ସାହାରପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଜଣ ଛାତ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକଟି ଏକ ବିଲ ମଧ୍ୟକୁ ଖସି ଯାଇଥିଲା। ଖବର ପାଇ ପୁଲିସ ପହଞ୍ଚି ଆହତଙ୍କୁ କରଞ୍ଜିଆ ଡାକ୍ତରଖାନା ପଠାଇଥିଲା। ପରେ ପୁଲିସ ଡ୍ରାଇଭର ଛବିନାରାୟଣ ଦାସକୁ ଅଟକ ରଖି ପଚରାଉଚୁରା କରୁଛି। ଆହତ ଛାତ୍ରମାନେ ହେଲେ ବିମଳ ମହାରଣା, ବିକାଶ ଦେହୁର ଓ ଧ୍ୟାନ ଦେହୁରୀ।

● ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ

ବାରିପଦା, ୧୦।୨(ସମିସ): ପାରିବାରିକ କଳହକୁ ନେଇ ସୈତାନ ସାଜିଲା ସ୍ୱାମୀ। ସ୍ତ୍ରୀକୁ ପିଟି ପିଟି ଜୀବନରୁ ମାରିଦେଇଛି ସ୍ୱାମୀ। ଏଭଳି ଏକ ଘଟଣା ବାରିପଦା ଟାଉନ ଥାନା ଅନ୍ତର୍ଗତ କାଳିକାପୁରର ମହାନ୍ତ ସାହି ଅଞ୍ଚଳରେ ଘଟିଛି। ମୃତକ ଜଣକ ହେଲେ ମାଇନା କିସ୍କୁ (୩୯)। ସୂଚନା ଅନୁଯାୟୀ, ମହାନ୍ତ ସାହିର ବାପି ବିନ୍ଧାଣୀଙ୍କୁ ମାଇନା ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଗୋଟିଏ ୯ ବର୍ଷର ସନ୍ତାନ ଅଛି। କାଳିକାପୁର ଅଞ୍ଚଳରେ ସେମାନେ ଦୀର୍ଘଦିନ ରହି ଆସୁଥିଲେ। ତେବେ କିଛି ଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ତେବେ ଶନିବାର ଭୋରୁ ପୂର୍ବର ପାରିବାରିକ କଳହ ଉଗ୍ରରୂପ ନେଇଥିଲା। ସ୍ୱାମୀ ବାପି ବିନ୍ଧାଣି ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ମାଇନା କିସ୍କୁଙ୍କୁ ପ୍ରବଳ ମାଡ ମାରିଥିଲା। ମାଇନା ଚିତ୍କାର କରିବାରୁ ସ୍ଥାନୀୟ ପଡୋଶୀ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପରେ ସ୍ଥାନୀୟ ଲୋକେ ଟାଉନ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି। ତେବେ ଘରୋଇ କଳହରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଯାତ୍ରା ପଡ଼ିଆରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରିପଦା, ୧୦।୨(ସମିସ): ବାରିପଦା ସଦର ଥାନା ଅଞ୍ଚଳ ଗାଁ ପଡ଼ିଆରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ଯୁବକଙ୍କ ମୃତଦେହ ଶନିବାର ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅଧୀନ କେନ୍ଦୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶରତଚନ୍ଦ୍ରପୁର ଗ୍ରାମର ବଙ୍ଗଳାସାହିର ଶିବଶଙ୍କର ମହାନ୍ତ(୩୫)। ସୂଚନା ଅନୁଯାୟୀ, ଶୁକ୍ରବାର ଗାଁ ନିକଟରେ ଡାବୁଲ ନାଚ ଦେଖିବା ପାଇଁ ଶିବଶଙ୍କର ପରିବାର ସହିତ ଯାଇଥିଲେ। ତେବେ ପରିବାର ଲୋକେ ଘରକୁ ଫେରି ଆସିଥିବା ବେଳେ ସେ ରହି ଯାଇଥିଲେ। ଶନିବାର ସକାଳୁ ଶିବଶଙ୍କରଙ୍କ ମୃତଦେହ ଗାଁ ଯାତ୍ରାପଡ଼ିଆରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପତ୍ନୀ ସବିତା ମହାନ୍ତଙ୍କୁ ଖବର ଦେଇଥିଲେ। ତେବେ ଶିବଶଙ୍କରଙ୍କୁ ଦୁର୍ବୃତ୍ତମାନେ ରାତିରେ ହତ୍ୟା କରି ପଡ଼ିଆରେ ପକାଇଦେଇଥିବା ନେଇ ପତ୍ନୀ ସବିତା ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରି ଲ୍ୟାବକୁ ପଠାଇଛି।

## ୩ ଧାନ ବୋଝେଇ ଟ୍ରକ ଜବତ କଲା ଯୋଗାଣ ବିଭାଗ

ବାରିପଦା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଜିଲ୍ଲାର ୨ଟି ସ୍ଥାନରେ ଚଢଉ କରାଯାଇ ୬୭୨ କ୍ୱିଣ୍ଟାଲ ଧାନ ସମେତ ୩ଟି ଟ୍ରକକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜିଲ୍ଲା ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଝାରପୋଖରିଆ ସ୍ଥିତ ଟୋଲ ପ୍ଲାଜା ନିକଟରେ ଚଢ଼ଉ କରି ଟ୍ରକ ଯାଞ୍ଚ କରାଯାଇଥିଲା। ଉକ୍ତ ସମୟରେ ଦୁଇଟି ଟ୍ରକକୁ ଜବତ କରିବା ସହ ଉଭୟ ଟ୍ରକ୍‌ରେ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ବେଆଇନ ଭାବେ ଧାନ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପରେ ଯୋଗାଣ ବିଭାଗ ଜବତ କରିଥିଲା। ସେହିପରି ରାଇରଙ୍ଗପୁର ପୌରାଞ୍ଚଳରୁ ଜିଲ୍ଲା ବାହାରକୁ ଚାଲାଣ କରାଯାଉଥିବା ବେଳେ ଯୋଗାଣ ବିଭାଗ ଏକ ଟ୍ରକକୁ ଜବତ କରିବା ସହିତ ସେଥିରୁ ୨୩୦ କ୍ୱିଣ୍ଟାଲ ୮୦ କିଲୋ ଧାନ ଜବତ କରିଛି। ତେବେ ଚଳିତ ବର୍ଷ ଖରିଫ ଋତୁରେ ଅଦ୍ୟାବଧି ଜିଲ୍ଲାରୁ ୧୨ ଲକ୍ଷ ୪୩ ହଜାର ୩୧୧ କ୍ୱିଣ୍ଟାଲ ଧାନ ପଞ୍ଜିକୃତ ଚାଷୀଙ୍କଠାରୁ ଧାର୍ଯ୍ୟ ସରକାରୀ ମୂଲ୍ୟରେ କିଣା ଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ଜାତୀୟ ସେବା ଯୋଜନା ପାଣ୍ଠିର ବିନିଯୋଗ ନେଇ ତାଲିମ ଶିବିର




ବାରିପଦା, ୧୦।୨(ସମିସ): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମୟୂରଭଞ୍ଜ ଓ କେନ୍ଦୁଝରର ସମସ୍ତ କଲେଜର କାର୍ଯ୍ୟକ୍ରମ ଅଧିକାରୀ ଏବଂ ସହଯୋଗୀଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିରୋ ବାଲାନ୍ସ ସହାୟକ ଆକାଉଣ୍ଟ ଓ ଜନସାଧାରଣ ଆର୍ଥିକ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଜାତୀୟ ସେବା ଯୋଜନା ପାଣ୍ଠିର ଉପଯୋଗ କିପରି କରିବା ସେ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ମୟୂରଭଞ୍ଜ ଜିଲ୍ଲାର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଶ୍ରୀମା' କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ମହାବିଦ୍ୟାଳୟର ୫୭ ଜଣ ଓ ଦ୍ୱିତୀୟ ଦିନରେ କେନ୍ଦୁଝର କଲେଜର ୩୪ ଜଣ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କ ସହଯୋଗୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ହାଁସଦା ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ଜାତୀୟ ସେବା ଯୋଜନାର ସଙ୍ଗୀତ ଗାନ କରିଥିଲେ। ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ରୂପେ ବିଶ୍ୱବିଦ୍ୟାଳୟର କୁଳସଚିବ ସହଦେବ ସମାଦିଆ ଓ ଆକାଉଣ୍ଟାଣ୍ଟ ଶୁକଦେବ ତରାଇ ଯୋଗଦାନ କରିଥିଲେ। ଭବାନୀପାଟଣାର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରଶିକ୍ଷକ ଅଜିତ କୁମାର ବାଇଥାରୁ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କ ସହଯୋଗୀମାନେ ତାଲିମ ଦେଇଥିଲେ। ଶେଷରେ ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଟେରାନ୍ ଟି-୧୦ କ୍ରିକେଟ୍ ଉଦ୍‌ଘାଟିତ



ବାରିପଦା, ୧୦।୨(ସମିସ): ବାରିପଦା ଷ୍ଟାଡିୟମ ପଡ଼ିଆରେ ୧ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧ ନଂ. ୱାର୍ଡର ୬ ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ଭିଆରସିସି ଦଳ ଭିଏସିସି ଦଳକୁ ୧୦ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭିଏସିସି ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୭୨ ରନ କରିଥିଲା। ଜବାବରେ ଭିଆରସିସି ୪ ଓଭରରେ କୌଣସି ଉଇକେଟ ନ ହରାଇ ୭୭ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ସଙ୍ଗମ ନାୟକ ୩୫ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଭିଏସସିସି ଦଳ ଭିଡିସିସିକୁ ୮ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭିଡିସିସି ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୧୧୨ ରନ କରିଥିଲା। ଉତ୍ତରରେ ଭିଏସସିସି ଦଳ ୬.୩ ଓଭରରେ ୨ ଉଇକେଟ ହରାଇ ୧୧୪ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଆଶିଷ ସେଠୀ ୭୪ ରନ କରିଥିବା ବେଳେ ଦୀପକ ବାରିକ ୩ ଟି ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ମ୍ୟାଚରେ ଭି ଟି ସି ସି ଦଳ ଭି ବି ସି ସି ଦଳକୁ ୪୩ ରନରେ ପରାସ୍ତ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଭି ଟି ସି ସି ଦଳ ୧୦ ଓଭରରେ ୩ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ। ଉତ୍ତରରେ ଭି ବି ସି ସି ଦଳ ୧୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୮୦ ରନ ସଂଗ୍ରହ କରିପାରିଥିଲେ। ରାଜୀବ ଲୋଚନ ପ୍ରଧାନ ୫୫ ରନ କରିଥିଲେ। ବୁବୁନ ବାରିକ, ଅନିଲ ମହାପାତ୍ର, ଦୀପକ କୁମାର ଗିରି ଓ ଦୀପକ କୁମାର ବାରିକ ଖେଳ ପରିଚାଳନା କରିଥିଲେ। ଅନିଶ ମିଶ୍ର ସ୍କୋରିଂରେ ସହାୟତା କରିଥିଲେ। ଦୀପକ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଯୋଗ ଦେଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠୀ ଓ ବରିଷ୍ଠ ଖେଳାଳି କୈଳାଶ ଚନ୍ଦ୍ର ବେହେରା ଖେଳକୁ ଉଦଘାଟନ କରିଥିଲେ। କ୍ଷିତୀଶ ଚନ୍ଦ୍ର ମହାକୁଡ଼ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

## ଏଏସ୍‌ଓରେ ଦ୍ୱିତୀୟ ସ୍ଥାନରେ ରହି ନିଯୁକ୍ତି ପାଇଲେ ଜାଗୃତି



ବାରିପଦା, ୧୦।୨(ସମିସ): ସହକାରୀ ଉପବିଭାଗ ଅଧିକାରୀ (ଏଏସଓ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବାରିପଦା ପୋଡା ଅସ୍ତିଆ ଅଞ୍ଚଳର ନିବାସୀ ଚନ୍ଦନ କୁମାର ସାହୁ ଓ ଜୟନ୍ତୀ ବେହେରାଙ୍କ ଝିଅ ଜାଗୃତି ସାହୁ (୨୭)ଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ପ୍ରତିଦିନ ୧୦ରୁ ୧୨ଘଣ୍ଟା ଧରି ପରିଶ୍ରମ କରୁଥିଲେ। ପ୍ରଥମ ଥର ପରୀକ୍ଷାରେ ହିଁ କୃତକାର୍ଯ୍ୟ ହୋଇଥିଲେ। ବଡ଼ସାହି ବ୍ଲକ ଅନ୍ତର୍ଗତ ସାନକେରକୋ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପଢ଼ିବା ପରେ ଶାଳବଣି ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷା ଶେଷ କରି ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଗ୍ରି ବିଜନେସରେ ଏମବିଏ ଶିକ୍ଷା ଗ୍ରହଣ କରିଛନ୍ତି। ପରେ ଶ୍ୟାମାଖୁଣ୍ଟା ବ୍ଲକରେ ଅତିରିକ୍ତ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗରେ ଆସିଷ୍ଟାଣ୍ଟ ଅଡ଼ିଟର ଭାବେ କାର୍ଯ୍ୟ କରିଛନ୍ତି। ତେବେ ସେ ଚାକିରି ଛାଡ଼ି ଏଏସଓ ନେଇ ପ୍ରସ୍ତୁତି ଆରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସଚିବାଳୟ ସେବା କ୍ୟାଡ଼ରରେ ଶୁକ୍ରବାର ରାଜ୍ୟର ୭୧୬ଜଣ ସହକାରୀ ଉପ ବିଭାଗ ଅଧିକାରୀ (ଏଏସଓ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ନିଯୁକ୍ତି ପତ୍ର ପାଇଛନ୍ତି। ଏହି ସଫଳତା ପାଇଁ ବେଶ ଖୁସି ଥିବାବେଳେ ଶ୍ରେୟ ପିତାମାତା, ଭଗବାନ ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ମନରେ ନିଷ୍ଠା ରଖି କଠିନ ପରିଶ୍ରମ କରିବା ଦ୍ୱାରା ସଫଳତା ନିଶ୍ଚିତ ମିଳିଥାଏ ବୋଲି ସେ କହିଛନ୍ତି।

ଗମ୍ଭାରିଆ-ଜଗନ୍ନାଥପୁର ପିଚୁ ରାସ୍ତା ପାଇଁ ଭୂମିପୂଜନ

## ଜଙ୍ଗଲ ବିଭାଗ ଯୋଗୁଁ ରହିଥିଲା ସମସ୍ୟା

ଝରାଡିହି, ୧୦।୨(ସମିସ): ଦୀର୍ଘ ଦିନର ଦାବି ପରେ ବହଳଦା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ-ଜଗନ୍ନାଥପୁର କଚ୍ଚାରାସ୍ତାକୁ ପିଚୁ କରିବା ନିମନ୍ତେ ଭୂମିପୂଜନ କରାଯାଇଛି। ପିଚୁ ରାସ୍ତା ନିମନ୍ତେ ବାରମ୍ବାର ଦାବି ଏବଂ ଆନ୍ଦୋଳନ ସତ୍ତ୍ୱେ କଚ୍ଚା ରାସ୍ତା ଥିବା ଅଂଶ ଜଙ୍ଗଲ ବିଭାଗ ଅଧୀନରେ ଥିବାରୁ ଅନୁମତି ମିଳୁନଥିଲା। ତେବେ ଗମ୍ଭାରିଆ ସରପଞ୍ଚ ବୈଦେହୀ ହାଁସଦା ଦାୟିତ୍ୱ ଗ୍ରହଣ କଲାପରେ ଗ୍ରାମବାସୀଙ୍କ ସହଯୋଗରେ ଜିଲ୍ଲାପାଳ ଓ ବନବିଭାଗ ଅଧିକାରୀଙ୍କୁ ବାରମ୍ବାର ଏ ନେଇ ଦାବି କରିଥିଲେ। ହେଲେ କୌଣସି ଫଳ ମିଳି ନ ଥିଲା। ତେବେ ତେବେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜନଅଭିଯୋଗ ଶୁଣାଣିରେ ରାଇରଙ୍ଗପୁରରେ ଥିବାବେଳେ ଏକ ଦାବିପତ୍ର ଦିଆଯାଇଥିଲା। ଫଳରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର ପ୍ରକାଶ ପାଇବା ପରେ କାମ ଆରମ୍ଭ ନିମନ୍ତେ ଭୂମିପୂଜନ ହୋଇଛି। ଭୂମି ପୂଜନ ବେଳେ ସରପଞ୍ଚ ବୈଦେହୀ ହାଁସଦାଙ୍କ ସହିତ ଜଗନ୍ନାଥପୁର, କାଣ୍ଟାଶୋଲା ଓ ବର୍ଗିଡିହି ଗ୍ରାମବାସୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ନିକଟରେ ଥିବା ଧାନ ମିଲକୁ ଭାରୀଯାନ ଚଳାଚଳ ଯୋଗୁଁ ଉକ୍ତ ମାଟି ରାସ୍ତା ଖରାପ ହୋଇଯାଉଥିଲା। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ବର୍ତ୍ତମାନ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ବାଟ ଫିଟିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଭୂମି ପୂଜନ ବେଳେ ଗ୍ରାମବାସୀଙ୍କ ସମେତ ମାସା ଆର୍ମୀର ସାଂଗଠନିକ ପ୍ରଭାରୀ ଦାସମାତ ସୋରେନ, ଭରତ ମାରାଣ୍ଡି, ଭାଗମାତ ମୁର୍ମୁ, ସୁନୀଲ ପାତ୍ର, ଚୁନୁ ମାଝୀ, ଅମିତ ଗୋଏଙ୍କା, ଖେଲାରାମ୍ ସରେନ ଲାଖାଇ ମାଝୀ, ଗୋବିନ୍ଦ ବାସ୍କେ, ଅର୍ଜୁନ ସରେନ, ଭଗଲା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



## ହୋଟେଲରେ ଅଗ୍ନିକାଣ୍ଡ

କଳାବାଡିଆ, ୧୦।୨(ସମିସ): ବାଙ୍ଗିରିପୋଷି ବ୍ଲକ କୁମ୍ଭାର ମୁଣ୍ଡାକଟା ପଞ୍ଚାୟତ ନିକଟ ଏକ ହୋଟେଲର ରୋଷେଇ ଘରେ ନିଆଁ ଲାଗିଯାଇଥିଲା ନିଆଁ। ତେଲକଡ଼େଇରୁ ନିଆଁ ଉଠି ଚିମିନିକୁ ବ୍ୟାପୀ ଯାଇଥିଲା। ତେବେ କର୍ମଚାରୀଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନି ନିରୋଧକ ବ୍ୟବସ୍ଥା ଥିବାରୁ ବଡ଼ ଦୁର୍ଘଟଣାରୁ ହୋଟେଲଟି ବର୍ତ୍ତି ଯାଇଥିବା ମ୍ୟାନେଜର କହିଛନ୍ତି।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

କଳାବାଡିଆ, ୧୦।୨(ସମିସ): ବାଙ୍ଗିରିପୋଷି ଥାନା ପଥୁରି ପଞ୍ଚାୟତ ବୁଡାମରା ଛକ ନିକଟରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌ରେ ୪ଜଣ ଦ୍ରୁତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଡରରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍‌ରେ ଥିବା ରାଇରଙ୍ଗପୁର ଅଞ୍ଚଳର ନୀଳାମ୍ବର ପାତ୍ର (୨୩) ଗୁରୁତର ହୋଇପଡ଼ିଥିଲେ। ଅନ୍ୟ ଜଣେ ଝାରପୋଖରିଆ ଥାନା ସିଲଫୋଡି ଗ୍ରାମର ନିର୍ମଳ ନାଏକ ଆହତ ହୋଇଛନ୍ତି। ନୀଳାମ୍ବରଙ୍କ ଗୋଟିଏ ହାତ ଓ ଗୋଡ ଭାଙ୍ଗିଯାଇଛି। ଉଭୟଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି।

REQUIREMENT
SIMILIPAL SCIENCE RESIDENTIAL HIGHER SECONDARY SCHOOL &
SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman

ANIMESH FOOD PRODUCTS
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800

ଗୁହାରି ଶୁଣିଲାନି ବ୍ଲକ ପ୍ରଶାସନ

# ନିଜସ୍ୱ ଉଦ୍ୟମରେ ରାସ୍ତା ତିଆରି କଲେ ଗ୍ରାମବାସୀ

ଠାକୁରମୁଣ୍ଡା, ୨୦।୨(ସମିସ): ବ୍ଲକ ପ୍ରଶାସନ ଶୁଣିଲାନି। ଶେଷରେ ଗ୍ରାମବାସୀ ବାଧହୋଇ ନିଜେ ପରିଶ୍ରମ କରି ଗ୍ରାମକୁ ଅସ୍ଥାୟୀ ରାସ୍ତା ନିର୍ମାଣ କରି ଉଦାହରଣ ପାଲଟିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଶିମିଳିପାଳ ପାଦଦେଶରେ ଥିବା କେଶଡିଆ ପଞ୍ଚାୟତ ପୁରୁଣାପାଣି ଗାଁର ସ୍କୁଲ ସାହିର ୧୮ ନଂ. ୱାର୍ଡରେ। ଏହି ୱାର୍ଡରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ସରକାରଙ୍କ ତରଫରୁ ନଦୀ ପାର ହେବା ପାଇଁ କୌଣସି ସୁବିଧା ନ ଥିବାରୁ ଗ୍ରାମବାସୀ ୨୦୧୮ ମସିହାରେ ବିଡ଼ିଓଙ୍କୁ ରାସ୍ତା ଏବଂ ପୋଲ ନିମନ୍ତେ ଲିଖିତଭାବେ ଜଣାଇଥିଲେ; ହେଲେ କୌଣସି ଫଳ ମିଳିଲାନାହିଁ। ଗ୍ରାମକୁ ବିଭାଜନ କରୁଥିବା ନଦୀ ପୋଲକୁ ଗ୍ରାମବାସୀ ୬ଦିନ ଧରି ପରିଶ୍ରମ କରିବା ପରେ ଏକ ଅସ୍ଥାୟୀ ପୋଲ ଏବଂ ରାସ୍ତା ନିର୍ମାଣ କରିଛନ୍ତି। ଏହି ରାସ୍ତା ହେବା ଫଳରେ ଗ୍ରାମବାସୀଙ୍କ ଗମନାଗମନ ସୁଗମ ହୋଇପାରିଛି। ଏଥିସହିତ ଗ୍ରାମବାସୀ



ଠାକୁରମୁଣ୍ଡା ବଜାର ଯିବା ପାଇଁ ଦୂରତା କମ ହୋଇଛି। ଦୀର୍ଘବର୍ଷ ହେଲା ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ବର୍ଷା ଦିନେ ଏଠାରେ ଜୀବନକୁ ବିପନ୍ନ କରି ପାଣି ଭିତର ଦେଇ ଯିବାଆସିବା କରୁଥିଲେ। ତେଣୁ ଏ ନେଇ ବାରମ୍ବାର ପ୍ରଶାସନକୁ ନିବେଦନକ କରିଆସୁଥିଲେ ଗ୍ରାମବାସୀ। ଶେଷରେ ଗ୍ରାମବାସୀ ଏକ ବୈଠକ କରି ନିଜେ ଶ୍ରମଦାନ କରି ନଦୀ ଉପରେ ଅସ୍ଥାୟୀ ରାସ୍ତା ଓ ପୋଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରାମବାସୀ ୬ଦିନ ଅକ୍ଲାନ୍ତ ପରିଶ୍ରମ କରି ଶେଷରେ ରାସ୍ତା ନିର୍ମାଣ କରିଛନ୍ତି। ଅସ୍ଥାୟୀ ପୋଲ ଓ ରାସ୍ତା ନିର୍ମାଣ ହେବା ପରେ ସ୍କୁଲ, କଲେଜ, ଡାକ୍ତଖାନା, ସାପ୍ତାହିକ ହାଟ ଯିବାପାଇଁ ସହଜ ହୋଇଥିବାରୁ ସମସ୍ତ ଗ୍ରାମବାସୀ ମଧ୍ୟ ଖୁସିର ଲହରୀ ଖେଳିଯାଇଛି। ତେବେ ପ୍ରଶାସନର ଏଭଳି ଅବହେଳା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ୧୬ରେ ଟ୍ରେଡ୍ ୟୁନିୟନ୍ ହରତାଳ ପାଇଁ ପ୍ରସ୍ତୁତି ବୈଠକ



ଉଦଳା, ୧୦।୨(ସମିସ): ଆସନ୍ତା ୧୬ ତାରିଖରେ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ପାଇଁ ଟ୍ରେଡ୍ ୟୁନିୟନ ପ୍ରସ୍ତୁତ ହେଉଥିବାବେଳେ ଶନିବାର ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ପରିବହନ ଶ୍ରମିକ ୟୁନିୟନର କାର୍ଯ୍ୟକାରୀ ସଭାପତି ଆଇନଜୀବି ରବି ଗୋସ୍ୱାମୀ ସଭାପତିତ୍ୱ କରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ବାରିପଦା ମଟର କର୍ମଚାରୀ ସଂଘର ସଭାପତି ରଘୁନାଥ ପଣ୍ଡା ଯୋଗଦେଇ ପରିବହନ କର୍ମଚାରୀଙ୍କ ସାମାଜିକ, ଆର୍ଥିକ ଓ ବୃତ୍ତିଗତ ସୁରକ୍ଷା ଦିଗରେ ସରକାର ଠିକ ପଦକ୍ଷେପ ଗ୍ରହଣ କରିବା ସହିତ ପରିବହନ ଶ୍ରମିକଙ୍କୁ ତାଙ୍କର ନ୍ୟାଯ୍ୟ ଦାବି ପ୍ରଦାନ କରି ସାମାଜିକ ସମ୍ମାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ମଟର କର୍ମଚାରୀ ସଘର କାର୍ଯ୍ୟକାରୀ ସଭାପତି ଗୌରିଶଙ୍କର ବେହେରା, ଷ୍ଟାଣ୍ଡ ଓ କାର୍ଯ୍ୟାଳୟ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଉଦଳା ଟ୍ୟାକ୍ସି ସଂଘର ସଭାପତି ସୁକାନ୍ତ ମହାନ୍ତି, ଅଟୋ ସଂଘର ସଭାପତି ଲକ୍ଷବଛ ମହାପାତ୍ର, ଓଡ଼ିଶା ଡ୍ରାଇଭର ସଂଘ ଉଦଳା ଶାଖାର ସଭାପତି ପରାସର ବେହେରା, ଗଙ୍ଗାଧର ସାମଲ ଓ ଜୟନାରାୟଣ ଷଡଙ୍ଗୀ ସମେତ ସମସ୍ତ ପରିବହନ ଶ୍ରମିକ ଉପସ୍ଥିତ ରହି ଧର୍ମଘଟକୁ ସଫଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନି ଓ ହିମାଦ୍ରୀ ଶେଖର ପାଲ ଆଇନ ପ୍ରତ୍ୟାହର ଓ ପରିବହନ ଶ୍ରମିକ ତଥା କର୍ମଚାରୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସହ ଆତ୍ମସମ୍ମାନର ସହ ଜୀବନ ନିର୍ବାହର ବ୍ୟାବସ୍ଥା କରିବାର ସମସୟ ଆସିଛି ବୋଲି ମତ ରଖିଥିଲେ। ଆଇନ ପରାମର୍ଶଦାତା ବସନ୍ତ କୁମାର ପରିଡ଼ା ଆଇନଗତ ଦିଗ ବାବଦରେ ସମୀକ୍ଷା କରିଥିଲେ।

# ଲୁହାକାନି ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବିଶୋଇ, ୧୦।୨ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନୀ ଗ୍ରାମର ଏଲ୍.ସି.ସି କ୍ଲବ୍ ଆନୁକୂଲ୍ୟରେ ଲୁହାକାନୀ ପ୍ରିମିୟର ଲିଗ୍ (ଏଲ୍.ପି.ଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୪ ତାରିଖରେ ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଏଥିରେ ୫ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଲୁହାକାନୀ ପାନ୍ଥର ବନାମ ଖୁଞ୍ଚାର-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୁଞ୍ଚାର୧୧ ଟିମ ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୧୦୧ ରନ୍ କରିଥିଲା। ଜବାବରେ ଲୁହାକାନୀ ପାନ୍ଥର ୩ ଉଇକେଟ ବିନିମୟରେ ୭ ଓଭରରେ ୧୦୨ ରନ୍ କରିବା ପରେ ଏଲ୍.ପି.ଏଲ୍-୨୦୨୪ର ବିଜୟୀ ହୋଇଛି।



ସର୍ବଶ୍ରେଷ୍ଠ ଫିଲଡର ଅମିତ୍ ମଣ୍ଡଳ, ସର୍ବଶ୍ରେଷ୍ଠ ବୋଲର ଭାବେ ଚନ୍ଦନ ସେଠୀ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ତଥା ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବାପୁନ ବେହେରାଙ୍କୁ ଚୟନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଉଦଯାପନ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ଯୋଗଦେଇ ଗ୍ରାମାଞ୍ଚଳ କ୍ରିକେଟରମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅହମ୍ମଦ ହୁସେନ, ଅଗସ୍ତି ନନ୍ଦ, ୱାର୍ଡସଭ୍ୟା ଅନୁରାଧା ମଣ୍ଡଳ, ଭୁବନ ବେହେରା, ଅଭିଜିତ ମହାନ୍ତି, ଦିଲ୍ଲୀପ ସି, ନବୀନ ବେହେରା, ଡଃ ହରେକୃଷ୍ଣ ମହତାବ ହାଇସ୍କୁଲ ଶିକ୍ଷକ ଧନେଶ୍ୱର ମହାନ୍ତ, ବିଶେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

● ମହିଳାଙ୍କୁ ଉଲଗ୍ନ କରିବା ଘଟଣା

# ବାପ-ପୁଅ କୋର୍ଟଚାଲାଣ

ବେତନଟୀ, ୧୦।୨(ସମିସ): ମାରଣାନ୍ତକ ଆକ୍ରମଣର ଶୀକାର ସ୍ୱାମୀଙ୍କ ଚିତ୍କାର ଶୁଣି ବଞ୍ଚାଇବାକୁ ଯାଇଥିବା ସ୍ତ୍ରୀକୁ ମାରପିଟ କରି ଉଲଗ୍ନ କରିବା ଘଟଣାରେ ପୁଲିସ ବାପ-ପୁଅକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦହିକୋଟୀ ପଞ୍ଚାୟତ ଅଧୀନ ଆଗଡ଼ା ଗ୍ରାମର କାର୍ତ୍ତିକ ସିଂ ଓ ପୁଅ ଟୁକୁଲୁ ସିଂ। ସୂଚନା ମୁତାବକ, ରାତି ୯ଟାରେ କାର୍ତ୍ତିକ ତାଙ୍କ ପୁଅ ଟୁକୁଲୁ ସହିତ ମିଶି ଜଣେ ବ୍ୟକ୍ତିଙ୍କୁ ନିସ୍ଥୁକ ମାଡ ମାରିଥିଲେ। ପରେ ଏକ ଠେଙ୍ଗାରେ ମଧ୍ୟ ପ୍ରହାର କରିଥିଲେ। ଗୁରୁତର ସ୍ୱାମୀଙ୍କ ଚିତ୍କାରଶୁଣି ବଞ୍ଚାଇବାକୁ ଦୌଡିଯାଇଥିବା ସ୍ତ୍ରୀକୁ ମଧ୍ୟ ବାପ-ପୁଅ ମାଡମାରିବା ସହିତ ଉଲଗ୍ନ କରି ଦେଇଥିଲେ। ଏ ନେଇ ପୀଡିତା ଅଭିଯୋଗ କରିବା ପରେ ପୁଲିସ ଏକ ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏପଟେ ଗୁରୁତର ବ୍ୟକ୍ତି ଜଣକ ଜିଲ୍ଲା ହାସପାତାଳରେ ଭର୍ତ୍ତି ହୋଇଛନ୍ତି। ତେବେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପୁଣି କାର୍‌ରୁ ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୩ ଅଭିଯୁକ୍ତ ଫେରାର

ଯଶିପୁର, ୧୦।୨(ସମିସ): ଗଞ୍ଜେଇ ଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଯଶିପୁର ସ୍ଥିତ ୪୯ନଂ. ଜାତୀୟ ରାଜପଥ। ଏହି ରାସ୍ତା ଦେଇ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନକୁ ଚୋରାରେ ଗଞ୍ଜେଇ ଚାଲାଣ ହେଉଛି। ଗତ ୧୦ତାରିଖରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଯଶିପୁର ମୁଖ୍ୟ ବଜାର ମଧ୍ୟରେ ପୁଲିସ ଗାଡିକୁ ଧରିଥିଲା। ପୁଣି ଶନିବାର ପୁଲିସ ଏକ କାରରେ ଚାଲାଣ ହେଉଥିବା ଗଞ୍ଜେଇ ଜବତ ହୋଇଛି। ଟଙ୍ଗାବିଲା ଓଭର ବ୍ରିଜ ନିକଟରେ ପୁଲିସ ଗାଡିକୁ ଜଗି ରହିଥିଲେ। ପୁଲିସକୁ ଦେଖିକାରଟି ବୁଲାଇ କରଞ୍ଜିଆ ରାସ୍ତାରେ ଦ୍ରୁତଗତିରେ ପଳାଇଥିଲା। ପୁଲିସ କିନ୍ତୁ ପିଛା କରି କେନ୍ଦୁଝର ଜିଲ୍ଲା ସାହାରପଡ଼ା ପର୍ଯ୍ୟନ୍ତ ଗୋଡ଼ାଇ ଥିଲା। ଶେଷରେ ଉପାୟ ନ ପାଇ କାରକୁ ଛାଡି ଗାଡି ମଧ୍ୟରେ ଥିବା ୩ ଜଣ ମାଫିଆ ଫେରାର ହୋଇଯାଇଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ହେବ ବୋଲି ଆକଳନ ହୋଇଛି। ଏହି ଚୋରା ଗଞ୍ଜେଇ ଚାଲାଣରେ ଆନ୍ତଃରାଜ୍ୟ ର୍‌ୟାକେଟ୍ ସମ୍ପୃକ୍ତି ଅଛି ବୋଲି ସନ୍ଦେହ କରାଯାଉଛି।




# ଜାମଦାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଶୁକୁଳି, ୧୦।୨(ସମିସ): ପିଲା ପ୍ରତିଭାର ଅଧିକାରୀ। ଟିକିଏ ପ୍ରେରଣା ପାଇଲେ ତାର ସୁପ୍ତ ସୁରଭି ମହକି ଉଠେ। ଶନିବାର ଶୁକୁଳି ବ୍ଲକ ଜାମଦାପାଳ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ମହାକୁଡଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ସନ୍ଧ୍ୟାରାଣୀ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୁଖ୍ୟ ବକ୍ତା ଭାବେ ଡଃ ଶାନ୍ତନୁ କୁମାର ଟୁଡୁ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଚିକିତ୍ସାଳୟ, ବିଶିଷ୍ଟ ଅତିଥି ରୂପେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ ମହାନ୍ତ, ସିଆରସିସି ଖିଚିଙ୍ଗ ଯୋଗଦାନ କରି ବାଳିକା ଶିକ୍ଷାର ମହତ୍ୱ ଉପରେ ବଖାଣି ଥିଲେ। ଶିକ୍ଷକ ଭୀମଚରଣ ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାଙ୍କ ସ୍ମୃତି ମଧୁର ସ୍ୱାଗତ ସଙ୍ଗୀତ ସମେତ ବିଭିନ୍ନ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କାମିନୀ କାନ୍ତ ମହାକୁଡ ମଞ୍ଚ ପରିଚାଳନା କରିଥିଲେ।

# ମେଘାସନ ମହାବିଦ୍ୟାଳୟ ପରିଚାଳନା କମିଟିର ବୈଠକ



ପିଙ୍ଗୁ, ୨୦।୨(ସମିସ): ମେଘାସନ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ଏକ ବୈଠକ ସଭାପତି ଈଶ୍ୱର ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କୁ ପରିଚାଳନା କମିଟରି ସଭାପତି ଓ ଅଧକ୍ଷ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଲୋଚନା ପ୍ରାରମ୍ଭରେ ପରିଚାଳନା କମିଟିର ସଭାପତି, ମହାବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି, ଭିତ୍ତିଭୂମିର ବିକାଶ ତଥା ସମସ୍ତ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧକ୍ଷ ପ୍ରମୋଦ କୁମାର ରାଉତ ମହାବିଦ୍ୟାଳୟର ପାଠ୍ୟକ୍ରମ, ପରୀକ୍ଷା ପରିଚାଳନା ଓ ବିଗତ ଦିନରେ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀଙ୍କ କୃତିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଶିକ୍ଷକ ପ୍ରତିନିଧି, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ଉତ୍କର୍ଷତା ପାଇଁ ସହଯୋଗ ବିଷୟରେ ଆଲୋକପାତ କରିଥିଲେ। ସଦସ୍ୟା ସଙ୍ଗୀତା ମତୁଆଳ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ସମସ୍ୟା ତଥା ମହିଳା ଛାତ୍ରୀ ନିବାସକୁ କାର୍ଯ୍ୟକ୍ଷମ କରିବା ଉପରେ ମତ ଦେଇଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

ବଡ଼ସାହି, ୧୦।୨(ସମିସ): ରାଜ୍ୟସ୍ତରୀୟ ଅଗ୍ରଣୀ କଳା, ସାହିତ୍ୟ ଓ ସଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ତରଫରୁ ଓଡ଼ିଆ ଲେଖକ ପରିଷଦ ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଭାଷାବିତ୍ ସଚୀନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭାଷା ଗବେଷକ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ଓଡ଼ିଆ ଭାଷା ଆମ ଜାତିର ଗୌରବ ଓ ଆମ ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼କ୍ଟର ଅନ୍ତର୍ଯ୍ୟାମୀ ନାୟକ ତାଙ୍କ ସାରଗର୍ଭକ ବକ୍ତବ୍ୟରେ ଶିକ୍ଷା ଓ ଶୈକ୍ଷଣର ଭୂମିକା ତଥା ଓଡ଼ିଆ ଭାଷାର ମୌଳିକ ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ଆଶୁକବି ବାସୁଦେବ ନାପିତ ଓ ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବଡ଼ସାହି, ପ୍ରତାପପୁର ଓ ସାନବେଲାକୁଟିର ଗୁରୁଜୀ ଗୁରୁମା ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁଜୀ କାର୍ତ୍ତିକ ସେଠୀ ପ୍ରଥମ, ଶିବଶଙ୍କର ଭୂୟାଁ ଦ୍ୱିତୀୟ ଓ ଜାହ୍ନବୀ ଦଣ୍ଡପାଟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପିଲାମାନଙ୍କ ଭିତରେ ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ବକ୍ତୃତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟଜିତ ପଣ୍ଡା, ଜଗଦୀଶ୍ ଉପାଧ୍ୟାୟ, ପପୁ ସିଂ ଓ ହରେକୃଷ୍ଣ ନାଏକ, ରାଜଶେଖର ସିଂ ଓ ଶିବାନୀ ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱତନ୍ତ୍ର ପୁରସ୍କାର ଅଭୟ ରାମଙ୍କୁ ମିଳିଥିଲା। ସାନବେଲାକୁଟି ଶିକ୍ଷା କେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ସଂଯୁକ୍ତା ଦାସ ଅତିଥି ପରିଚୟ ଓ ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

କରଞ୍ଜିଆ, ୧୦।୨(ସମିସ): କରଞ୍ଜିଆ ସହର ଅଧୀନ ପାଟବିଲ ପଞ୍ଚାୟତ କେନ୍ଦୁମୁଣ୍ଡି ମେଡିକାଲ ଛକ ନିକଟରେ ଏକ ବାଇକରୁ ଜଣେ ଯୁବକ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି; ହେଲେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଯୁବକ ଜଣକ ଠାକୁରମୁଣ୍ଡା ଆଡୁ କରଞ୍ଜିଆ ଆଡକୁ ବାଇକ ଯୋଗେ ଆସୁଥିଲା। ମେଡିକାଲ ଛକ ନିକଟରେ ହମ୍ପସ ଥିବାରୁ ସେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡ ଫାଟିଯାଇଛି।

# ଶାଳଗଣ୍ଡି ବୋଝେଇ ପିକଅପ୍ ଭ୍ୟାନ୍ ଜବତ

ବେତନଟୀ, ୧୦।୨(ସମିସ): ତାରାକୋଟୀ ଛକରୁ ଶୁକ୍ରବାର ବିଳମ୍ବିତ ରାତିରେ ଚଢଉକରି ମୂଲ୍ୟବାନ ଶାଳଗଣ୍ଡି ବୋଝେଇ ଏକ ପିକଅପ ଭ୍ୟାନକୁ ଜବତ କରିଛି ବନବିଭାଗ। ସୂଚନାମୁତାବକ ଏକ ନମ୍ବରବିହୀନ ପିକଅପ ଭ୍ୟାନରେ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ବୋଝେଇକରି ଦାନ୍ତିଆମୁହାଁ-ଚିତ୍ରଡା ରାସ୍ତାପଟୁ ବାଲେଶ୍ୱରକୁ ଚୋରାଚାଲାଣ କରାଯାଉଥିବା ଖବରପାଇ ବନବିଭାଗ ପକ୍ଷରୁ ବାରିପଦା, ରାସଗୋବିନ୍ଦପୁର ଏବଂ ବେତନଟୀ ରେଞ୍ଜରୁ ତିନିଗୋଟି ସ୍ୱତନ୍ତ୍ରଟିମ୍ ମିଳିତ ଭାବରେ ରାତି ସାଢେ ୧୨ଟା ସମୟରେ ପିଛା କରିଥିଲେ। ତେବେ ଖସିବାକୁ ଚେଷ୍ଟାକରି ବିଫଳ ହେବାପରେ ତାରାକୋଟୀ ଛକରେ ରାସ୍ତାରେ ଗାଡି ଛାଡି ଅନ୍ଧାରରେ ସମ୍ପଟ ମାରିଥିଲେ କାଠମାଫିଆ। ଜବତ ପିକଅପ ଭ୍ୟାନରେ ବିଭିନ୍ନ ମୋଟେଇର ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଥିବାବେଳେ ରବିବାର ମାପ ପରେ ଏହାର ସଠିକ ଆକଳନ କରାଯିବା ନେଇ ବନବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ପିକଅପ୍ ଭ୍ୟାନର ନମ୍ବରକୁ ଲିଭାଇ ଦିଆଯାଇଥିବା ବେଳେ ଚୋରା ବେପାର ପାଇଁ ଚୋରିଗାଡି ବ୍ୟବହାର କରାଯାଉଥିବା ନେଇ ଅନୁମାନ କରାଯାଉଛି।

# ସୁଦାମ ମାରାଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଳାବାଡିଆ, ୧୦।୨(ସମିସ): ବାଙ୍ଗିରିପୋଷି ସ୍ଥିତ ମିନି ଷ୍ଟାଡିୟମରେ ବାଙ୍ଗିରିପୋଷି ଷ୍ଟେସନ କ୍ରିକେଟ କ୍ଲବ ତରଫରୁ ପ୍ରଥମ ବାର୍ଷିକ ସୁଦାମ ମାରାଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ପୂର୍ବତନ ବ୍ଲକ ଅଧକ୍ଷ ସୁବୋଧ ମାରାଣ୍ଡି ଖେଳ ଶୁଭାରମ୍ଭ କରିଥିଲେ। ରାଜ୍ୟ ତଥା ବାହାର ରାଜ୍ୟର ୧୬ଟି ଦଳକୁ ନେଇ ୧୦ ଓଭର ଖେଳ ଆରମ୍ଭ ହୋଇଛି। ଛଅ ଦିନ ଧରି ଖେଳ ହେବ। ପ୍ରଥମ ୧ ଲକ୍ଷ ଟଙ୍କା ଥିବା ବେଳେ ଦ୍ୱିତୀୟ ୫୦ ହଜାର, ତୃତୀୟ ଓ ଚତୁର୍ଥ ୧୦ ହଜାର ଟଙ୍କା ପୁରସ୍କାର ରହିଛି। ଉଦ୍‌ଘାଟନ ଦିବସରେ ବିଜେଡି ବ୍ଲକ ସଭାପତି ବିରୋକିଶୋର ମହାନ୍ତି, ଜିଲ୍ଲା ପରିଷଦ ରାମଚନ୍ଦ୍ର ମୁର୍ମୁ, ଉମାଶଙ୍କର ଶର୍ମା, ବିଶ୍ୱଜିତ ଶର୍ମା, ପ୍ରଭାତ କୁମାର ପାତ୍ର, ନୁରି ସେଠୀ, ଦିପକ ମହାନ୍ତି, କ୍ଲବ ସଭାପତି ଟିକା ବେହେରା, ସମ୍ପାଦକ କାଳିଆ ନାଏକ, ମଣ୍ଟୁଧଳ, ସିପୁନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦୁଆ ଗ୍ରାମରେ ନବବର୍ଷ ମାଘମୁଲୁଃ ପାଳିତ

# ପାରମ୍ପରିକ ବେଶଭୂଷାରେ ନୃତ୍ୟକଲେ ଆଦିବାସୀ

ଝରାଡିହି, ୧୦।୨(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ବଡପଳସା ପଞ୍ଚାୟତ କେନ୍ଦୁଆ ଗ୍ରାମରେ ମାରାଂବୁରୁ ସେମଲେଦ୍ ପକ୍ଷରୁ ଆଦିବାସୀ ସାନ୍ତାଳୀ ନବବର୍ଷ ମାଘମୁଲୁଃ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଆ ଗ୍ରାମ ସହିତ ଆଖପାଖ ଗ୍ରାମର ଆଦିବାସୀ ମହିଳା, ପୁରୁଷ ଓ ଶିଶୁ ପାରମ୍ପରିକ ବେଶଭୂଷାରେ ଯୋଗ ଦେଇଥିଲେ। ମହିଳାମାନେ ବର୍ଷସାରା ରନ୍ଧାବଢ଼ା ରୋଷେଇ କରି ପରିବାର ଓ ପୁରୁଷ ସଦସ୍ୟଙ୍କୁ ଖାଇବା ପରସିଥାନ୍ତି; ହେଲେ ଏହି ସାନ୍ତାଳୀ ନବବର୍ଷ ଅବସରରେ ଦିନଟିଏ ମହିଳାମାନଙ୍କୁ ସେବା ଓ ସମ୍ମାନ ଯୋଗାଇ ଦେବା ଉଦ୍ଦେଶ୍ୟରେ ପୁରୁଷମାନେ ରୋଷେଇ କରି ମହିଳାଙ୍କୁ ଦେଇ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରିଥିଲେ। ଏହି ନବବର୍ଷ କାର୍ଯ୍ୟକ୍ରମ ସଂଗଠନ ସଭାପତି ବୁଶୁ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜେନ୍ଦ୍ର ମାଝୀ, ମୁଖ୍ୟବକ୍ତାଭାବେ ରାମଚନ୍ଦ୍ର ହେମ୍ବ୍ରମ ଓ ସମ୍ମାନିତ ଅତିଥିରୂପେ ହେମ କିସ୍କୁ (ମାଝୀବାବା), ମେଘରାୟ ବାସ୍କେ (ନାଏକେ ବାବା), ରାମଦାସ ମୁର୍ମୁ (ବରିଷ୍ଠ ସାମ୍ବାଦିକ), ଡ. କାର୍ତ୍ତିକ ଚନ୍ଦ୍ର ହାଁସଦା, ଦୁଃଖିଶ୍ୟାମ ଟୁଡୁ, ସାଓନା ମାର୍ଣ୍ଡି, ରାମ ମାଝୀ (ପୂର୍ବତନ ସୈନିକ), ପୀତାମ୍ବର ମୁର୍ମୁ (ମାନବାଧିକାର ରକ୍ଷକ), ବିକ୍ରମ ହାଁସଦା, ବାସନ୍ତୀ ବାସ୍କେ, ଫୁଲ ବାସ୍କେ, ସଲାମଣୀ ମାର୍ଣ୍ଡି (ପ୍ରଧାନ ଶିକ୍ଷୟିତ୍ରୀ), ହରିଶ ଚନ୍ଦ୍ର ହାଁସଦା, ପାଳସା ପିଲ୍ ପାରଗାନା ଭାଗୀରଥି ହଁସଦା ଏବଂ ଜଲେନ ବାର୍ଦା ପ୍ରମୁଖ ଯୋଗଦେଇ ସମାଜ, ସଂସ୍କୃତି, ପରମ୍ପରା ଓ ଭାଷାକୁ ଯେପରି ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ପାରମ୍ପରିକ ବାଦ୍ୟରେ ସମସ୍ତେ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାରାଂବୁରୁ ସେମଲେଦ୍ ସଂଗଠନ ସଭାପତି ବୁଶୁ ହେମ୍ବ୍ରମଙ୍କ ଓ ସଂଗଠନ ସଦସ୍ୟ ରାମରାଇ ବାସ୍କେ, କାର୍ତ୍ତିକ ମାଝୀ, ମାନସିଂ ଟୁଡୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ସ୍ୱତନ୍ତ୍ର ଅତିଥିଭାବେ କେନ୍ଦୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁଷ୍ପକ ବାହେରା, ଅଞ୍ଜନ ମଣ୍ଡଳ, ଶମ୍ଭୁନାଥ ବର ପ୍ରମୁଖ ଉପସ୍ଥିତ ଥିଲେ।



## ପାକିସ୍ତାନରେ ରାଜନୀତିକ ହଟ୍ଟଚମଟ

# ସରକାର ଗଠନ ପାଇଁ ସଂଶୟ ଜାରି

ଇସଲାମାବାଦ,୧୦।୨(ଏଜେନ୍ସି):

ଦୁଇ ଦିନ ତଳୁ ପାକିସ୍ତାନ ସାଧାରଣ ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ଫଳାଫଳ ଶନିବାର ସନ୍ଧ୍ୟା ସୁଦ୍ଧା ଆସିପାରି ନାହିଁ। ବିଭିନ୍ନ ସ୍ଥାନରେ ବାଲଟ୍ ପେପର ଲୁଟ ଏବଂ ଚଞ୍ଚକତା ଯୋଗୁଁ ସେହିସବୁ ସ୍ଥାନର ଫଳାଫଳ ଜଣାପଡ଼ି

### ଇମ୍ରାନ ବାଛିବେ ପ୍ରଧାନମନ୍ତ୍ରୀ : ପିଟିଆଇ

### ମିଳିତ ସରକାର ଗଠନ ପାଇଁ ନୱାଜ୍-ବିଲାୱଲଙ୍କ ମସୁଧା

### ବିବାଦୀୟ ସ୍ଥାନରେ ପୁଣି ହେବ ଭୋଟ୍

ନାହିଁ। ଏଭଳି ବିବାଦୀୟ ବୁଥ୍‌ଗୁଡିକରେ ସାନି ନିର୍ବାଚନ କରିବାକୁ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିଲା ବେଳେ ଶନିବାର ମଧ୍ୟରାତ୍ରି ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ପ୍ରକାଶ କରା ନଗଲେ ଇମ୍ରାନ ଖାନ୍‌ଙ୍କ ପିଟିଆଇ ଦଳ ସାରା ଦେଶରେ ବିକ୍ଷୋଭ କରିବ ବୋଲି ଧମକ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇଥିବା





ଫଳାଫଳକୁ ନେଇ କେଉଁ ଦଳ ସରକାର ଗଢିବ ତାହା ସ୍ଥିର ହୋଇପାରି ନାହିଁ। କାରଣ କୌଣସି ପ୍ରମୁଖ ଦଳକୁ ସଂଖ୍ୟା ଗରିଷ୍ଠତା ମିଳି ନାହିଁ। ଇମ୍ରାନ ଖାନ୍‌ଙ୍କ ଦଳ ପିଟିଆଇ ଏବଂ ଇମ୍ରାନଙ୍କ ସମର୍ଥନ କରୁଥିବା ସ୍ୱାଧୀନ ବିଜୟୀ ପ୍ରାର୍ଥୀଙ୍କ ସଂଖ୍ୟା ୧୦୦ ରହିଛି। ସେପଟେ ନୱାଜ ସରିଫଙ୍କ ପିଏମଏଲ-ଏନ ଦଳକୁ ୭୩ ଆସନ ମିଳିଛି। ସେହିପରି ବିଲାୱର ଭୁଟୋଙ୍କ ଦଳ ପିପିପିକୁ ମାତ୍ର ୫୪ ଆସନ ମିଳିଥିବା ବେଳେ ଅନ୍ୟାନ୍ୟ ଦଳକୁ ୨୮ ଆସନ ମିଳିଥିବା କୁହାଯାଇଛି। ପାକିସ୍ତାନ ଜାତୀୟ ଆସେମ୍ବ୍ଲି ପାଇଁ ମୋଟ ୨୬୫ଟି ଆସନରେ ନିର୍ବାଚନ କରାଯାଇଥିଲା ବେଳେ ସରକାର ଗଠନ ଲାଗି କୌଣସି ଦଳକୁ ୧୩୩ ସମର୍ଥନର ଆବଶ୍ୟକତା ରହିଛି। କିନ୍ତୁ କୌଣସି ଦଳ ଏହି ସଂଖ୍ୟା ହାସଲ କରିବାକୁ ସମର୍ଥନ ହୋଇନାହାନ୍ତି। ପିଏମଏଲ-ଏନ ଅନ୍ୟ ଦଳଙ୍କୁ ନେଇ ମେଣ୍ଟ ସରକାର କରିବାକୁ ନୱାଜ ସରିଫ ଅଣ୍ଟା ଭିଡିଛନ୍ତି। କିନ୍ତୁ ଇମ୍ରାନ ହିଁ ସରକାର ଗଢିବେ ବୋଲି ପିଟିଆଇ ଦାବି କରିଛି। କିଏ ପ୍ରଧାନମନ୍ତ୍ରୀ ସେ ସମ୍ପର୍କରେ ଇମ୍ରାନ ହିଁ ଖୁବଶୀଘ୍ର ଘୋଷଣା କରିବେ ବୋଲି ପିଟିଆଇର ଜଣେ ପ୍ରମୁଖ ନେତା କହିଛନ୍ତି। କିନ୍ତୁ ଇମ୍ରାନ ତାଙ୍କ ସ୍ୱାଧୀନ ସମର୍ଥକଙ୍କ ସହ ଅଧିକ ଆସନ ପାଇଥିଲେ ମଧ୍ୟ ପିଏମଏଲ-ଏନ ଏକକ ଦଳୀୟ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ତାଙ୍କ ଦଳ ହିଁ ସରକାର ଗଢିବ ବୋଲି ନୱାଜ ଦାବି କରିଛନ୍ତି।

**ବିଭିନ୍ନ ଦଳର ସ୍ଥିତି**

| ୨୦୨୪ | |
|---|---|
| ପିଟିଆଇ | ୧୦୦ |
| ପିଏମ୍ଏଲ-ଏନ୍ | ୭୩ |
| ପିପିପି | ୫୪ |

| ୨୦୧୮ | |
|---|---|
| ପିଟିଆଇ | ୧୪୯ |
| ପିଏମ୍ଏଲ୍-ଏନ୍ | ୮୨ |
| ପିପିପି | ୫୪ |

ଏଭଳି ସ୍ଥିତିରେ ପାକିସ୍ତାନରେ ସରକାର ଗଠନ ନେଇ ସଂଶୟ ଲାଗି ରହିଛି। ଅନ୍ୟପକ୍ଷରେ ଦେଶର ସ୍ୱାର୍ଥରକ୍ଷା ଦିଗରୁ କେନ୍ଦ୍ରରେ ଏକ ମିଳିତ ସରକାର ପ୍ରତିଷ୍ଠା କରାଯିବା ଦରକାର ବୋଲି ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିର କହିଛନ୍ତି। କେନ୍ଦ୍ରକୁ ବାଦ୍ ଦେଲେ ବେଲୁଚିସ୍ତାନ, ପଞ୍ଜାବ ପ୍ରଦେଶରେ ସରକାର ଗଠନ ଲାଗି ବିଲାୱଲଙ୍କ ଦଳ ପିପିପି ଦାବି କରିଛି।

### ୧୨ ମାମଲାରେ ଇମ୍ରାନଙ୍କୁ ଜାମିନ

ପିଟିଆଇ ନେତା ଇମ୍ରାନ ଖାନ୍‌ଙ୍କୁ ଶନିବାର ବଡ଼ ଆଶ୍ୱସ୍ତି ମିଳିଛି। ପାକିସ୍ତାନ କୋର୍ଟ ଇମ୍ରାନଙ୍କୁ ୧୨ଟି ମାମଲାରେ ଜାମିନ ମଞ୍ଜୁର କରିଛନ୍ତି। ଗତ ମେ' ଆକ୍ରମଣ ଘଟଣାରେ ଇମ୍ରାନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମହମ୍ମଦ କ୍ୟୁରେସୀଙ୍କୁ ଜାମିନ ମିଳିଛି। ଇମ୍ରାନ ଓ ତାଙ୍କ ଦଳର ବହୁ ନେତାଙ୍କ ବିରୋଧରେ ୯ ମେ' ହିଂସାକୁ ନେଇ ମାମଲା ରୁଜୁ କରାଯାଇଥିଲା। ଇମ୍ରାନଙ୍କ ସମର୍ଥକମାନେ ସାରା ଦେଶରେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲେ। ଏହାକୁ ନେଇ ହିଂସା ବଢିଥିଲା ବେଳେ ଇମ୍ରାନଙ୍କୁ ଗିରଫ କରାଯିବା ସହିତ ତାଙ୍କ ବିରୋଧରେ ବହୁ ମାମଲା ରୁଜୁ କରାଯାଇଥିଲା। ତେବେ ଏଥିମଧ୍ୟରୁ ତାଙ୍କୁ ୧୨ଟି ମାମଲାରେ ଏବେ ଜାମିନ ମିଳିଛି।

### ସ୍ଥିତି ଉପରେ ଆମେରିକା, ବ୍ରିଟେନ୍ ଓ ଆଇଏମ୍ଏଫ୍‌ର ନଜର

ପାକିସ୍ତାନ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲେ ହେଁ କୌଣସି ଦଳକୁ ନିରଙ୍କୁଶ ସମର୍ଥନ ମିଳି ନଥିବାରୁ ସରକାର ଗଠନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ୩ ପ୍ରମୁଖ ଦଳ ସରକାର ଗଠନ ପାଇଁ ଦାବି କରୁଥିବା ବେଳେ ପାକିସ୍ତାନ ସେନା ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଛି। ଅନ୍ୟପଟରେ ଆମେରିକା, ବ୍ରିଟେନ ଏବଂ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମଏଫ) ପାକିସ୍ତାନ ସ୍ଥିତି ଉପରେ ନଜର ରଖିଛନ୍ତି। ଗୋଟିଏ ପଟେ ପାକିସ୍ତାନକୁ ଚାଇନା ଋଣ ବନ୍ଦ ହୋଇଯାଇଥିଲା ବେଳେ କେବଳ ଆଇଏମଏଫର ସହାୟତା ହିଁ ପାକିସ୍ତାନକୁ ଆର୍ଥିକ ସଙ୍କଟ ସ୍ଥିତିରୁ ମୁକାଳି ପାରିବ ବୋଲି କୁହାଯାଉଛି। କିନ୍ତୁ ସରକାର ଗଠନ ସହ ସ୍ୱଚ୍ଛତା ଅଣା ନ ଗଲେ ଆଇଏମଏଫ ମଧ୍ୟ ଋଣ ବନ୍ଦ କରି ଦେବାକୁ ସର୍ତ୍ତ ରଖିଛି। ଏହି ପ୍ରସଙ୍ଗକୁ ପାକିସ୍ତାନ ସେନା ଗୁରୁତ୍ୱ ସହ ଗ୍ରହଣ କରିଛି। ଅନ୍ୟପକ୍ଷରେ ସେନା ଇମ୍ରାନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଥିବା ତାଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଇମ୍ରାନଙ୍କ ଭଉଣୀ ଆଲିମା ଗଣମାଧ୍ୟମକୁ କହିଛନ୍ତି ଯେ ସେନା ଇମ୍ରାନଙ୍କୁ ହତ୍ୟା କରିବାକୁ ଚାହୁଁଛି। ସାଧାରଣ ନିର୍ବାଚନରେ ପିଟିଆଇ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି ବୋଲି ସେ ଦାବି କରିଛନ୍ତି।



## ଇଲେକ୍ଟୋରାଲ ବଣ୍ଡରୁ ବିଜେପିକୁ ମିଳିଛି ୧୩୦୦ କୋଟି

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ଗତ ବର୍ଷ (୨୦୨୨-୨୩) ରେ ବିଜେପିକୁ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ୧୩୦୦ କୋଟି ଟଙ୍କା ମିଳିଛି। ଏହା ସମାନ ଅବଧିରେ କଂଗ୍ରେସକୁ ମିଳିଥିବା ପାଣ୍ଠିଠାରୁ ୭ ଗୁଣ ଅଧିକ। ୨୦୨୨-୨୩ରେ ବିଜେପିର ମୋଟ ଯୋଗଦାନ ୨୧୨୦ କୋଟି ଟଙ୍କା ଥିଲା। ଏଥିରୁ ୬୧ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ଆସିଥିଲା। ନିର୍ବାଚନ କମିଶନଙ୍କ (ଇସି) ନିକଟରେ ଦଳମାନେ ଦାଖଲ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୧-୨୨ରେ ବିଜେପିର ମୋଟ ଯୋଗଦାନ ୧୭୭୫ କୋଟି ଟଙ୍କା ଥିଲା। ମାତ୍ର ୨୦୨୨-୨୩ ବର୍ଷରେ ମୋଟ ଆୟ ୨୩୬୦.୮ କୋଟି ଟଙ୍କା ରହିଥିଲା। ଏହା ପୂର୍ବ ବର୍ଷ ୧୯୧୭ କୋଟି ଟଙ୍କା ଥିଲା। ବିଜେପି ଗତ ଆର୍ଥିକ ବର୍ଷରେ କେବଳ ସୁଧ ବାବଦକୁ ୨୩୭ କୋଟି ଟଙ୍କା ପାଇଥିଲା। ଏହା ବ୍ୟତୀତ ନିର୍ବାଚନ ଏବଂ ପ୍ରଚାର ପାଇଁ ବିଜେପି ବିମାନ ଏବଂ ହେଲିକପ୍ଟର ଭଡ଼ା ପାଇଁ ୭୮.୨ କୋଟି ଟଙ୍କା ପୈଠ କରିଥିଲା। ସେହିପରି ଦଳ ପ୍ରାର୍ଥୀଙ୍କୁ ୭୬.୫ କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିଲା। ଅନ୍ୟପକ୍ଷରେ ୨୦୨୧-୨୨ରେ ଇଲେକ୍ଟୋରାଲ ବଣ୍ଡରୁ କଂଗ୍ରେସକୁ ୨୩୬ କୋଟି ଟଙ୍କା ଏବଂ ଟିଡିପିକୁ ୩୪ କୋଟି ଟଙ୍କା ମିଳିଥିଲା।

## ଓଟିରେ ପ୍ରି-ୱେଡିଂ ସୁଟ୍: ଡାକ୍ତର ବରଖାସ୍ତ

**ବେଙ୍ଗାଲୁରୁ, ୧୦।୨ (ଏଜେନ୍ସି):** କର୍ଣ୍ଣାଟକ ଚିତ୍ରଦୁର୍ଗ ଜିଲ୍ଲା ଭରମସାଗର ସରକାରୀ ଡାକ୍ତରଖାନାର ଅପରେସନ ଥିଏଟର (ଓଟି) ରେ ପ୍ରି-ୱେଡିଂ ସୁଟ୍ କରିବାରୁ ଜଣେ ଡାକ୍ତରଙ୍କୁ ଚାକିରିରୁ ବରଖାସ୍ତ କରିଦିଆଯାଇଛି। ସେ ବୁଧବାର ନିଜ ବାନ୍ଧବୀଙ୍କ ସହ ଓଟିରେ ଜାଲ୍ ଅସ୍ତ୍ରୋପଚାର କରିଥିଲେ। ଏହି ସମୟରେ କ୍ୟାମେରାମ୍ୟାନ, ଟେକ୍ନିସିଆନ ସହିତ ରୋଗୀ ହୋଇଥିବା ବ୍ୟକ୍ତି ହସୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ଏହାକୁ ନେଇ ଡାକ୍ତରଙ୍କୁ ଭର୍ତ୍ସନା କରିଛନ୍ତି। ଡାକ୍ତରଖାନା ଲୋକଙ୍କ ଯତ୍ନ ନେବା ପାଇଁ ହୋଇଥାଏ, ବ୍ୟକ୍ତିଗତ କାମ ପାଇଁ ନୁହେଁ। ଡାକ୍ତରଙ୍କ ଏଭଳି ଅନୁଶାସନହୀନତାକୁ ବରଦାସ୍ତ କରାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କୁ ଚାକିରି ଚୁକ୍ତିର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ମରାମତି ଚାଲିଥିବା ଓଟିରେ ଡାକ୍ତର ସୁଟ୍ କରିଥିଲେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## ସମୀର ୱାଙ୍ଖେଡେଙ୍କ ବିରୋଧରେ ଇଡି ମାମଲା

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ଏନ୍‌ସିବିର ୩ ଅଧିକାରୀଙ୍କୁ ଜେରା ପାଇଁ ମଧ୍ୟ ଡକାଇଛି। ଶାହାରୁଖ ଖାନଙ୍କ ପୁଅ ଆର୍ଯ୍ୟନ ଖାନଙ୍କୁ ଡ୍ରଗ୍ସ ମାମଲାରେ ଫସାଇବା ପାଇଁ ୱାଙ୍ଖେଡେ ୨୫ କୋଟି ଟଙ୍କା ଲାଞ୍ଚ ନେଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାରେ ସିବିଆଇ ୨୦୨୩ ମଇରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତେବେ ୱାଙ୍ଖେଡେ ଇଡି ମାମଲାରେ ଗିରଫରୁ ସୁରକ୍ଷା ଦେବା ପାଇଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୧ ଅକ୍ଟୋବର ୨ରେ କାର୍ଡେଲିଆ କ୍ରୁଜ ସିପ୍‌ରୁ ଆର୍ଯ୍ୟନ ଖାନ୍‌ଙ୍କୁ ୱାଙ୍ଖେଡେ ଗିରଫ କରିଥିଲେ। ଏହି ମାମଲାରେ ଏନ୍‌ସିବି ଅଭିଯୋଗ ଆଧାରରେ ସିବିଆଇ ୱାଙ୍ଖେଡେଙ୍କ ସମେତ ଆଉ କିଛି ଅଧିକାରୀଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଧମକ ଏବଂ ଲାଞ୍ଚ ମାମଲା ରୁଜୁ କରିଥିଲା।

## ସଲ୍‌ମାନ ଖୁର୍ସିଦଙ୍କ ପତ୍ନୀ ଲୁଇସ୍‌ଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ଏକ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲ୍‌ମାନ ଖୁର୍ସିଦଙ୍କ ପତ୍ନୀ ଲୁଇସଙ୍କୁ ଖୁର୍ସିଦଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ତାଙ୍କୁ ୧୫ ତାରିଖରେ ହାଜର ହେବାକୁ କୁହାଯାଇଛି। ଏହି ମାମଲା ଲୁଇସଙ୍କ ନେତୃତ୍ୱାଧୀନ ଏକ ଟ୍ରଷ୍ଟ 'ଡକ୍ଟର ଜାକିର ହୁସେନ ମେମୋରିଆଲ ଟ୍ରଷ୍ଟ' ସମ୍ବନ୍ଧିତ। ଏହି ଟ୍ରଷ୍ଟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଏବଂ ଉପକରଣ ବିତରଣରେ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି। ୨ ଦିନ ତଳେ ବରେଲିର ଏମପି-ଏମଏଲଏ କୋର୍ଟ ଏହି ମାମଲାରେ ଲୁଇସଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା। ୧୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



## ବଜେଟ ଅଧିବେଶନ ସହ ସପ୍ତଦଶ ଲୋକସଭା ଶେଷ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ସଂସଦର ବଜେଟ୍ ଅଧିବେଶନ ସହିତ ସପ୍ତଦଶ ଲୋକସଭାର ଶେଷ ପର୍ଯ୍ୟାୟ ଅଧିବେଶନ ଶନିବାର ଶେଷ ହୋଇଛି। ଏହି ଅବସରରେ ଅଯୋଧ୍ୟାରେ ନିର୍ମିତ ଭବ୍ୟ ରାମ ମନ୍ଦିରକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହକୁ ସମ୍ବୋଧିତ କରିବା ସହିତ ସପ୍ତଦଶ ଲୋକସଭାର କାର୍ଯ୍ୟକାରିତାକୁ ନେଇ ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ କାର୍ଯ୍ୟଦକ୍ଷତାକୁ ସେ ପ୍ରଶଂସା କରି ତାଙ୍କୁ ସାଧୁବାଦ ଜଣାଇବା ସହିତ ଏହି ଲୋକସଭା କାଳରେ ୯୭ ପ୍ରତିଶତ ସଫଳତା ମିଳିଛି ବୋଲି ମୋଦୀ କହିଛନ୍ତି।

### ଆଗାମୀ ୨୫ ବର୍ଷରେ ବିକଶିତ ଭାରତ ଗଠନ ଆମର ଲକ୍ଷ୍ୟ : ମୋଦୀ

### ୫ ବର୍ଷରେ 'ରିଫର୍ମ, ପରଫର୍ମ, ଟ୍ରାନ୍ସଫର୍ମ'କୁ ଦିଆଯାଇଛି ଗୁରୁତ୍ୱ



ସେ କହିଛନ୍ତି ଯେ ଗତ ୫ ବର୍ଷ ମଧ୍ୟରେ ଦେଶର ହିତସାଧନ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ସଂସ୍କାର, ପରିବର୍ତ୍ତନ ଏବଂ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛ। କରୋନା ମହାମାରୀକୁ ନେଇ ମାନବ ଜାତି ଶତାବ୍ଦୀର ସବୁଠାରୁ ବଡ଼ ସଙ୍କଟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଦେଶ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ହେଁ ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ଦେଶକୁ ସଶକ୍ତ କରିବା ପାଇଁ ସୁଯୋଗ ଅଣାଯାଇଥିଲା। ଏହି ସମୟରେ ସାଂସଦମାନେ ସେମାନଙ୍କ ଦରମାର ୩୦ ପ୍ରତିଶତ କାଟ୍ କରି ଜାତୀୟତାର ପରିଚୟ ଦେଇଥିଲେ। ଏହା ଭାରତୀୟ ପରମ୍ପରାର ଅନନ୍ୟ ଦିଗ ବୋଲି ମୋଦୀ କହିଥିଲେ। ଏହି ୫ ବର୍ଷରେ ଦେଶରେ ଅନେକ ସଂସ୍କାର ଆସିଛି। ଆସନ୍ତା ୨୫ ବର୍ଷ ଦେଶପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ କ୍ଷେତ୍ରରେ ରାଜନୈତିକ ବିରୋଧାଭାସକୁ ନେଇ ସମସ୍ୟା ରହିଥିଲେ ହେଁ ଆଗାମୀ ୨୫ ବର୍ଷ ମଧ୍ୟରେ ଦେଶକୁ ବିକଶିତ କରିବା ଲକ୍ଷ୍ୟ ସମସ୍ତଙ୍କ ରହିଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ଅର୍ଥନୈତିକ ବିକାଶ ସହ ପରିବର୍ତ୍ତିତ ଗତିରେ ଦେଶ ଆଗକୁ ବଢୁଛି। ଯାହାକୁ ନେଇ ସାରା ଦେଶରେ ନୂଆ ଆତ୍ମବିଶ୍ୱାସ ଦେଖାଯାଇଛି। ଆଗାମୀ ୨୫ ବର୍ଷରେ ବିକଶିତ ଭାରତ ଆମର ଲକ୍ଷ୍ୟ। ବିକଶିତ ଭାରତ ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡ଼ିବ ବୋଲି ମୋଦୀ କହିଛନ୍ତି।

## ଭାରତ-ମ୍ୟାଁମାର ସୀମା ସିଲ୍ ନିଷ୍ପତ୍ତିକୁ ବିରୋଧ

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ମ୍ୟାଁମାର୍‌କୁ ଲାଗିଥିବା ସୀମା ସିଲ୍ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏହି ନିଷ୍ପତ୍ତିକୁ ନେଇ ପାହାଡ଼ି ଏବଂ ଘାଟୀରେ ବାସ କରୁଥିବା ଲୋକ ୨ ଭାଗରେ ବିଭକ୍ତ ହୋଇଯାଇଛନ୍ତି। ଘାଟୀ ଲୋକ ଖୁସି ଥିବାବେଳେ ପାହାଡ଼ି ଲୋକ ଏହାକୁ ବିରୋଧ କରୁଛନ୍ତି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିୟୋ ଏବଂ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା ମଧ୍ୟ ବିରୋଧରେ ବାହାରିଛନ୍ତି। ମେଇତି ସମ୍ପ୍ରଦାୟର ସଂସ୍ଥା କୋକମି ସହିତ ଘାଟୀର ଅନେକ ସଂଗଠନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ଉପଦ୍ରବୀଙ୍କ ଚଳପ୍ରଚଳ ହ୍ରାସ ପାଇ ସୀମା ସୁରକ୍ଷିତ ରହିବ ଏବଂ ମଣିପୁରରେ ହିଂସା ମଧ୍ୟ ବନ୍ଦ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଲାଲଦୁହୋମା କହିଛନ୍ତି ଯେ ସୀମାର ଉଭୟ ପାର୍ଶ୍ୱରେ ଥିବା ମିଜୋ-ଜୋ-ଚିନ୍ ସମ୍ପ୍ରଦାୟର ଯିବାଆସିବାକୁ ବନ୍ଦ କରିହେବ ନାହିଁ। ଇଂରେଜ ସମୟରେ ଏକତରଫା ଭାବେ ନିର୍ଦ୍ଧାରିତ ସୀମାକୁ ସେ ମାନୁନାହାନ୍ତି। ରିୟୋ କହିଛନ୍ତି ଯେ ସୀମାର ଦୁଇ ପାର୍ଶ୍ୱରେ ନାଗା ରହୁଥିବାରୁ ନିଷ୍ପତ୍ତି କାର୍ଯ୍ୟକାରୀ ପୂର୍ବରୁ ସମନ୍ୱୟ ସୂତ୍ର ବାହାରିବା ଉଚିତ। ସେହିପରି ନାଗା ଛାତ୍ର ସଂଗଠନ ଏନଏସଏଫ କେନ୍ଦ୍ର ନିଷ୍ପତ୍ତି ଦ୍ୱାରା ଗୁରୁତର ସଙ୍କଟ ସୃଷ୍ଟି ହେବ ବୋଲି କହିଛି।

## 'ସହିଦ ଅଗ୍ନିବୀରଙ୍କ ପରିବାରକୁ ନିୟମିତ ସୈନିକଙ୍କ ଭଳି ସୁବିଧା ମିଳୁ'

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** କାର୍ଯ୍ୟସ୍ଥଳରେ ସହିଦ ଅଗ୍ନିବୀରଙ୍କ ପରିବାରକୁ ନିୟମିତ ସୈନିକଙ୍କ ଭଳି ସୁବିଧାସୁଯୋଗ ମିଳିବା ଉଚିତ। ପ୍ରତିରକ୍ଷା ମାମଲାର ସଂସଦୀୟ ସ୍ଥାୟୀ କମିଟି ଏ ନେଇ ପ୍ରତିରକ୍ଷା ମନ୍ତ୍ରାଳୟକୁ ସୁପାରିସ କରିଛି। କମିଟି ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ନିୟମ ଅନୁଯାୟୀ କାର୍ଯ୍ୟସ୍ଥଳରେ ସହିଦ ହେଉଥିବା ଅଗ୍ନିବୀରଙ୍କ ପରିବାରକୁ ପେନ୍‌ସନ୍ (ଭତ୍ତା) ଭଳି ନିୟମିତ ଲାଭ ମିଳୁନାହିଁ। ଅଗ୍ନିବୀରଙ୍କ ପରିବାର ସ୍ଥିତି ଦେଖି ନିୟମ ବଦଳାଇବା ଉଚିତ। ପରିବାରକୁ ଦିଆଯାଉଥିବା ଅନୁକମ୍ପା ସହାୟତା ରାଶିକୁ ପ୍ରତ୍ୟେକ ଶ୍ରେଣୀ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଆବଶ୍ୟକ। ଯେକୌଣସି ସ୍ଥିତି ପାଇଁ ସର୍ବନିମ୍ନ ୩୫ ଲକ୍ଷ ଏବଂ ସର୍ବାଧିକ ୫୫ ଲକ୍ଷ ଟଙ୍କା ଦିଆଯିବା ଆବଶ୍ୟକ। ମନ୍ତ୍ରାଳୟ ପକ୍ଷରୁ କୁହଯାଇଛି ଯେ ସୈନିକ ସହିଦ ହେବାର ସ୍ଥିତିକୁ ଦେଖି ଅନୁକମ୍ପା ସହାୟତା ଦିଆଯାଇଥାଏ। କାର୍ଯ୍ୟସ୍ଥଳରେ ଦୁର୍ଘଟଣା, ଆତଙ୍କବାଦୀ, ଆସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ହିଂସାରେ ସହିଦ ହେଲେ ୨୫ ଲକ୍ଷ ଟଙ୍କା ମିଳିଥାଏ।

**● ଇଣ୍ଡିଆ ମେଣ୍ଟକୁ ପୁଣି ଝଟ୍‌କା**

## ପଞ୍ଜାବରେ ଏକାକୀ ଲଢ଼ିବ ଆପ୍

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ନିର୍ବାଚନ ଯେତିକି ପାଖେଇ ଆସୁଛି ଇଣ୍ଡିଆ ମେଣ୍ଟରେ ସାମିଲ ଥିବା ଦଳଗୁଡିକ ମଧ୍ୟରେ ଦୂରତା ସେତିକି ବଢିବାରେ ଲାଗିଛି। ନୀତୀଶ କୁମାର, ଅଖିଳେଶ ଯାଦବଙ୍କ ପରେ ଏବେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମଧ୍ୟ ସମାନ ରାସ୍ତାରେ ଯାଇଛନ୍ତି। ପଞ୍ଜାବରେ କଂଗ୍ରେସ ସହ କୌଣସି ମେଣ୍ଟ ହେବ ନାହିଁ ଏବଂ ଆପ୍ ଏଠାରେ ଏକାକୀ ଲଢିବ ବୋଲି କେଜ୍ରିୱାଲ ଶନିବାର ଘୋଷଣା କରିଛନ୍ତି। ପଞ୍ଜାବର ସମସ୍ତ ୧୩ ଲୋକସଭା ଆସନରେ ତାଙ୍କ ଦଳ ଏକାକୀ ଲଢିବ ଏବଂ ଏଥିପାଇଁ ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରିବା ନେଇ ସେ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ୧୩ଟି ଆସନ ସମେତ ଚଣ୍ଡିଗଡ଼ରେ ଗୋଟିଏ ଆସନରୁ ଆପ୍ ନିଜସ୍ୱ ପାର୍ଥୀ ଦେବ ବୋଲି କେଜ୍ରିୱାଲ ଘୋଷଣା କରିଛନ୍ତି। ପଞ୍ଜାବରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଦୁଇ ମାସ ମଧ୍ୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏହି ୧୪ଟି ଆସନ ପାଇଁ ଆପ୍ ଯଥାଶୀଘ୍ର ପ୍ରାର୍ଥୀ ଘୋଷଣା କରିବ ବୋଲି ସେ କହିଛନ୍ତି।

## ୧୩ରେ ଚାଷୀଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ

### ହରିୟାଣାର ୮ ଜିଲ୍ଲାରେ ୩ ଦିନ ପାଇଁ ଇଣ୍ଟରନେଟ୍ ବନ୍ଦ

ଚଣ୍ଡିଗଡ଼, ୧୦।୨ (ଏଜେନ୍ସି):

ହରିୟାଣାର ୮ ଜିଲ୍ଲାରେ ୩ ଦିନ ପାଇଁ ମୋବାଇଲ ଇଣ୍ଟରନେଟ, ଡଙ୍ଗଲ ଏବଂ ବଲ୍କ ଏସ୍ଏମ୍ଏସ୍ ସେବାକୁ ବନ୍ଦ କରିଦିଆଯାଇଛି। ଅମ୍ବାଲା, କୁରୁକ୍ଷେତ୍ର, କୈଥାଲ, ଜିନ୍ଦ, ହିସାର, ଫତେହାବାଦ ଏବଂ ସିର୍ସାରେ ରବିବାର ସକାଳ ୬ଟାରୁ ବୁଧବାର ରାତି ୧୨ଟା ପର୍ଯ୍ୟନ୍ତ କଟକଣା ରହିବ। ତେବେ ଲିଜ୍ ଲାଇନ ଏବଂ ବ୍ରଡ୍‌ବ୍ୟାଣ୍ଡ ସେବା ଜାରି ରହିବ। ୧୩ ତାରିଖରେ ପଞ୍ଜାବ ଏବଂ ହରିୟାଣା କୃଷକଙ୍କ 'ଦିଲ୍ଲୀ ଚଲୋ' ଯାତ୍ରାକୁ ଦେଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମିଥ୍ୟା ଖବର ଏବଂ ଜାଲ୍ ସୂଚନା ପ୍ରଚାରପ୍ରସାର ଉପରେ କଟକଣା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସଂଯୁକ୍ତ କିଶାନ ମୋର୍ଚ୍ଚା, କିଶାନ ମଜଦୁର ମୋର୍ଚ୍ଚା ସହିତ ପ୍ରାୟ ୨୦୦ ଚାଷୀ ସଂଗଠନ ଏହି ଦିଲ୍ଲୀ ଚଲୋ ଡାକରା ଦେଇଛନ୍ତି।



ଚାଷୀ କେନ୍ଦ୍ର ନିକଟରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଗ୍ୟାରେଣ୍ଟି ଆଇନ, ଡ. ସ୍ୱାମୀନାଥାନ କମିଶନଙ୍କ ରିପୋର୍ଟ ଆଧାରରେ ମୂଲ୍ୟ ଧାର୍ଯ୍ୟ, ଚାଷୀ ଋଣ ଛାଡ଼ ଆଦି ଦାବି କରିଛନ୍ତି। ସେହିପରି ଚାଷୀଙ୍କ ପଦଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିପାରେ ବୋଲି ଗୁଇନ୍ଦା ସୂଚନା ମିଳିଛି।

ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ନୋଏଡ଼ା ପ୍ରାଧିକରଣଠାରୁ ନିଜ ଜମି ପାଇଁ କ୍ଷତିପୂରଣ ଦାବି କରୁଥିବା ଚାଷୀ ସରକାରଙ୍କୁ ୨ ଦିନିଆ କଣ୍ଟ ଦେଇଛନ୍ତି। ୧୨ ତାରିଖ ଭିତରେ ଦାବି ପୂରଣ ନ କଲେ ପୁଣି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କହିଛନ୍ତି।

## ରାହୁଲଙ୍କୁ ନ୍ୟାୟ ମାଗିଲେ ପ୍ରଣବଙ୍କ ଝିଅ ଶର୍ମିଷ୍ଠା

**ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି):** ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ନ୍ୟାୟ ମାଗିଛନ୍ତି। ସେ ଚିଠିରେ କହିଛନ୍ତି ଯେ ରାହୁଲ ଏବଂ କଂଗ୍ରେସକୁ ସମାଲୋଚନା କରିବାରୁ ଦଳୀୟ ସମର୍ଥକ ତାଙ୍କୁ ସାମାଜିକ ଗଣମାଧ୍ୟମରେ ଉପହାସ କରୁଛନ୍ତି। ବାପା ପ୍ରଣବଙ୍କୁ ଗାଳି କରୁଛନ୍ତି। ସେ 'ଘୃଣାର ବଜାରରେ ଭଲ ପାଇବାର ଦୋକାନ' ପ୍ରସଙ୍ଗ ଉଲ୍ଲେଖ କରି ନ୍ୟାୟ ମାଗିଛନ୍ତି। ରାହୁଲଙ୍କ ପ୍ରିୟ ସ୍ଲୋଗାନ ତାଙ୍କ ସମର୍ଥକଙ୍କ କାନରେ ପଡୁନାହିଁ। କାରଣ ତାଙ୍କ ସମାଲୋଚନାକାରୀଙ୍କୁ ସବୁ ଘୃଣା ସହିବାକୁ ପଡୁଛି। ଯଦି ରାହୁଲ ପ୍ରକୃତରେ ନ୍ୟାୟ ଦେବାକୁ ଚାହୁଁଛନ୍ତି ତେବେ ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶର୍ମିଷ୍ଠା କହିଛନ୍ତି। ଏହା ପୂର୍ବରୁ ଗତ ୫ ତାରିଖରେ ଶର୍ମିଷ୍ଠା ଏକ କାର୍ଯ୍ୟକ୍ରମରେ ରାହୁଲଙ୍କ ସମାଲୋଚନା କରିଥିଲେ।

**● କେନ୍ଦ୍ର ଗୃହମନ୍ତ୍ରୀଙ୍କ ଘୋଷଣା**

## ନିର୍ବାଚନ ପୂର୍ବରୁ ଲାଗୁ ହେବ ସିଏଏ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ନାଗରିକତା ସଂଶୋଧନ ଅଧିନିୟମ(ସିଏଏ) ଲାଗୁ ହେବା ନେଇ ବହୁ ଦିନରୁ ଚର୍ଚ୍ଚା ଚାଲି ଆସିଥିଲେ ହେଁ ଆଜି ଯାଏଁ ଏହାକୁ ଲାଗୁ କରାଯାଇ ନାହିଁ। କିନ୍ତୁ ଆଗାମୀ ନିର୍ବାଚନ ପୂର୍ବରୁ ସିଏଏ ଲାଗୁ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ସ୍ପଷ୍ଟ କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ସାରା ଦେଶରେ ଲାଗୁ କରାଯିବ ବୋଲି ଶ୍ରୀ ଶାହ ଘୋଷଣା କରିଛନ୍ତି। ଏହି ଅଧିନିୟମକୁ ନେଇ ବିଭିନ୍ନ ସ୍ତରରେ ଏବେ ବି ବାଦ ବିବାଦ ଲାଗି ରହିଛି। କିନ୍ତୁ ଆଗାମୀ ନିର୍ବାଚନରେ ବିଜେପି ଜୋରଦାର ବିଜୟ ହାସଲ କରିବା ନେଇ ନିଶ୍ଚିତ ରହିଥିବାରୁ ନିର୍ବାଚନ ପୂର୍ବରୁ ଏହାକୁ ଲାଗୁ କରିବାକୁ ପ୍ରସ୍ତୁତି ନେଇ ସାରିଥିବା ସାଧାରଣରେ ଆଲୋଚନା ଜୋର ଧରିଛି। ସିଏଏ ଲାଗୁ ହେଲେ ଦେଶର କୌଣସି ବ୍ୟକ୍ତିଙ୍କ ନାଗରିକତା ଅଧିକାର କ୍ଷୁଣ୍ଣହେବ ନାହିଁ। କେବଳ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରେ ଧାର୍ମିକ ଉତ୍ପୀଡନର ଶିକାର ହେଉଥିବା ସଂଖ୍ୟାଲଘୁଙ୍କୁ ଭାରତରେ ନାଗରିକତା ସୁବିଧା ଦିଆଯିବ ବୋଲି ଶାହ କହିଛନ୍ତି।

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



## ହସିଲାଣି ହରିଶଙ୍କର

ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ହରିଶଙ୍କର। ଗୋଟିଏ ସ୍ଥାନରେ ହରି ଓ ଶଙ୍କରଙ୍କ ମିଳିତ ମନ୍ଦିର ରହିଥିବାରୁ ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ମଧ୍ୟ ହରିଶଙ୍କରକୁ କୁହାଯାଇଥାଏ। କୁଳୁକୁଳୁ ନାଦରେ ବହିଆସିଥିବା ଝରଣା, ଔଷଧୀୟ ବୃକ୍ଷରେ ଭର୍ତ୍ତି ଗନ୍ଧମାର୍ଦ୍ଦନ ପର୍ବତ ଶୋଭାବର୍ଦ୍ଧନ କରୁଛି। ତେବେ ଏହି ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାର ଶହେ କୋଟି ଟଙ୍କା ଘୋଷଣା ହୋଇଥିବା ବେଳେ ପ୍ରାୟ ୧୭ କୋଟି ଟଙ୍କାର କାମ ଏବେ ସମ୍ପୂର୍ଣ୍ଣ ହୋଇଛି। ମିଳିଥିବା ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଉଠା ଦୋକାନୀଙ୍କ ପାଇଁ ଅଢ଼େଇ କୋଟି ଟଙ୍କା ବ୍ୟୟରେ ଷ୍ଟଲ୍ ନିର୍ମାଣ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟର ୧୫ କୋଟି ଟଙ୍କାରେ ଚାଲିଥିବା ଅନ୍ୟାନ୍ୟ କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଟଙ୍କାରେ ମନ୍ଦିର ପାଚେରି, ଭୋଗମଣ୍ଡପ, ସୂଚନା କେନ୍ଦ୍ର ତଥା ମ୍ୟୁଜିୟମ, ଶୌଚାଳୟ, ସୁବିଧାକେନ୍ଦ୍ର, ପାର୍କିଂସ୍ଥଳ, ଗାଧୁଆ ଘର ସହ ସୌନ୍ଦର୍ଯ୍ୟକରଣ କାମ କରାଯାଇଛି। ପର୍ଯ୍ୟାୟକ୍ରମେ ଆହୁରି ଅଧିକ ଟଙ୍କାରେ ଆଉ ସବୁ କାମ ମଧ୍ୟ ହାତକୁ ନିଆଯିବାର ଯୋଜନା ରହିଛି। କେବଳ ଏତିକି ନୁହେଁ, ହରିଶଙ୍କର ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏଠାରେ ଏକ ହରିଣ ପାର୍କ ରହିଛି। ଯାହାର ଉନ୍ନତିକରଣ କାମ ମଧ୍ୟ ବନ ବିଭାଗ ଜରିଆରେ କରାଯାଇଛି। ହରିଣ ପାର୍କ ସମ୍ପ୍ରସାରଣ, ଶିଶୁ ଉଦ୍ୟାନ, ବଟାନିକାଲ ଗାର୍ଡେନ ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସେହିପରି ବନ ବିଭାଗର ଡାକବଙ୍ଗଳାର ମଧ୍ୟ ନବୀକରଣ କରାଯାଇଛି। ପର୍ଯ୍ୟଟକମାନେ ଚାହିଁଲେ ହରିଶଙ୍କରରେ ରାତ୍ରିଯାପନ କରିପାରିବେ।

## ଗାଇଖାଇରେ ବଣଭୋଜି ଓ ବୋଟିଂ

ବଲାଙ୍ଗିର ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ରହିଥିବା ଗାଇଖାଇ ଜଙ୍ଗଲ ଭିତରେ ବଣଭୋଜି ସହ ଜଳଭଣ୍ଡାରରେ ବୋଟିଂର ବ୍ୟବସ୍ଥା ରହିଛି। ଦିନେ ଏହି ସ୍ଥାନକୁ ଆସିବାକୁ ପର୍ଯ୍ୟଟକମାନେ ନାକ ଟେକୁଥିବା ବେଳେ ଏହି ପ୍ରକଳ୍ପ ଉପରେ ରାଜ୍ୟ ସରକାରଙ୍କ ନଜର ପଡ଼ିବା ପରେ ଏହା ଏବେ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ହୋଇପାରିଛି। ବଲାଙ୍ଗିର ସଦର ମହକୁମାଠାରୁ ପ୍ରାୟ ୨୭ କିଲୋମିଟର ଦୂରରେ ରହିଛି ଗାଇଖାଇ ଜଳସେଚନ ପ୍ରକଳ୍ପ। ୨୬ ନମ୍ବର ଜାତୀୟ ରାଜପଥ ସାଲେଭଟା ଓ ଲୋଇସିଂହା ମଝିରେ ଥିବା ଏହି ପ୍ରକଳ୍ପ ବଣ ପାହାଡ଼ ଭିତରେ ରହିଥିବାରୁ ବନ୍ୟପ୍ରାଣୀ ରହିବା ସହିତ ବଣଭୋଜି କରିବା ପାଇଁ ମଧ୍ୟ ଭିଡ଼ ଜମୁଛି। ଗତବର୍ଷ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହି ଜଳସେଚନ ପ୍ରକଳ୍ପ ଭିତରେ ବୋଟିଂ ବ୍ୟବସ୍ଥା କରିବା ସହିତ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରଥମେ ଏହାକୁ ଇକୋ ଟୁରିଜିମରେ ସାମିଲ କରି ପ୍ରାୟ ୭୩ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ଏହି ଅନୁଦାନରେ ବୋଟିଂ ବ୍ୟବସ୍ଥା କରାଯିବା ସହ ବିଦ୍ୟୁତିକରଣ, ରେଷ୍ଟ ହାଉସ ଉନ୍ନତିକରଣ କାମ, ଡିଜିଟାଲ ଟିକଟ୍ ଘର, ଶୌଚାଳୟ ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ଏହା ସହିତ ଏକ ଶିଶୁ ଉଦ୍ୟାନ ନିର୍ମାଣ କାମ ଚାଲିଥିବା ବେଳେ ରେଷ୍ଟୁରାଣ୍ଟ ମଧ୍ୟ କରାଯିବ। ବନ ବିଭାଗ ଦ୍ୱାରା '୫-ଟି' ଉପକ୍ରମରେ ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ କରାଯାଇଥିବା ବେଳେ ଏବେ ଏହା ଏକ ବିକଶିତ ପର୍ଯ୍ୟଟନକ୍ଷେତ୍ର ଭାବେ ରୂପାନ୍ତରିତ ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଏଠାକୁ ଲୋକେ ଆସୁଛନ୍ତି। ଆଗକୁ ଏହି ପର୍ଯ୍ୟଟନକ୍ଷେତ୍ରରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନ୍ୟ ସବୁ ବ୍ୟବସ୍ଥା କରାଯିବାର ଯୋଜନା ରହିଛି। ଡିଏଫ୍ଓ ନୀତୀଶ କୁମାରଙ୍କ ଉଦ୍ୟମରେ ଏହାର ନବୀକରଣ ହୋଇଥିବା ବେଳେ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।





# ପର୍ଯ୍ୟଟନର ବିକାଶରେ '୫-ଟି' ଛାପ

'୫-ଟି' ଉପକ୍ରମରେ ରାଜ୍ୟର ବିଭିନ୍ନ ପ୍ରକଳ୍ପକୁ ନୂଆ ରୂପ ଦିଆଯାଉଥିବା ବେଳେ ଏଥିରେ ସାମିଲ ହୋଇଛି ବଲାଙ୍ଗିର ଜିଲ୍ଲା। ଫଳରେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ହୋଇଛି ରୂପାନ୍ତରୀକରଣ। ହରିଶଙ୍କରରୁ ଗାଇଖାଇ, କୁମୁଡ଼ା ପାହାଡ଼ରୁ ଭୀମଡୁଙ୍ଗୁରି, ପ୍ରାୟ ସମସ୍ତ ପର୍ଯ୍ୟଟନକ୍ଷେତ୍ର ଏବେ ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଜିଲ୍ଲାରେ ରୂପାନ୍ତରିତ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ଆମର ଏ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ : ଶିଶିରକାନ୍ତ ଶତପଥୀ, ଅଭିଲାଷ ହୋତା, ବଲାଙ୍ଗିର

## ଚମକୁଛି କୁମୁଡ଼ା

ଏକଦା ଲଣ୍ଡାପାହାଡ଼ ନାମରେ ପରିଚିତ ଟିଟିଲାଗଡ଼ର ପ୍ରସିଦ୍ଧ କୁମୁଡ଼ା ପାହାଡ଼ ଆଜି ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି। ଏହି ପାହାଡ଼ ଗୁମ୍ଫାରେ ଧବଳେଶ୍ୱର ପୂଜା ପାଉଥିବା ବେଳେ ପାର୍କ, ବୃକ୍ଷରୋପଣ ସହ ଅନ୍ୟ ସବୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ୧ କୋଟି ୮୮ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ '୫-ଟି' ସଚିବ (ବର୍ତ୍ତମାନର '୫-ଟି' ଅଧ୍ୟକ୍ଷ) କାର୍ତ୍ତିକ ପାଣ୍ଡିଆନ ଟିଟିଲାଗଡ଼ ଗସ୍ତକରି କୁମୁଡ଼ା ପାହାଡ଼ରେ କ'ଣ ସବୁ ବିକାଶ କରାଯାଇ ପାରିବ, ତାହା ନିରୀକ୍ଷଣ କରିଥିଲେ। ଏହାର କିଛି ଦିନପରେ କୁମୁଡ଼ା ପାହାଡର ବିକାଶ ପାଇଁ ରାଜ୍ୟ ସରକାର ୧ କୋଟି ୮୮ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବଲାଙ୍ଗିର ଡିଏଫ୍ଓ ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ଉନ୍ନତିମୂଳକ କାମ ଚାଲିଛି। ମନ୍ଦିରର ଉନ୍ନତିକରଣ ତଥା ସୌନ୍ଦର୍ଯ୍ୟକରଣ, କୁମୁଡ଼ା ପାହାଡ଼ର ପାଦଦେଶରେ ପାର୍କ ନିର୍ମାଣ, ପାର୍କିଂ ବ୍ୟବସ୍ଥା ଭଳି ସବୁ ଦିଗରେ କୁମୁଡ଼ା ପାହାଡ଼ର ବିକାଶକୁ ଧ୍ୟାନ ଦିଆଯାଇଛି। ଫଳରେ ଏବେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବଢ଼ିଛି।



## ତିନି ପୁରୁଣା ମନ୍ଦିରରେ '୫-ଟି' ସ୍ପର୍ଶ

ବଲାଙ୍ଗିର ସହରକୁ ମଧ୍ୟ ପର୍ଯ୍ୟଟନର ଏକ ହବ୍ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। '୫-ଟି' ରୂପାନ୍ତରୀକରଣରେ ମନ୍ଦିରଗୁଡ଼ିକର ଉନ୍ନତିକରଣ କରାଯାଉଥିବା ବେଳେ ସହରରେ ଥିବା ତିନି ପ୍ରମୁଖ ମନ୍ଦିରକୁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଇଛି। ସହରରେ ଥିବା ପୁରାତନ ସମଲେଶ୍ୱରୀ ମନ୍ଦିର ପାଇଁ ୩ କୋଟି ୧୫ଲକ୍ଷ ଟଙ୍କାର ଅନୁଦାନ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସେହିପରି ପାଟଣେଶ୍ୱରୀ ମନ୍ଦିର ପାଇଁ ୧ କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଏହି ଟଙ୍କାର ଉଭୟ ମନ୍ଦିରର ସାମଗ୍ରିକ ବିକାଶ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ଉନ୍ନୟନମୂଳକ କାମ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଗୋପାଳଜୀ ମନ୍ଦିରକୁ ସର୍ବାଧିକ ୫ କୋଟି ୭୧ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। କିଛି ମାସ ତଳେ '୫-ଟି' ଅଧ୍ୟକ୍ଷ ବଲାଙ୍ଗିର ଗସ୍ତ ସମୟରେ ଏହି ତିନି ମନ୍ଦିର କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେମାନେ କରିଥିବା ଦାବି ଅନୁସାରେ ଏହି ଅନୁଦାନ ପ୍ରଦାନ କରାଯାଇଛି।








## ଭୀମଡୁଙ୍ଗୁରୀ ମୁହାଁ ପର୍ଯ୍ୟଟକ

ବଲାଙ୍ଗିର ଜିଲ୍ଲାରେ ପର୍ଯ୍ୟଟକଙ୍କ ପାଇଁ ନୂଆ ଠିକଣା ସାଜିଛି ଦେଓଗାଁ ବ୍ଲକର ଭୀମଡୁଙ୍ଗୁରୀ। ରାଜ୍ୟ ସରକାରଙ୍କ ଉଦ୍ୟମରେ ବନ ବିଭାଗ ଦ୍ୱାରା ଏହି ପର୍ଯ୍ୟଟନସ୍ଥଳର ନବକଳେବର କରାଯାଇଛି। ଏଠାରେ ଶିଶୁ ଉଦ୍ୟାନ, ଭୀମଡୁଙ୍ଗୁରୀର ଉନ୍ନତିକରଣ, ପାନୀୟ ଜଳ ବ୍ୟବସ୍ଥା ସାଙ୍ଗକୁ ନୌ-ବିହାର ବ୍ୟବସ୍ଥା କରାଯାଇଛି। ସବୁଜ ବନାନୀ ଭିତରେ ଥିବା ଏହି ପାହାଡ଼ରେ ରହିଛି ବହୁ ସଂଖ୍ୟାରେ ଗୁମ୍ଫା। ଏହାର ଐତିହାସିକ ପୃଷ୍ଠଭୂମି ମଧ୍ୟ ରହିଛି। ୨୦୧୫ରେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ଏହି ସ୍ଥାନ ଆଜିର ଦିନରେ ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ପର୍ଯ୍ୟଟକଙ୍କ ପସନ୍ଦର ସ୍ଥାନ ଭାବେ ପରିଚୟ ପାଇଛି। ଏହାକୁ ଇକୋ ଟୁରିଜିମ୍‌ରେ ସାମିଲ କରି ବନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ ହାତକୁ ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପାହାଡ଼ ଉପରକୁ ପାହାଚ, ପାହାଚରେ ରେଲିଂ, ପାହାଡ଼ର ବିପରୀତ ପାର୍ଶ୍ୱରେ ପାହାଚ ନିର୍ମାଣ ସମେତ ପିଇବା ପାଣିର ବ୍ୟବସ୍ଥା, ଆଲୋକୀକରଣ କରାଯାଇଥିଲା। ଏହା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫୦ ଲକ୍ଷ ଟଙ୍କାର ପାଣ୍ଠି ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଥିଲା। ଏହି ଟଙ୍କାରେ ଓଟିଡିସି ପକ୍ଷରୁ ନିର୍ମାଣ ହୋଇଥିବା ବଙ୍ଗଳାର ଉନ୍ନତିକରଣ କାମ, ଭୀମଡୁଙ୍ଗୁରୀକୁ ଲାଗିରହିଥିବା ଜଳାଶୟରେ ବୋଟିଂ ବ୍ୟବସ୍ଥା କରାଯାଇଥିଲା। ଏହି ବୋଟିଂରୁ ପ୍ରତି ଆର୍ଥିକ ବର୍ଷ ୫ ଲକ୍ଷରୁ ଅଧିକ ରାଜସ୍ୱ ଆୟ ହେଉଛି। ଉନ୍ନତିକରଣ ସହ ଏକ ସୁଦୃଶ୍ୟ ଶିଶୁ ଉଦ୍ୟାନ ନିର୍ମାଣ ହୋଇଛି। ପାର୍କ ପରିଚାଳନା ଦାୟିତ୍ୱ ମୁକୁନ୍ଦପୁର ପଞ୍ଚାୟତସ୍ତରୀୟ ଏସ୍ଏଚ୍‌ଜି ସଂଘକୁ ଦିଆଯାଇଛି। ପାର୍କକୁ ଲାଗି ଖୋଲା ଯାଇଥିବା ମିଶନ ଶକ୍ତି କାଫେର ଦାୟିତ୍ୱ ମୁକୁନ୍ଦପୁର ପଞ୍ଚାୟତସ୍ତରୀୟ ସଂଘକୁ ଦିଆଯାଇଛି। ଏହି ସଂଘରେ ୨୬ ଜଣ ସଦସ୍ୟ ରହିଥିବା ବେଳେ ଏହା ତାଙ୍କ ପାଇଁ ଆୟର ଏକ ସୁଯୋଗ ସୃଷ୍ଟିକରିଛି। ପର୍ଯ୍ୟଟନ ବିକାଶ ସହ ମହିଳାଙ୍କୁ ସଶକ୍ତୀକରଣ କରିବା ଦିଗରେ ଭୀମଡୁଙ୍ଗୁରୀ ସହାୟକ ହୋଇଛି। ଏହାର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଧିକ ୬ କୋଟି ୬୬ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ଏହି ଟଙ୍କାରୁ ୨ କୋଟି ୧୮ ଲକ୍ଷ ଟଙ୍କାରେ ଜଳାଶୟର ଉନ୍ନତିକରଣରେ ଖର୍ଚ୍ଚ କରାଯିବା ସହିତ ଆଲୋକୀକରଣ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ବଣଭୋଜି ପିଣ୍ଡି, ଡଷ୍ଟବିନ୍, ପାର୍କର ଉନ୍ନତିକରଣ, ଓଟିଡିସି ବଙ୍ଗଳାର ଉନ୍ନତିକରଣ ଭଳି ପାଖାପାଖି ୧୯ଟି ଛୋଟବଡ଼ କାମ କରାଯିବ।



ଗୁଡ୍ ମର୍ଣ୍ଣିଂ

ରିପୋର୍ଟର



# ରାହା ଦେଖାଇଛି ରଙ୍ଗିନ ଫୁଲକୋବି



ଅଶୋକ ମିଶ୍ର

ମାଲକାନଗିରି ଜିଲ୍ଲାର ଆଦିମ ଜନଜାତିଙ୍କୁ ବର୍ତ୍ତମାନ ରୋଜଗାରର ନୂଆ ରାହା ଦେଖାଇଛି ରଙ୍ଗିନ ଫୁଲ କୋବି ଚାଷ ସହ ଅନେକ ପନିପରିବା ଚାଷ। ଯେଉଁଠି ଲୋକେ ରୋଜଗାର ପାଇଁ ବାହାରକୁ ଦାଦନ ଯାଉଥିଲେ, ବର୍ତ୍ତମାନ ସେହି ଅଞ୍ଚଳରେ ସରକାରୀ ସହାୟତାରେ ଆରମ୍ଭ ହୋଇଥିବା ଏହି ପରିବା ଚାଷ ଲୋକଙ୍କୁ ଦେଇଛି ନୂଆ ରାହା ଏବଂ ଭଲ ରୋଜଗାର। ସମୁଦ୍ର ପତନ ଠାରୁ ପ୍ରାୟ ୫୦୦୦ ଫୁଟ ଉଚ୍ଚରେ ରହିଥିବା ମାଲକାନଗିରି ଜିଲ୍ଲାର ଏହି ବଡଡୁରାଲ ପଞ୍ଚାୟତର ମାଳୀଗୁଡା ଗ୍ରାମରେ ବର୍ତ୍ତମାନ ପାହାଡ଼ ଛାତିରେ ସବୁଜ କ୍ଷେତ ସଜେଇ ହୋଇଛି। କ୍ଷେତରେ ଫଳିଛି ଜାତିଜାତିକା ଫସଲ। ଗୋଟିଏ ଦୁଇଟି ଫସଲ ନୁହେଁ, ଏକାଧିକ ଫସଲର ସମ୍ଭାର ଦେଖିବାକୁ ମିଳୁଛି ଏହି ଗ୍ରାମରେ। ଗାଁରେ ଏବେ ରଙ୍ଗୀନ କୋବି, ଗାଜର, ଟମାଟ, ଧନିଆ, ଲଙ୍କା ଭଳି ଅନେକ ପ୍ରକାର ଚାଷ ହେଉଥିବା ବେଳେ ଏହା ଗ୍ରାମବାସୀଙ୍କୁ ଦେଇଛି ନୂଆ ପରିଚୟ ସହ ଉତ୍ତମ ରୋଜଗାର ବାଟ। ଏହି ଗାଁରେ ଅତୀତର ମଣିଷ ପାରମ୍ପରିକ ଚାଷ କରି ନିଜ ଜୀବିକା ନିର୍ବାହ କରୁଥିଲେ। ତେବେ ପୂର୍ବରୁ ଚାଷ କାମରେ ସ୍ଥାନୀୟ ଲୋକେ କେବଳ ନିଜ ଖାଦ୍ୟ ଓ ବିକ୍ରୟ ପାଇଁ ଧାନ, ମାଣ୍ଡିଆ, ବିରି ଭଳି ଚାଷ କରୁଥିବା ବେଳେ ଏଥିରେ ବିଶେଷ ଲାଭ ହେଉ ନ ଥିବାରୁ ଧୀରେ ଧୀରେ ଯୁବପିଢୀ ଏଥିରୁ ମୁହଁ ଫେରେଇ ନେଇଥିଲେ। କିନ୍ତୁ ବର୍ତ୍ତମାନ ଗ୍ରାମରେ ଲୋକେ ନିଜେ ପନିପରିବା ଚାଷ ବିଷୟରେ ଅଧିକ ଆଗ୍ରହ ପ୍ରକାଶ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ଏ ସମ୍ପର୍କରେ ଜ୍ଞାନ ନେଇ ଆରମ୍ଭ କରିଛନ୍ତି ବିଭିନ୍ନ ପନିପରିବା ଚାଷ। ଧଳା କୋବିର ଏତେଟା ଚାହିଦା ନ ଥିବାରୁ ଭଲ ଦରରେ ବିକ୍ରି ହେଉଛି ହଳଦିଆ ଓ ବାଇଗଣୀ ରଙ୍ଗର ଏହି ଫୁଲକୋବି। ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକଙ୍କୁ ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଦିଆଯାଉଥିବା ବେଳେ କୃଷି ବିଭାଗର ବିହନ ସହାୟତାରେ ରଙ୍ଗିନ କୋବି ଚାଷ କରିଛନ୍ତି ଚାଷୀ। କୋବି ସହିତ ଆହୁରି ଅନେକ ପନିପରିବା ଚାଷ ବର୍ତ୍ତମାନ ଏଠିକାର ଲୋକଙ୍କୁ ସ୍ୱାବଲମ୍ବୀ କରିଛି। ଯେଉଁଠି ଯୁବପିଢୀ ଦାଦନ ମୁହାଁ ହେଉଥିଲେ ଶେଠୀ ବର୍ତ୍ତମାନ ଲୋକେ ରାତି ପାହିଲେ ଗାଁର ମହିଳା ଓ ପୁରୁଷ ଚାଷ ଜମିରେ ଖଟିବାର ଦେଖିବାକୁ ମିଳୁଛି। ଏପରି ଚାଷ ହେଉଥିବା ବେଳେ ଚାଷ ଦେଖିବାକୁ ଆଖ ପାଖ ଅନେକ ଅଞ୍ଚଳର ଲୋକେ ଆସୁଛନ୍ତି। ଏହି ଗାଁଟି ପରିବା ଚାଷ ପାଇଁ ବର୍ତ୍ତମାନ ଅଞ୍ଚଳରେ ନୂଆ ପରିଚୟ ପାଇଥିବା ବେଳେ ଅନ୍ୟ ଗ୍ରାମ ପାଇଁ ଏମାନେ ପାଲଟିଛନ୍ତି ଉଦାହରଣ।



**ବର୍ତ୍ତମାନର ଚାଷୀ ପେସାଦାର ଢଙ୍ଗରେ କୃଷି କର୍ମ କରି ଖାଦ୍ୟ ସହିତ ଆୟ ହେଉଥିବା ଫସଲ ଚାଷକୁ ଗୁରୁତ୍ୱ ଦେଇଥିବା ବେଳେ ଏଠିକାର ଜଳବାୟୁ ମଧ୍ୟ ପରିବା ଚାଷ ପାଇଁ ବେଶ ଅନୁକୂଳ ହୋଇଥିବାରୁ ଅଧିକାଂଶ ଲୋକ ଏବେ ଚାଷ ଉପରେ ମନନିବେଶ କରିଛନ୍ତି। ଫଳରେ ଏକର ଏକର ଜମିରେ ସଜେଇ ହୋଇଛି ସବୁଜିମାର ବାଦଲ। ବିଶେଷ କରି ଏଠିକାର ଲୋକେ ବର୍ତ୍ତମାନ ରଙ୍ଗିନ ଫୁଲ କୋବି ଚାଷ କରିଥିବା ବେଳେ ଏହାର ବଜାରରେ ଅଧିକ ଚାହିଦା ରହିଥିବାରୁ ଚାଷୀ ମଧ୍ୟ ଭଲ ଦୁଇ ପଇସା ରୋଜଗାର କରିପାରୁଛି।**



# ଅନନ୍ୟ ଭାରତ ମାତା ମନ୍ଦିର

**ମନ୍ଦିର କହିଲେ ସାଧାରଣ ଭାବେ ଦେବଦେବୀଙ୍କ ଉପାସନା ସ୍ଥଳୀକୁ ବୁଝାଏ ଯେଉଁଠାରେ ପାରମ୍ପରିକ ଦେବତା ବା ଦେବୀଙ୍କ ପ୍ରତିମା ଶୋଭାପାଏ। କିନ୍ତୁ ବୌଦ୍ଧ ଜିଲ୍ଲାରେ ଏଭଳି ଏକ ମନ୍ଦିର ରହିଛି ଯେଉଁଠାରେ ପାରମ୍ପରିକ ଦେବାଦେବୀଙ୍କ ପ୍ରତିମା ବଦଳରେ ଭାରତ ମାତାଙ୍କ କାଳ୍ପନିକ ପ୍ରତିମା ପୂଜା କରାଯାଏ। ପାରମ୍ପରିକ ମନ୍ଦିର ଆଧ୍ୟାତ୍ମିକତା ସହିତ ଯୋଡ଼ି ହୋଇଥିବା ବେଳେ ଏହି ମନ୍ଦିର ଦେଶଭକ୍ତି ସହିତ ଜଡ଼ିତ।**









ଦିବ୍ୟ ରଞ୍ଜନ ପଟ୍ଟନାୟକ

ବୌଦ୍ଧ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୋଛାପଡ଼ା ପଞ୍ଚାୟତର ବନପାଲି ଗାଁରେ ରହିଛି ଏହି ଭାରତ ମାତା ମନ୍ଦିର। ୧୯୪୨ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମନ୍ଦିର ଏହି ଶ୍ରେଣୀରେ ଏକ ଅନନ୍ୟ ମନ୍ଦିର ହୋଇଥିବା ବେଳେ, ଆମ ଦେଶରେ କେବଳ ଉତ୍ତରପ୍ରଦେଶ ବାରଣାସୀ ସହରରେ ଏକ ଭାରତ ମାତା ମନ୍ଦିର ରହିଛି ଯେଉଁଠାରେ ପଥର ଖୋଦେଇ ଅବିଭକ୍ତ ଭାରତବର୍ଷର ମାନଚିତ୍ର ରହିଛି ଯାହାକୁ ୧୯୩୬ ମସିହାରେ ମହାତ୍ମାଗାନ୍ଧୀ ଉଦଘାଟନ କରିଥିଲେ। ତେବେ ଭାରତ ମାତାଙ୍କ ପ୍ରତିମା ପୂଜା ପାଉଥିବା ବୌଦ୍ଧର ଏହି ମନ୍ଦିର ସମ୍ଭବତଃ ଦେଶର ଏକମାତ୍ର ମନ୍ଦିର। ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ବନପାଲି ଗ୍ରାମର ଗଙ୍ଗାଧର ମେହେର, ଡମ୍ବରୁ ମେହେର, ଗୋପୀନାଥ ମେହେର ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସଂଘ କଂଗ୍ରେସରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ ୧୯୪୨ ମସିହାରେ ଗ୍ରାମରେ ଭାରତ ମାତା ମନ୍ଦିର ପ୍ରତିଷ୍ଠା କରିଥିଲେ। ସେତେବେଳେ ଭାରତ ମାତାଙ୍କ ମାଟି ପ୍ରତିମା ସ୍ଥାପନ କରାଯାଇ ଚାଳ ଘରେ ପୂଜା କରାଯାଉଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ଚାଳ ଘରେ ମାଟି ପ୍ରତିମା ପୂଜା ପାଉଥିବା ବେଳେ ନୀଳାମ୍ବର ମେହେର ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀ ସେଠାରେ ସିମେଣ୍ଟ ପ୍ରତିମା ନିର୍ମାଣ କରାଇଛନ୍ତି। ପାରମ୍ପରିକ ମନ୍ଦିର ଭଳି ଏଠାରେ ପ୍ରତ୍ୟହ ସକାଳେ ନଡ଼ିଆ, କଦଳୀ, ଉଖୁଡା ଭୋଗ ଲାଗି କରାଯାଏ ଏବଂ ସନ୍ଧ୍ୟାରେ ଧୂପ ଦୀପ ଦେଇ ପୂଜା କରାଯାଏ।ପ୍ରତି ମଙ୍ଗଳବାର ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ହେବା ସହ ଅଗଷ୍ଟ ୧୫ ଏବଂ ଜାନୁଆରୀ ୨୬ ଧୂମଧାମରେ ପାଳିତ ହୁଏ। ମନ୍ଦିର ପ୍ରତିଷ୍ଠାତା ଗଙ୍ଗାଧର ମେହେରଙ୍କ ୮୪ ବର୍ଷୀୟ ପୁତ୍ର ବୃଷଭ ମେହେର ବର୍ତ୍ତମାନ ମନ୍ଦିରରେ ପୂଜାର୍ଚ୍ଚନା, ଉତ୍ସବ, ରକ୍ଷଣାବେକ୍ଷଣା ଇତ୍ୟାଦି କରୁଥିବା ବେଳେ ବୟସାଧିକ୍ୟ ଯୋଗୁଁ ତାଙ୍କ ତିନି ପୁତ୍ର ପର୍ଶୁରାମ, କୀର୍ତ୍ତନ ଏବଂ ପ୍ରଶାନ୍ତ ତାଙ୍କୁ ସହଯୋଗ କରୁଛନ୍ତି। ଲୋକଲୋଚନରୁ ଦୂରରେ ଥିବା ବୌଦ୍ଧ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀର ଏହି ବିରଳ ମନ୍ଦିରର ଅଧିଷ୍ଠାତ୍ରୀ ଭାରତ ମାତାଙ୍କୁ ଗ୍ରାମବାସୀ ଗ୍ରାମଦେବୀ ଭାବେ ବିବେଚନା କରୁଥିବା ବେଳେ ସର୍ବଦା ଶୀର୍ଷରେ ତ୍ରିରଙ୍ଗା ଉଡୁଥିବା ଏହି ମନ୍ଦିର ଦେଶପ୍ରେମ, ଏକତା ଓ ସାମ୍ପ୍ରଦାୟିକ ସଦଭାବନାର ଏକ ପ୍ରକୃଷ୍ଟ ନିଦର୍ଶନ।

# ଭିନ୍ନ ଜଣେ ଭକ୍ତ ଚିନ୍ତାମଣି

**ଭାବର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ସାମାନ୍ୟତମ ସେବା ପାଇଁ ଅନେକ ଇଚ୍ଛା ରଖିଥାନ୍ତି। ହେଲେ ଏହି ସୁଯୋଗ ସମସ୍ତଙ୍କ ଭାଗ୍ୟରେ ନ ଥାଏ। ଶ୍ରୀମନ୍ଦିରର ସେବକ ନ ହୋଇ ମଧ୍ୟ ଅନେକ ପରୋକ୍ଷରେ ମହାପ୍ରଭୁଙ୍କ ସେବା ପ୍ରତି ସମର୍ପିତ ଥାଆନ୍ତି। ଏମିତି ଅନେକ ଭକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଭିନ୍ନ ଜଣେ ଭକ୍ତ ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାଶ। ଠାକୁରଙ୍କ ଦୁର୍ଲ୍ଲଭ ପଦ୍ମ ବେଶ ପାଇଁ କ୍ରମାଗତ ୧୪ ବର୍ଷ ହେଲାଣି ନିଜ ସାମର୍ଥ୍ୟ ଅନୁଯାୟୀ ସେ ପଦ୍ମଫୁଲ ଯୋଗାଇ ଆସୁଛନ୍ତି।**



ହେମନ୍ତ ନାୟକ



୬୯ ବର୍ଷୀୟ ଚିନ୍ତାମଣି। ଘର କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ନିକଟସ୍ଥ ଯଦୁପୁର ଗୋପୀନାଥପୁର ଶାସନ। ହେଲେ ସପରିବାର ଭୁବନେଶ୍ୱରରେ ରହୁଛନ୍ତି। ୧୪ ବର୍ଷ ହେବ ମହାପ୍ରଭୁଙ୍କ ପଦ୍ମବେଶ ପାଇଁ ପଦ୍ମଫୁଲ ଯୋଗାଇ ଆସୁଛନ୍ତି। ଶନିବାର ଠାକୁରଙ୍କ ପଦ୍ମବେଶ ଲାଗି ଝୁଡ଼ିଏ ପଦ୍ମଫୁଲ ଆଣି ପୁରୀ ଆସିଥିବା ଚିନ୍ତାମଣୀ କହିଛନ୍ତି, ଅଚ୍ୟୁତାନନ୍ଦଙ୍କୁ ପଦ୍ମଫୁଲ ମାଳ ଦେଇଆସୁଥିଲି। ଦିନେ ଘରେ ପୂଜା କରୁଥିବା ବେଳେ ମହାପ୍ରଭୁଙ୍କୁ ପଦ୍ମଫୁଲ ଦେବାକୁ ମନ ହେଲା। ୨୦୧୧ ପଦ୍ମବେଶ ଦିନ ପ୍ରଥମଥର ଦାରୁବିଗ୍ରହଙ୍କ ପାଇଁ ପଦ୍ମଫୁଲ ଦେବାର ସୁଯୋଗ ପାଇଲି। ସେବେଠାରୁ ପ୍ରତିବର୍ଷ ପଦ୍ମବେଶରେ ଫୁଲ ଆଣି ଦେଉଛି। ଏହି ପଦ୍ମଫୁଲ ଯୋଗାଇଦେବା ଲକ୍ଷ୍ୟରେ ପୂର୍ବରୁ ଧଉଳି ପାହାଡ଼ ନିକଟରେ ଥିବା କିଛି ପୋଖରୀକୁ ଲିଜ୍ ସୂତ୍ରରେ ନେଉଥିଲେ। ଲୋକଙ୍କୁ ରଖି ଏହାର ଜଗାରଖା କରି ଫୁଲ ତୋଳୁଥିଲେ। ହେଲେ ଦୁଇବର୍ଷ ହେବ ଏବେ ଲୋକମାନଙ୍କଠାରୁ ଫୁଲ କିଣି ଆଣୁଛନ୍ତି। ପାଖ ପଡ଼ୋଶୀଙ୍କ ଦ୍ୱାରା ଫୁଲଗୁଡ଼ିକୁ ଫୁଟାଇ କଦଳୀ ପଟୁକାରେ ମାଳ କରିଥାନ୍ତି। ଶନିବାର ଅପରାହ୍ନରେ ଏକ ଗାଡ଼ିରେ ୪ ଝୁଡ଼ି ଏବଂ ୪ଟି ଥଳି ଭର୍ତ୍ତି ଫୁଲ ଆଣିଥିଲେ ଚିନ୍ତାମଣି। ସାଥିରେ ଥିଲେ ତାଙ୍କ ପତ୍ନୀ, ଜ୍ୱାଇଁ ପ୍ରଶାନ୍ତ କୁମାର ତ୍ରିପାଠୀ, ବନ୍ଧୁ ଅଶ୍ୱିନୀ କୁମାର ନାୟକ ଓ ଜିତନ୍ଦ୍ର କୁମାର ମହାନ୍ତି। ପ୍ରତିବର୍ଷ ପୁରୀ ଆସିବା ବେଳେ ଚିନ୍ତାମଣି ମା' ବାଟମଙ୍ଗଳାଙ୍କୁ ୫୪ଟି ଫୁଲରେ ଗୁନ୍ଥା ଯାଇଥିବା ମାଳ ଦିଅନ୍ତି। ସେହିପରି ଶ୍ରୀମନ୍ଦିର ପରିସର ମା' ବିମଳା, ଭୁବନେଶ୍ୱରୀ ଓ ମହାଲକ୍ଷ୍ମୀଙ୍କ ପାଇଁ ୧୦୮ଟି ଲେଖାଏଁ ଫୁଲରେ ଗୁନ୍ଥା ଯାଇଥିବା ପଦ୍ମମାଳା ପ୍ରଦାନ କରିଥାନ୍ତି। ଚିନ୍ତାମଣୀ କୁହନ୍ତି, ମୁଁ ନିଜ ଇଚ୍ଛାରେ ଫୁଲ ଦେଉନାହିଁ। ଭଗବାନଙ୍କ ଇଚ୍ଛାରେ ସବୁକିଛି ହେଉଛି। ମହାପ୍ରଭୁ ଯେତେଦିନ ଯାଏ ଚାହିଁଥିବେ ସେତେଦିନ ଯାଏ ଫୁଲ ଆଣି ଶ୍ରୀମନ୍ଦିରେ ଦେଉଥିବି। ବାଟମଙ୍ଗଳାଙ୍କୁ ଫୁଲମାଳ ଦେବା ସମ୍ପର୍କରେ ସେ କୁହନ୍ତି, ନବକଳେବର ସମୟରେ ଦାରୁ ଅନ୍ୱେଷଣରେ ସେବାୟତମାନେ ଯିବା ବେଳେ ମା' କୃପା କରିଥାନ୍ତି। ତେଣୁ ମହାପ୍ରଭୁଙ୍କ ପାଖକୁ ଯିବା ପୂର୍ବରୁ ପ୍ରଥମେ ମା'ଙ୍କୁ ଦର୍ଶନ ଏବଂ ଫୁଲମାଳ ପ୍ରଦାନ ପୂର୍ବକ ଆରାଧନା କରି ଶ୍ରୀମନ୍ଦିର ଅଭିମୁଖେ ଯାଇଥାଏ ବୋଲି କହିଛନ୍ତି ଚିନ୍ତାମଣି।

# ରାଣୀ ମା'ଙ୍କୁ ଝୁରୁଛି ଗଞ୍ଜାମ

**ଗଞ୍ଜାମ/ଖଲ୍ଲିକୋଟ, ୧୦।୨ (ସମିସ):** ପ୍ରିୟ ରାଜମାତା ଭି ସୁଜ୍ଞାନ କୁମାରୀ ଦେଓଙ୍କୁ ହରାଇ ସମଗ୍ର ଗଞ୍ଜାମ ଜିଲ୍ଲାବାସୀ ମ୍ରିୟମାଣ। ସାରା ଜିଲ୍ଲାରେ ପିଲାଠୁ ବୟସ୍କ-ଧନୀଠୁ ଗରିବ ସମସ୍ତଙ୍କ ମୁହଁରେ କେବଳ ଗୋଟିଏ କଥା-ରାଣୀ ମାଆ ଚାଲିଗଲେ। ଗଞ୍ଜାମବାସୀଙ୍କୁ ସନ୍ତାନବତ୍ ଭଲ ପାଉଥିବା ମାତୃତୁଲ୍ୟ ରାଣୀଙ୍କୁ ଏବେ ଝୁରି ହେଉଛନ୍ତି ଜିଲ୍ଲାବାସୀ।



ଭି ସୁଜ୍ଞାନ କୁମାରୀ ଦେଓ ଏକ ସମ୍ଭ୍ରାନ୍ତ ତେଲୁଗୁ ପରିବାରରେ ଗତ ୫. ୮. ୧୯୩୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଆର ଭି ଏମ୍ ନୀଳାଦ୍ରି ରାଓ ଏବଂ ମାତାଙ୍କ ନାମ ସାମ୍ରାଜ୍ୟ ଲକ୍ଷ୍ମୀ। ସେ ପିଲା ବେଳୁ ତତ୍କାଳୀନ ମାଡ୍ରାସ ସହରରେ ବଢ଼ିଥିଲେ ଓ ପାଠ ପଢ଼ିଥିଲେ। ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପାଇବା ପରେ ବି ସେ ବହୁ ବିଷୟରେ ଡିପ୍ଲୋମା କୋର୍ସ କରିଥିଲେ। ସେ ଖଲ୍ଲିକୋଟର ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପୁତ୍ର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କୁ ୧୯୫୯ ମସିହାରେ ପାଠ ପଢ଼ିଲା ବେଳେ ଭେଟିଥିଲେ। ତାଙ୍କୁ ବିବାହ କରିଥିଲେ। ୧୯୬୩ ଜାନୁଆରୀ ମାସ ୨୩ ତାରିଖରେ ରାଜାସାହେବ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କର ପରଲୋକ ଘଟିଥିଲା। ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ସ୍ଥାନରେ ହୋଇଥିବା ଉପ-ନିର୍ବାଚନରେ ୧୯୬୩ ମସିହାରେ ସେ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ବର୍ଷେ ଦୁଇ ବର୍ଷ ପରେ ନିଜ ସ୍ୱାମୀଙ୍କ ଦୀର୍ଘକାଳୀନ ଚିକିତ୍ସାରେ ସାହାଯ୍ୟ ପାଇଁ ସେ ମାଡ୍ରାସରେ ୧୯୭୧ ଯାଏଁ ରହିଥିଲେ। ୧୯୭୧ରେ ତାଙ୍କର ଶାଶୂ ଚନ୍ଦ୍ରପ୍ରିୟା ମର୍ଦ୍ଦରାଜ ଦେଓ ନୂତନ କଂଗ୍ରେସ ଦଳ ଖଲ୍ଲିକୋଟରୁ ବିଧାନସଭାକୁ ଲଢ଼ିବାକୁ ଟିକଟ ପାଇଥିଲେ। ସେହି ନିର୍ବାଚନରେ ସୁଜ୍ଞାନ କୁମାରୀ ସକ୍ରିୟ ଭୂମିକା ନେଇଥିଲେ। ୧୯୭୪ରେ ବିଜୁବାବୁ ତାଙ୍କୁ ଉତ୍କଳ କଂଗ୍ରେସକୁ ନେଇଥିଲେ। ୧୯୭୪ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। କଂଗ୍ରେସରୁ ଟିକଟ ପାଇ ପାରି ନ ଥିବା ସ୍ୱର୍ଗତ ନାରାୟଣ ସାହୁ ରାଣୀଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିଲେ। ୧୯୭୭ ନିର୍ବାଚନରେ ଜନତା ଦଳରୁ ସହଜରେ ବିଜୟୀ ହୋଇଥିଲେ। ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ମିଳିଥିବା କ୍ୟାବିନେଟ ମନ୍ତ୍ରୀ ପଦକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୮୦ରେ ସେ ଟିକଟ ମାଗି ନ ଥିଲେ। ୧୯୮୫ରେ ଏକ କଷ୍ଟକର ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମାଗୁଣି ପଲେଇଙ୍କୁ ୬ ହଜାର ଭୋଟରେ ପରାଜିତ କରି ସେ ବିଜୟ ଲାଭ କରିଥିଲେ। ଏହାପରେ ପରେ ସେ ୧୯୯୦, ୧୯୯୫ରେ ଜନତା ଦଳରୁ ଓ ୨୦୦୦, ୨୦୦୪, ୨୦୦୯, ୨୦୧୪ରେ ବିଜୁ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ସର୍ବମୋଟ ୧୦ଥର ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ଖଲ୍ଲିକୋଟର ବିଭିନ୍ନ ନେତାଙ୍କ ସହ ଦୁଇ ଦୁଇ ଥର ଲଢ଼ି ନିର୍ବାଚନ ଜିଣିଥିଲେ। ତ୍ରିନାଥ ସାମନ୍ତରାଙ୍କ ସହ ୧୯୭୪ ଓ ୧୯୭୭ରେ, ନାରାୟଣ ସାହୁଙ୍କ ବିରୋଧରେ ୧୯୬୩ ଓ ୧୯୯୦ରେ, ମାଗୁଣି ପଲେଇଙ୍କ ସହ ୧୯୮୫ ଓ ୧୯୯୫ରେ, କିଶୋର ପଲେଇଙ୍କ ସହ ୨୦୦୪ ଓ ୨୦୦୯ରେ ଲଢ଼ି ଜିଣିଥିଲେ। ବର୍ତ୍ତମାନ ଭାରତରତ୍ନ ପାଇଥିବା ନରସିଂହ ରାଓଙ୍କ ବିରୋଧରେ ସେ ବ୍ରହ୍ମପୁର ଲୋକସଭା ଆସନରେ ଲଢ଼ି ହାରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ରେ ସେ ନିର୍ବାଚନ ଲଢ଼ି ନ ଥିଲେ।

## ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଓଡ଼ିଶାର ଲୋକକ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଚୀର ସ୍ମରଣୀୟ ହୋଇ ରହିବେ। ରାଜ୍ୟପାଳ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଭି ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଭାବେ ଦଳକୁ ସଂଗଠିତ କରିବାରେ ତାଙ୍କର ବଡ଼ ଯୋଗଦାନ ରହିଛି। ଖଲ୍ଲିକୋଟ ଓ କବୀସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୧୦ଥର ବିଧାୟିକା ଭାବେ ପ୍ରତିନିଧିତ୍ୱ କରି ଜନସେବାରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଆମ ସମସ୍ତଙ୍କ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ପ୍ରଣବ ପ୍ରକାଶ, ସାଂସଦ ମାନସ ଓ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ଶୋକ

ପୂର୍ବତନ ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଶୋକ ବାର୍ତ୍ତାରେ ପ୍ରଣବ ପ୍ରକାଶ କହିଛନ୍ତି ଯେ, ବିଜେଡିର ସଂଗଠନ ସୁଦୃଢ଼ କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ଏକ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି ବୋଲି ଶ୍ରୀ ଦାସ କହିଛନ୍ତି।

ଖଲିକୋଟ ରାଣୀ ତଥା ପୂର୍ବତନ ବିଧୟିକା ଭି ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକରେ ଏକ ଯୁଗର ଅବସାନ ଘଟିଲା ବୋଲି ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି। ଏକ ଶୋକ ବାର୍ତ୍ତାରେ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ସ୍ୱର୍ଗତା ଦେଓ କେବଳ ଜଣେ ସଫଳ ରାଜନେତା ନଥିଲେ ବରଂ ସମାଜ ସେବା କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ। ଆମ ସମସ୍ତଙ୍କ ପାଇଁ ସେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ସେହିପରି ପୂର୍ବତନ ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳ ସଦସ୍ୟମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ୍, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଏସ୍‌ଏସ୍‌ଇପିଡି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମିଶନ୍ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଦୁଇ ମାସରେ ଅବକାରୀ କନଷ୍ଟେବଲ ଭାବେ ନିଯୁକ୍ତି ପ୍ରଦାନ ନିର୍ଦ୍ଦେଶ

**କଟକ, ୧୦।୨(ସମିସ):** ଅସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଅବକାରୀ କନଷ୍ଟେବଲ ପଦରେ ଜନୈକ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଅନ୍ୟପଟରେ ଯୋଗ୍ୟ ହେବା ସତ୍ତ୍ୱେ ନିଯୁକ୍ତିରୁ ବଞ୍ଚିତ ଆବେଦନକାରୀଙ୍କୁ ଆସନ୍ତା ଦୁଇ ମାସ ମଧ୍ୟରେ ଅବକାରୀ କନଷ୍ଟେବଲ ପଦରେ ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରଞ୍ଜିତ କୁମାର ଷଡ଼ଙ୍ଗୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରେ ପ୍ରସ୍ତୁତ ଜିଲ୍ଲାୱାରୀ ମେଧା ତାଲିକାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ ସମ୍ପୃକ୍ତ ପ୍ରତିପକ୍ଷଙ୍କ ନିଯୁକ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ।

O-2493

E-mail : rwdmohana@gmail.com

GOVERNMENT OF ODISHA
OFFICE OF THE SUPERINTENDENT ENGINEER
RURAL WORKS DIVISON MOHANA
NATIONAL COMPETITIVE BIDDING THROUGH e-Procurement
Identification No. Online Tender 17/MOHANA/2023-24

1. Name of the work : Road work
2. Total No. Work : 03 (Three) Nos.
3. Estimated Cost : From Rs 5.04 lakhs to 19.99 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Mohana | Online Tender 17/MOHANA/ 2023-24 | 3 (Three) Nos.. | 13.02.2024 from 11.00 AM | 22.02.2024 upto 5.00 PM | 19.02.2024 upto 5.00 PM | 23.02.2024 at 11.00 AM |

Further details can be seen from the Website www.tenderodisha.gov.in

Superintending Engineer
R.W. Division, Mohana

OIPR-25148/11/0034/2324

O-2494

jajpurrwd@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
'E' PROCUREMENT NOTICE No. Tender Online 31 JJPT of 2023-24

1. Name of work : Bridge Works.
2. Total No of Work : 2 No. Bridge Work.
3. Estimated Cost (Approx.) : Rs. 54.65 to 66.44 Lakhs
4. Period of Completion : 02 Months
5. Class of contractors : B Class

Other details as follows:

a) Procurement officer Rural Works Division, Jajpur : Executive Engineer,
b) Availability of tender online & submission of bid : 12.02.2024 at 10.00 AM to 20.02.2024 upto 5.00 PM
c) Last date & time of seeking of tender clarification : 19.02.2024 up to 5.00 PM
d) Opening of Technical Bid : 21.02.2024 at 11.30 A.M

Further details can be seen from the Govt. website www.tendersodisha.gov.in

Executive Engineer
Rural Works Division

OIPR-25074/11/0045/2324

O-2483

E-Mail - sencrwangul@yahoo.co.in
☎ 06764 - 236404

Government of Odisha
Office of the Chief Construction Engineer
Rural Works Circle ,Angul

SHORT TENDER CALL NOTICE
e-Procurement Notice for Bridge works in Odisha
Bid Identification No. Bridge Online AGL- 45/2023-24

No._441 // Dt.08.02.24//

1. Name of the work : Bridge works
2. Total No.of work : 01 No
3. Estimated cost : Rs.622.98 Lakhs
4. Class of Contractor : 'A' & Special Class
5 Period of completion. : As per Annexure
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Angul | Bridge Online-AGL-45/2023-24 | 12.02.24 at 10.00 A.M | 19.02.24 up to 4.30 P.M | 17.02.24 upto 1.00 P.M | 19.02.24 at 5.00PM | Will be intimated separately |

(1) For detailed Notice inviting Tenders,Please visit to the website www.tendersorissa.gov.in

Chief Construction Engineer,
Rural Works Circle,Angul.

OIPR-25180/11/0065/2324

A-1478

OFFICE OF SUPERINTENDING ENGINEER
MINOR IRRIGATION DIVISION, JAJPUR
Letter No.249/ Dt.06.02.2024
GOVERNMENT OF ODISHA e-Procurement Notice
Bid Identification No. on line SEMIDJAJ- 08/2023-24
eemijajpur@gmail.com

1.Name of work :- Improvement of Check Dams under M.I. Sub-Division Badachana Sukinda
2.Total Number of work :- 10 (ten) nos.
3.Estimated cost :- Varies from Rs.6.71/- to 8.46/-
4.Tender paper Cost(Online) :- Rs 4000/-
5.Bid Security (*Online*) :- 1% of the estimated cost.
6.Period of Completion :- As per DTCN
7.Availability of Bid Document :- From 10.02.2024, 10.00 AM to 16.02.2024, 5.000 PM in website (www.tendersorissa.gov.in)
8.Last date & Time of receipt of Bid through online :- 16.02.2024 at 5.00 PM through online
9.Date of opening of Bid documents :- 17.02.2024 at 11.00 A.M in the office of the SE, M.I. Division, Jajpur
10.Date of Lottery, if required :- 21.02.2024 at 11.00AM in the office of the SE, M.I. Division, Jajpur
11. Mode of Payment of Bid Cost & Bid Security :- Govt. of Odisha has introduced e-payment gateway in to the portal for payment of cost of Bid & Bid security/ EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e- procurement portal "https://tenderorissa.gov.in
12. The Authority reserves the right to cancel/reject any or all the tenders without assigning any reasons thereof.
13.Name and address of the OIT :- Superintending Engineer, M.I. Division, Jajpur At-Bhabaniganj, Near Hari Samantaray School, P.O :- Jajpur, Dist-Jajpur Phone :- 06728-222008 PINCODE :- 755001

Further details can be seen from the Government of Odisha Web-Sitewww.tendersorissa.gov.in

Sd/-
Superintending Engineer
M.I.Division, Jajpur

OIPR-32280/11/0005/2324

L-225

OFFICE OF THE EXECUTIVE ENGINEER (AGRIL.)
KORAPUT DIVISION, JEYPORE
Email id: eeagril.koraput@gmail.com
No. 357 / Date 09.02.2024
INVITATIONS FOR BIDS THROUGH e-procurement
BID Identification No/e-Procurement Notice No.- E.E. (Agril), Koraput Division, Jeypore-08/2023-24

The Executive Engineer (Agril.), Koraput Division, Jeypore on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Nos of the work/nature of work | Estimated Cost (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 4 (Four) Nos of Civil Works | Rs. 10.00lakhs to Rs. 27.00 lakhs | Rs. 6000/- | 1% On Estimated Cost | B, C & D | 90 days to 120 Days |

a) The bidders have to participate in ONLINE bidding only.
b) The web-site for "ONLINE BIDDING" is http://tendersorissa.gov.in.
c) Bid documents will be available in above Website from date. 15.02.2024 at 10.00 AM to Date. 21.02.2024 up to 5.30 P.M for "ONLINE BIDDING".
d) Date of original bid documents submission from dt. 15.02.2024 at 10.00 AM to Date. 22.02.2024 up up to 5.30 P.M.
e) Bids shall be opened at 11:00AM on Dt. 23.02.2024
f) The Tender Paper Cost will be deposited in shape of Bank Draft in favour of Executive Engineer (Agril), Koraput Division, Jeypore payable at Jeypore.
g) The EMD amount will be deposited in shape of Bank TDR duly pledged with Executive Engineer (Agril), Koraput Division, Jeypore by the awarded contractor only.
h) Henceforth all the correspondence will be made to the contractor / bidder through e-mail only (please quote your email with the tender paper).

The bidder must possess matching class compatible Digital Signature Certificate (DSC).

Further details and other terms and conditions can be seen from DTCN in the e- Procurement web site www.tendersorissa.gov.in.

N.B.: Subsequent corrigendum / addendum if required shall be available in the website as indicated above.

Executive Engineer (Agril.)
Koraput Division, Jeypore

OIPR-01472/11/0009/2324

## ଅବଶିଷ୍ଟାଂଶ...

### ନବୀନ ପୁଣି...

ରାଜ୍ୟ ସରକାର ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ନିଜ ପ୍ରତିବଦ୍ଧତାକୁ ଶାଣିତ କରି ଚାଲିଛନ୍ତି। ଆର୍ଥିକ ପରିଚାଳନା ହେଉ ଅବା, ଦକ୍ଷତା ବିକାଶ, ଶିଳ୍ପାୟନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କ୍ରମାଗତ ଭାବେ ବିକାଶର ନୂତନ ସୋପାନକୁ ଉନ୍ନିତ ହୋଇ ଇର୍ଷଣୀୟ ସଫଳତାର କୀର୍ତ୍ତିମାନ ହାସଲ କରିପାରିଛି। ପରିଣାମ ସ୍ୱରୂପ ଓଡ଼ିଶାବାସୀ ନବୀନ ସରକାରକୁ ବାରମ୍ବାର ଆଶୀର୍ବାଦ ଅଜାଡ଼ି ଦେଇଛନ୍ତି। ଏଣୁ ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦ ନେସନ୍ ଜନମତ ସର୍ଭେରେ ଏହାର ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳିଛି।

### ମହାଯାତ୍ରାରେ...

ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ରାଣୀଙ୍କ ପାର୍ଥିବ ଶରୀର ସନ୍ଧ୍ୟାରେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଶଙ୍ଖ ଭବନରେ ପହଞ୍ଚିବା ପରେ ପୂରା ପରିବେଶ ଗମ୍ଭୀର ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତା ଦେଓଙ୍କ ଶେଷ ଦର୍ଶନ ପାଇଁ ଶଙ୍ଖ ଭବନରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଦଳର ସାଂସଦ, ମନ୍ତ୍ରୀଗଣ, ବିଧାୟକ, ବିଧାୟିକା, ବରିଷ୍ଠ ନେତୃବୃନ୍ଦ, ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଶତାଧିକ ସଂଖ୍ୟାରେ ଶୁଭେଚ୍ଛୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁଜ୍ଞାନ ଦେବୀ ଅମର ରହେ ଧ୍ୱନିରେ ପୂରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହାପରେ ତାଙ୍କ ପ୍ରାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ, ବିଧାୟକମାନେ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ରାତିରେ ରାଣୀଙ୍କ ମରଶରୀରକୁ ଖଲ୍ଲିକୋଟ ଅଣାଯିବ। ଖଲ୍ଲିକୋଟ ନିର୍ମଳଝରସ୍ଥିତ ବାସଭବନରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପାର୍ଥିବ ଶରୀରକୁ ରଖାଯିବ। ରବିବାର ଦିନ ୩ଟାରେ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ପାର୍ଥିବ ଶରୀରକୁ ଏକ ବିରାଟ ପଟୁଆରରେ ନିର୍ମଳଝର ଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ରାଜ ପରିବାରର ସମାଧି ମଠକୁ ନିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ତାଙ୍କ ନିକଟତମ ମହଲରୁ ସୂଚନା ମିଳିଛି। ପ୍ରସ୍ତୁତ ହେଉଛି ସମାଧି ମଠ ଖଲ୍ଲିକୋଟ ରାଜ ପରିବାରର ଶେଷ ଦାୟାଦ ସମସ୍ତଙ୍କ ପ୍ରିୟ ରାଣୀ ମାଆ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପାର୍ଥିବ ଶରୀରକୁ ସ୍ୱାଗତ କରିବା ପାଇଁ ସଜେଇ ହେଉଛି ସମାଧି ମଠ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ସମାଧି ମଠରେ ରାଜ ପରିବାରର ସ୍ୱର୍ଗତ ହରିହର ମର୍ଦ୍ଦରାଜ ଦେଓ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଚନ୍ଦ୍ରପ୍ରିୟା ମର୍ଦ୍ଦରାଜ ଦେଓ, କନକମଞ୍ଜରୀ ମର୍ଦ୍ଦରାଜ ଦେଓ, ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ସମେତ ୨୯ ଜଣଙ୍କ ସମାଧି ରହିଛି। ବର୍ତ୍ତମାନ ରାଣୀ ସୁଜ୍ଞାନ ଦେବୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ସମାଧି ମଠରେ ସଫେଇ କାର୍ଯ୍ୟ ଚାଲିଛି।

### ୫୦୦ ଟଙ୍କା ବଢ଼ିଲା...

'୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ଲୋକମାନେ ଏହି ପେନସନ୍ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଏହା ପରେ ବିଭିନ୍ନ ସଭାରେ ମୁଖ୍ୟମନ୍ତ୍ରୀ ଭତ୍ତା ବୃଦ୍ଧି ନେଇ ଖୁବ୍‌ଶୀଘ୍ର ଘୋଷଣା କରିବେ ବୋଲି '୫-ଟି' ଅଧ୍ୟକ୍ଷ ଆଭାସ ଦେଇଥିଲେ। ଆଜି ତାହା ବାସ୍ତବତାର ରୂପ ନେଇଛି। ଶନିବାର ମୁଖ୍ୟମନ୍ତ୍ରୀ ଭତ୍ତା ପରିମାଣ ବୃଦ୍ଧି କରିବା ସହ ରାଜ୍ୟବାସୀଙ୍କୁ ଖୁସି ଖବର ଦେଇଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ଗତବର୍ଷ ଅଗଷ୍ଟରେ ୪.୧୩ ଲକ୍ଷ ବୃଦ୍ଧି ପାଇଥିଲା ଏବଂ ଏବେ ଆଉ ୪ଲକ୍ଷ ଅନ୍ତର୍ଭୁକ୍ତ ହେବା ପରେ ବର୍ତ୍ତମାନ ସମୁଦାୟ ୩୬.୭୫ ଲକ୍ଷ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନସନ୍ ବ୍ୟବସ୍ଥା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠରୋଗୀ, ଓଡ଼ିଶା ରାଜ୍ୟ ଏଡ୍‌ସ ସେଲ୍ ଦ୍ୱାରା ଚିହ୍ନଟ ହୋଇଥିବା ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ୍‌ରେ ବାପା-ମା' ଛେଉଣ୍ଡ ହୋଇଥିବା ପିଲା ଓ ବିଧବାଙ୍କ ସହ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏଥିସହ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀମାନଙ୍କୁ ମଧ୍ୟ ରାଜ୍ୟ ସରକାର ଅତିରିକ୍ତ ସହାୟତା ଦେଉଛନ୍ତି। ଏହି ଯୋଜନାରେ ଛୋଟ ପିଲାଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଇଥା'ନ୍ତି। ୮୦ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଆନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଆନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବଳରେ ବର୍ତ୍ତମାନ ସମସ୍ତେ ବର୍ଦ୍ଧିତ ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଜନଜାତି କଳା...

କରାଯାଇଛି। ଏହା ସରକାରଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ଏହା ବ୍ୟତୀତ ବ୍ଲକ ଓ ଜିଲ୍ଲା ସ୍ତରରେ ୬୦୦ରୁ ଅଧିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବର ମଧ୍ୟ ଆୟୋଜନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୨୧ଟି ଦ୍ୱି-ଭାଷୀକ ଶବ୍ଦକୋଷ ମଧ୍ୟ ପ୍ରସ୍ତୁତ କରାଯାଇଛି ବୋଲି ନବୀନ କହିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଆଦିବାସୀ ବାଦ୍ୟଯନ୍ତ୍ର ପ୍ରଦର୍ଶନୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ଓଡ଼ିଶାରେ ଉପସ୍ଥିତ ଥିବା ୧୩ଟି ପିଭିଟିଜି ସମ୍ପ୍ରଦାୟର ଦମ୍ପତିଙ୍କ ସହ ଫଟୋ ଉଠାଇଥିଲେ। ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ କେନ୍ଦୁଝରର ଦେବହୁଡ଼ିର 'ହୋ ସମାଜ ସାଗନ ଅକଲା'କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜର ୭ଟି 'ଜାହିରା'କୁ ସାମୂହିକ ଜଙ୍ଗଲ ଅଧିକାରରେ ପଟ୍ଟା ପ୍ରଦାନ କରିଥିଲେ। ଏହାବ୍ୟତୀତ ମାଲକାନଗିରିର କୋୟା ଆଦିବାସୀ ଦଳ, କନ୍ଧମାଳର କୁଟିଆ କନ୍ଧ ଆଦିବାସୀ ଦଳର ସଦସ୍ୟମାନଙ୍କୁ ବାଦ୍ୟଯନ୍ତ୍ର ଓ ନବରଙ୍ଗପୁରର ଗଣ୍ଡ ଆଦିବାସୀ ଗୋଷ୍ଠୀକୁ ନୃତ୍ୟ ପୋଷାକ ପ୍ରଦାନ କରିଥିଲେ। ବିଭାଗର କମିଶନର ତଥା ସଚିବ ଏବଂ ୧୧୨ଟି ଟିଏସ୍‌ପି ବ୍ଲକ ସମ୍ପ୍ରଦାୟର ଅଂଶୀଦାରଙ୍କ ମଧ୍ୟରେ ଆଲୋଚନା ଆଧାରରେ ଭାଗିଦାରୀ ଶାସନ ଉପରେ ନିଆଯାଇଥିବା ପଦକ୍ଷେପର ସଂକ୍ଷିପ୍ତ ବିବରଣୀ 'ମୋ ପରିକଳ୍ପନା' ରିପୋର୍ଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

ଏହାବ୍ୟତୀତ ରାଜ୍ୟସ୍ତରୀୟ ପ୍ରଶାସନିକ ୟୁନିଟର ଗବେଷଣା ଦଳ ଦ୍ୱାରା ପ୍ରସ୍ତୁତ କଫି ଟେବୁଲ ପୁସ୍ତକ 'ସାକ୍ରେଡ୍ ଗ୍ରୋଭ୍ସ୍ ଅଫ୍ ଟ୍ରାଇବାଲ୍ ଓଡ଼ିଶା' ଏସସିଏସଟିଆରଟିଆଇ ଦ୍ୱାରା ପ୍ରକାଶିତ ସମରେନ୍ଦ୍ର ଭୁଟିଆଙ୍କ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜନଜାତି' ପୁସ୍ତକ, ଏସସିଏସଟିଆରଟିଆଇ ଦ୍ୱାରା ପ୍ରକାଶିତ ୧୭ଟି ଏମଏଲଇ ପ୍ରାଇମର୍ସ ଏବଂ ରାୟଗଡ଼ା ଏସଡିସି ଦ୍ୱାରା ଓଡ଼ିଆରେ ଅନୁବାଦିତ ୨୫ ଟି ସଉରା ଭାଷା ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା କହିଥିଲେ ଯେ, ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ ଜନଜାତି ଐତିହ୍ୟ ଓ ପରମ୍ପରାର ସୁରକ୍ଷା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କର ଜନ ଜାତି କଳା ଓ ସଂସ୍କୃତି ପ୍ରତି ଆନ୍ତରିକ ଭଲ ପାଇବା ଓ ନିଷ୍ଠା ଅଛି।

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ଶ୍ରୀ ପ୍ରଦୀପ ମାଝୀ କହିଲେ ଯେ ଭାରତର ଅନେକ ସରକାର ଜନଜାତି ମାନଙ୍କ ପାଇଁ ଅନେକ ସ୍ୱପ୍ନ ଦେଖିଛନ୍ତି। କିନ୍ତୁ ଓଡ଼ିଶାରେ ହିଁ ଜନଜାତି ମାନଙ୍କ ସ୍ୱପ୍ନ ପୂରଣ ହୋଇଛି।

ବିଭାଗୀୟ ସଚିବ ଶ୍ରୀମତୀ ରୂପା ରୋଷନ ସାହୁ ସ୍ୱାଗତ ଭାଷଣ ଦେଇ କହିଲେ ଯେ ପୂଜାସ୍ଥଳୀକୁ ସଂରକ୍ଷଣ କରିବା ସହିତ ପଟ୍ଟା ପ୍ରଦାନ କରିବାର ଉଦାହରଣ ଓଡ଼ିଶା ବ୍ୟତୀତ ଆଉ କେଉଁଠାରେ ନାହିଁ। ଜନଜାତିଙ୍କ ଅଧିକାରର ସୁରକ୍ଷା ଓ ସଶକ୍ତିକରଣ କ୍ଷେତ୍ରରେ ଓଡିଶା ସବୁଠାରୁ ଆଗରେ ବୋଲି ସେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ ୨୦୧୭ରେ ୪୫ ପ୍ରତିଶତରୁ ଅଧିକ ଅନୁସୂଚିତ ଜନଜାତି ଜନସଂଖ୍ୟା ଥିବା ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁରକୁ ଏସଡିସି ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୩ ମେ' ମାସରେ ନୟାଗଡ଼, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗିର ଓ କଳାହାଣ୍ଡି ଭଳି ଅତିରିକ୍ତ ୧୪ଟି ଜିଲ୍ଲାକୁ ସାମିଲ କରାଯାଇଥିଲା। ବର୍ତ୍ତମାନ ୧୭୫ଟି ବ୍ଲକକୁ ମିଶାଇ ମୋଟ ୨୩ଟି ଜିଲ୍ଲାରେ ୧ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଏହି ବ୍ଲକ୍‌ଗୁଡ଼ିକୁ ବିଭାଗ ପକ୍ଷରୁ ଜନଜାତିଙ୍କ କଲ୍ୟାଣ ପାଇଁ ପ୍ରତି ବ୍ଲକକୁ ବର୍ଷକୁ ଦେଢ଼ କୋଟି ଟଙ୍କା ପ୍ରଦାନ କରାଯାଉଛି।

## ଆଜିଠୁ ଦୁଇ ଦିନ କିଛି ସ୍ଥାନରେ ହାଲୁକା ବର୍ଷା

**ଭୁବନେଶ୍ୱର, ୧୦।୨(ସମିସ):** ରବିବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ଯୋଗୁଁ ଏହି ବର୍ଷା ଆଶଙ୍କା ରହିଥିବା ବେଳେ ଉଭୟ ରବି ଓ ସୋମବାର ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ରବିବାର ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ରାଜ୍ୟରେ ଆଜିଠାରୁ ତାପମାତ୍ରା ବୃଦ୍ଧି ସମ୍ଭାବନା ରହିଛି। ବିଶେଷକରି ରାତିର ତାପମାତ୍ରାରେ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେତୁ ଶୀତର ପ୍ରକୋପ କମିବ ବୋଲି ପାଣିପାଗ କେନ୍ଦ୍ର କହିଛି।

GROOM WANTED

Wanted a suitable employed groom for a Khandayat girl, age-38 years, 5'-11", Msc Nursing, Lecture in a govt. institution, Salary- 80,000/PM, any general cast, for early marriage. Contact +9861099849, 7978465205.

AFFIDAVIT

By virtue of an affidavit sworn before the Executive Magistrate, Hatadihi, dated. 09.02.2024, I Madhusmita Mohapatra, W/o- Srikanta Padhi, Village- Telisinga, PO-Karagola, P.S.- Nandipada, Dist-Keonjhar, Odisha, declare that I have changed my surname from Madhusmita Padhi to Madhusmita Mohapatra. Henceforth, I shall be known as **Madhusmita Mohapatra** for all purposes.
Sd/- Madhusmita Mohapatra

O-2499

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 16/RWD-I, MKG/2023-24 dt. 08.02.2024

**01**.Name of the work: - Road Repair works (Detailed in Annexure) **02**. Total Number of Works: - 2 (Two) Numbers.
**03**.Estimated Cost: - Rs. 26.78 lakhs to Rs. 37.82 Lakhs **04**. Class of Contractor: - 'C" Class
**05**. Period of Completion: - (As Per Detailed in Annexure). 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender - 16/ RWD-I, MKG /2023-24 | Total 2 nos | 15.02.2024 from 11.00 AM | 22.02.2024 up to 5.00 PM | 21.02.2024 up to 5.00 P.M. | Bid opening: - 23.02.2024 at 11.00 AM |

Further details can be seen from the website www.tendersorissa.gov.in

Sd/- Sujit Behera
Superintending Engineer
R.W. Division-I, Malkangiri

OIPR-25058/11/0023/2324

ସକାଳ THE SAKALA



# ବିଜେଡିର ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ



**ସୋସୋ, ୧୦।୨(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକର ହାଟଡିହିଠାରେ ନିର୍ବାଚନ ମଣ୍ଡଳିସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଯୁବ ବିଜେଡି ନେତା ଦେବପ୍ରିୟ ପାତ୍ର, ବ୍ଲକ ଅଧ୍ୟକ୍ଷା ସାବିତ୍ର ସେଠୀ, ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ଜେନା, କୌଶଲ୍ୟା ସେଠୀ, ବିଜେଡି ଯୁବ ବ୍ଲକ ସଭାପତି ତଥା ସରପଞ୍ଚ ଚିନ୍ମୟ ନାୟକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ଜେନା, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଅମରେନ୍ଦ୍ର ଧଳ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ରମଣୀ ନାୟକ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ମମତାରାଣୀ ଜେନା, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାପତି ଡ. ସୁରେଶ୍ୱରୀ ସାଗରିକା ଜେନା, କୋଡପଡ଼ା ସମିତି ସଭ୍ୟା ମମତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ମଝିରେ ମୃତଦେହ ରଖି ଅବରୋଧ

**ଯୋଡା, ୧୦।୨(ସମିସ)**

ଖଣି ଅଞ୍ଚଳରେ ସଡ଼କ ଦୁର୍ଘଟଣା ଚରମ ସୀମାରେ ପହଞ୍ଚିଛି। ନିଇତି ଗଡୁଛି ଗୋଟିଏ ପରେ ଗୋଟିଏ ମୁଣ୍ଡ। ବାମେବାରୀ ଥାନା ଅନ୍ତର୍ଗତ ବଳଦା-କାଳିମାଟି ରାସ୍ତା ମୃତ୍ୟୁଯନ୍ତା ପାଲଟିଛି। ଶୁକ୍ରବାର ଏକ ହାଇୱା ଟ୍ରକ୍ ଧକ୍କାରେ ବଳଦା-କାଳିମାଟି ରାସ୍ତାରେ ଜଣେ ବ୍ୟକ୍ତିଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା।

ଏହାର ପ୍ରତିବାଦରେ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତା ଅବରୋଧ ଶନିବାର ମଧ୍ୟ ଜାରି ରହିଥିବା ବେଳେ ଶତାଧିକ ମହିଳା ପୁରୁଷ ବ୍ୟବଚ୍ଛେଦ ହୋଇଆସିଥିବା ମୃତଦେହକୁ ଆମ୍ବୁଲାନ୍ସରେ ରାସ୍ତାମଝିରେ ରଖି ରାସ୍ତା



ଅବରୋଧ କରିଥିବା ଦେଖିବାକୁ ମିଳିଛି। ସୂଚନାରୁ ଜଣାପଡ଼ିଛି ଯେ, ଶୁକ୍ରବାର ଅପରାହ୍ଣ ୧.୩୦ମି. ସମୟରେ ଏକ ହାଇୱା ଟ୍ରକ୍ ସ୍ଥାନୀୟ ମିଓଲ କାରଖାନାରୁ ଲୁହାପଥର ଖଲାସ କରି ଫେରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର କୁନୁ ଗାଗରାଇ ନାମକ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ଥାନୀୟ ଲୋକେ ମିଓଲ କମ୍ପାନୀକୁ ଦାୟୀ କରି ମୃତକର କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଛନ୍ତି। ତେବେ ଏହା ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ନ ଦେଇ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ପ୍ରଶାସନିକ ଚାପ ପ୍ରୟୋଗ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ଖଣି ଅଞ୍ଚଳରେ ପରିବହନକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯାଇଛି। କମ୍ପାନୀ ଲାଭଖୋର ମନବୃତ୍ତି ରଖି ଏହି ରାସ୍ତାକୁ ମରାମତି ନକରିବା ସହ ନିଜସ୍ୱ ପାର୍କିଂ ନଥାଇ ଅବ୍ୟବସ୍ଥିତ ଢଙ୍ଗରେ କ୍ଷମତା ଠାରୁ ଅଧିକ ହାଇୱା ଯୋଗେ ପରିବହନ କରୁଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଉତ୍ତ୍ୟକ୍ତ ଲୋକେ ଗଣମାଧ୍ୟମରେ କହିଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କମ୍ପାନୀର କୌଣସି ପ୍ରତିନିଧି ଘଟଣାସ୍ଥଳକୁ ଆସିନଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ତାହା ବିଫଳ ହୋଇଛି।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ଆନନ୍ଦପୁର, ୧୦।୨(ସମିସ):** ଆନନ୍ଦପୁର ସ୍ଥାନୀୟ ଶାଳପଡ଼ାସ୍ଥିତ କନକମଞ୍ଜରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପିକା ସୌଭାଗ୍ୟମୟୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ସଂଯୋଜିକା ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଯୁକ୍ତ ଦୁଇ କଳା ଓ ବିଜ୍ଞାନର ଛାତ୍ରୀମାନଙ୍କୁ ପ୍ରଶିକ୍ଷିକା କାଦମ୍ବିନୀ ସ୍ୱାଇଁ ଏବଂ ପ୍ରିୟଙ୍କା ସାହୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଦିବସରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଞ୍ଚାଳକ ଅଧ୍ୟାପିକା ଅନୁରାଧା ମହାନ୍ତି, ସୌଦାମିନୀ ପାଇକରାୟ, ପ୍ରିୟମ୍ବଦା ଦେଓ, ସରୋଜିନୀ ମିଶ୍ର ଏବଂ ଗୀତାଞ୍ଜଳି ମିଶ୍ର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମର ଉପକାରିତା ବିଷୟରେ ମାର୍ଗଦର୍ଶନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ଘରୁ କାଠ ଗଣ୍ଡି ଜବତ

**ରାମଚନ୍ଦ୍ରପୁର, ୧୦।୨(ସମିସ):** ରକ୍ଷକ ସାଜିଛି ଭକ୍ଷକ। ଅବସରପ୍ରାପ୍ତ ବନ କର୍ମଚାରୀ ଘରୁ ବେଆଇନ ଭାବେ ଗଚ୍ଛିତ କରିଥିବା କାଠ ଗଣ୍ଡି ଜବତ କରିବା ସହ କାଠ କାଟିବା ଅଭିଯୋଗରେ ୩ ଜଣକୁ ଅଟକ ରଖି ପଚାରାଉଚାରା କରୁଛି ବନବିଭାଗ। ରାମଚନ୍ଦ୍ରପୁର ଥାନା ଗଡ଼ବାନ୍ଧଗୋଡା ଗ୍ରାମର ଏସ୍‌କେ ଜାହାଙ୍ଗିର ଦୀର୍ଘ ଦିନ ହେଲା ବନବିଭାଗରେ ଡ୍ରାଇଭର



ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ହେଲେ ଆଜି ନିଜ ଘର ଅଗଣାରେ ଏକ ଲିମ୍ବ ଗଣ୍ଡିକୁ ବେଆଇନ ଭାବେ କରତ ଲଗାଇ କାଟୁଥିଲେ। ଘଟଣା ସମ୍ପର୍କରେ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ ଅଭିଯୋଗ ପାଇ ତତ୍‌କ୍ଷଣାତ୍ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ବିବେକ ଦାସ, ଡେପୁଟି ରେଞ୍ଜର ନବକିଶୋର ନାୟକ, ସ୍ଥାନୀୟ ଫରେଷ୍ଟର ମଳୟକୁମାର ସାହୁ, ମଧୁସୂଦନ ସାହୁ, ଫରେଷ୍ଟଗାର୍ଡ ଜ୍ୟୋସ୍ନାମୟୀ ଜେନା ସମେତ ଏକ ସ୍କ୍ୱାର୍ଡ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ନିମ୍ବ କାଠ କାଟିଥିବା ସ୍ଥାନିୟ ଅଳତି ଗ୍ରାମର ଜଗବନ୍ଧୁ ମହାରଣା, ବଳରାମ ମହାରଣା, ସୁମନ୍ତ ମହାରଣାଙ୍କୁ ଅଟକ ରଖିବା ରେଞ୍ଜ କାର୍ଯ୍ୟାଳୟକୁ ନେଇ ଅଧିକ ପଚାରାଉଚାରା କରିବାକୁ ରଖିଛି ବନବିଭାଗ ଟିମ୍। ସେପଟେ ଚଢଉ ସମୟରେ ଏସକେ ଜାହାଙ୍ଗିରଙ୍କ ଘରୁ ପିଆଶାଳ, ଶାଗୁଆନ ପଟା ସହ ଲିମ୍ବ ଗଣ୍ଡି ଓ କାଠ କଟା କରତ ଜବତ କରାଯାଇଛି।

## ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ

**ବେଲବାହାଲ, ୧୦।୨(ସମିସ):** ବେଲବାହାଲିଠାରେ ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଜନ୍ମଦିନ ଉତ୍ସବ ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ଭକ୍ତମାନେ ବହୁ ସଂଖ୍ୟାରେ ସତସଙ୍ଗରେ ଯୋଗଦେଇଥିଲେ। ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଅପରାହ୍ନରେ ଦୂରଦୁରାନ୍ତରୁ ଆସିଥିବା ଭକ୍ତ ଏବଂ ସ୍ଥାନୀୟ ଭକ୍ତମାନେ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଏକ ରଥ ସଜାଇ ଭଜନ କୀର୍ତ୍ତନ, ନାମ ସଂକୀର୍ତ୍ତନ, ଉଷା କୀର୍ତ୍ତନ କରି ସଙ୍ଗୀତର ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ମାତୃ ସମ୍ମିଳନୀ ଓ ସତସଙ୍ଗ ଉଷାବିନତି ପ୍ରାର୍ଥନା, ସଦାଗ୍ରନ୍ଥ ପାଠ ଓ ସଙ୍ଗୀତାଞ୍ଜଳି, ସତ୍‌ସଙ୍ଗ ଓ ସଦା ଆଲୋଚନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସପ୍ରରୀ ଧ୍ରୁବଚରଣ ମହାରଣା ସତ୍‌ସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ ଭକ୍ତ ବଳରାମ ରାଉତ, ନୃସିଂହ ଚରଣ ସେନାପତି, ମଙ୍ଗୁଳି ଚରଣ ସାହୁ ଏବଂ କର୍ମୀ ପିତାମ୍ବର ସାହୁ, ବ୍ରଜକିଶୋର ସାହୁ, ପ୍ରଶାନ୍ତ କୁମାର ବେହେରା ବିଭିନ୍ନ ଆଧ୍ୟାତ୍ମିକ ବିଚାର କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ, ନାରାୟଣ ସାହୁ, ଅରୁଣ ସାହୁ, ସନ୍ଦିପ ସାହୁ, ଗଙ୍ଗାଧର ସାହୁ, ଉତ୍ତମ ସାହୁ, କଳି ଭାଇ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବୁଢ଼ିକୁଦରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଆନନ୍ଦପୁର, ୧୦।୨(ସମିସ):** ଆନନ୍ଦପୁର ବ୍ଲକ ବୁଢିକୁଦ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଢ଼ିକୁଦ ଗ୍ରାମର ବରିଷ୍ଠ ନାଗରିକ ତଥା ଏସ୍‌ଏଚ୍‌ଜି ମହିଳା ସଂଘ, ମିଶନ ଶକ୍ତି, ସିଆରପି, ଏମ୍‌ବିକେ ଏବଂ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବର ଆନନ୍ଦପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗରଞ୍ଜନ ନାୟକ ଯୋଗଦେଇଥିଲେ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ବୁଢିକୁଦ, ଟଭାକୁଦ, ସନ୍ତୋଷପୁର ବିଦ୍ୟାଳୟରର ଛାତ୍ରଛାତ୍ରୀ। ଏହା ସହିତ ବୁଢିକୁଦ ପଞ୍ଚାୟତ ବୈକୁଣ୍ଠନାଥ ନାଏକ, ଜାପାନୀ ନାଏକ, ବସନ୍ତ ନାଏକ, ପ୍ରାଣବନ୍ଧୁ ନାଏକ, ଶିବଚରଣ ମହାନ୍ତି, ଆଦର୍ଶ ଶିକ୍ଷକ ବୁଢିକୁଦ ପ୍ରାଥମିକ ବିଦ୍ୟାଳୟ ବିଶ୍ୱନାଥ ମହାପାତ୍ର ଓ ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ମମତା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ରବୀନ୍ଦ୍ର କୁମାର ସ୍ୱାଇଁ, ଅନ୍ନପୂର୍ଣ୍ଣା ନାଏକ କାର୍ଯ୍ୟକ୍ରମ ପରାଚାଳନା କରିଥିଲେ। ସରପଞ୍ଚ ପ୍ରଫୁଲ ମହାରଣା, ନାଏକ ସରପଞ୍ଚ, ୱାର୍ଡମେମ୍ବର ତଥା କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୂଆଗାଁ ଗ୍ରାମ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

**କେନ୍ଦୁଝର, ୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମକୁ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ଗ୍ରାମ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖିରେଇଟାଙ୍ଗିରୀ ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ନମ୍ବର ଠାରୁ ନୂଆଗାଁ ଗ୍ରାମ ୨.୫୦୦ କିମି ରାସ୍ତା। ଏହି ରାସ୍ତା ଏକ ମାଟି ରାସ୍ତା ଥିବାରୁ ଏଠାରେ ଦୈନିକ ଶହ ଶହ ଗାଡ଼ିମଟର ଯିବା ଆସିବା କରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ଏକ ମୁଖ୍ୟ ରାସ୍ତା ଅଟେ। ଏହି ରାସ୍ତାଦେଇ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ସୁବିଧା ହେଉଥିବା ଯୋଗୁଁ ୩ଟି ପଞ୍ଚାୟତର ୨୫ଟି ଗ୍ରାମର ଲୋକଙ୍କ ସହିତ ବ୍ୟବସାୟୀ ଏବଂ ଦୈନିକ କର୍ମଜୀବିମାନେ ଏହି ନୂଆଗାଁ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତା' ସହିତ ଏହି ରାସ୍ତା ୨୨୦ ନଂ ଜାତୀୟ ରାଜପଥ ଢ଼େଙ୍କୋଟଠାରେ ସଂଯୋଗ ହୋଇଥିବା ଯୋଗୁଁ ଏହି ରାସ୍ତା ଏକ ମୁଖ୍ୟ ରାସ୍ତାରେ ପରିଣତ ହୋଇଛି। କିନ୍ତୁ ଦୁଃଖର ବିଷୟ ଯେ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମ ରାସ୍ତାକୁ ପିଚୁ ରାସ୍ତା କରି ଯାତାୟତର ସୁବିଧା କରୁଥିବାବେଳେ ଏହି ମୁଖ୍ୟ ରାସ୍ତାଟି ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇପଡ଼ିଛି। ଏହି ରାସ୍ତା ଉପରେ ଅନେକ ଗ୍ରାମର ଲୋକେ ନିର୍ଭର କରି ଖିରେଇଟାଙ୍ଗିରୀଠାରେ ଥିବା ସ୍କୁଲ, କଲେଜ ଏବଂ ଡାକ୍ତରଖାନା ସହିତ ବଜାର ସଉଦା ପାଇଁ ଯିବା ଆସିବା କରିଥାନ୍ତି। କିନ୍ତୁ ବର୍ଷା ଦିନେ ରାସ୍ତାର ଅବସ୍ଥା ଏମିତି ଖରାପ ହୋଇଯାଏ ଯେ ରୋଗୀଟିଏ ଡାକ୍ତରଖାନା ଏବଂ ଛାତ୍ରଛାତ୍ରୀ ସ୍କୁଲ ଯିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଖରାପ ରାସ୍ତା



ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଅତିଶୀଘ୍ର ଏହି ରାସ୍ତା ଉପରେ ଦୃଷ୍ଟି ଦେଇ ରାସ୍ତାକୁ ଏକ ପିଚୁ ରାସ୍ତା କରିବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ସଞ୍ଜୁ ନାଏକ, ରୀନା ନାଏକ, ରଶ୍ମୀରେଖା ସିଂହ, ଲଳିତା ନାଏକ, ରଞ୍ଜୁଲତା ନାଏକ, ପ୍ରମିଳା ସିଂହ, ନିବେଦିତା ସିଂହ, ମନ୍ଦାକିନୀ ନାଏକ, ବେଣୁଧର ନାଏକ, ସୁମିତ୍ରା ନାଏକ, ଲକ୍ଷ୍ମୀ ନାଏକ, ବୈଦେଇ ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ମରାମତି ନ ହେଲେ ଗାଁ ରାସ୍ତା ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ନିର୍ମାଣାଧୀନ ପୋଲରୁ ଚୋରି**

## ୪ ଗିରଫ, ୮୫ଟି ଲୁହା ପ୍ଲେଟ ଜବତ

**ରାମଚନ୍ଦ୍ରପୁର, ୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବାତୋ ଠାରେ ପଞ୍ଚୁପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣଧୀନ ପୋଲରୁ ଲୁହା ପ୍ଲେଟ ଚୋରିକରିବା ଅଭିଯୋଗରେ ୪ ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ରାମଚନ୍ଦ୍ରପୁର ପୁଲିସ। ସୂଚନା ମୁତାବକ ବାତୋ ଠାରୁ ପଞ୍ଚୁପଲ୍ଲୀ ଯିବାକୁ କୁଶେଇ ନଦୀ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବାତୋ ଗ୍ରାମର କୋଦଣ୍ଡ ଜେନା(୫୦) ଅଭିମନ୍ୟୁ ନାୟକ(୨୦), ଦୀପକ ଜେନା(୨୪) ଶ୍ରୀକାନ୍ତ ଜେନା(୪୦) ପ୍ରମୁଖ ୪ ଜଣ ଯୁବକ ୮୫ଟି ଲୁହାପ୍ଲେଟ ଚୋରି କରି ଅନ୍ୟତ୍ର ବିକ୍ରି କରି ଦେଇଥିଲେ। ଚୋରି ନେଇ ଅଭିଯୋଗ ପାଇବା ପରେ ରାମଚନ୍ଦ୍ରପୁର ପୁଲିସ ୯୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚାରା କରିବା ପରେ ଆଜି ଗିରଫ କରି କୋର୍ଟଚାଲାନ କରିଛି। ଅଭିଯୁକ୍ତମାନଙ୍କ ଠାରୁ ଚୋରି ହୋଇଥିବା ୮୫ଟି ଲୁହା ପ୍ଲେଟକୁ ଜବଦ କରିବାକୁ ପୁଲିସ୍ ସକ୍ଷମ ହୋଇଛି।

## ମା' ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ପାଳିତ



**ରାମଚନ୍ଦ୍ରପୁର, ୧୦।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବେଲସୁନ୍ଦରୀ ଗ୍ରାମର ମା'ତାରିଣୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଶ୍ରଦ୍ଧାଳୁ ନୃସିଂହଚରଣ ମଲ୍ଲିକ ଏବଂ ତାଙ୍କ ଧର୍ମପତ୍ନୀ ଜାନକୀ ମଲ୍ଲିକ ମୁଖ୍ୟକର୍ତ୍ତା ଭାବେ ଉପବାସ ବ୍ରତ ରଖିଥିଲେ। ଶ୍ରଦ୍ଧାଳୁ ସନ୍ତୋଷ କର, ଗୋବର୍ଦ୍ଧନ ସ୍ୱାଇଁ, ନିରଞ୍ଜନ ମଲ୍ଲିକ, ଦିଲ୍ଲିପ ସ୍ୱାଇଁ, ବିଶ୍ୱନାଥ ମଲ୍ଲିକ, ବଳରାମ ସାହୁ, ଶରତ କୁମାର ପଣ୍ଡା, ଦିଲ୍ଲିପ କୁମାର ସ୍ୱାଇଁ, ଜିତେନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ମଲ୍ଲିକ, ରାକେଶ ମଲ୍ଲିକ, ଅମର ମଲ୍ଲିକ ପ୍ରମୁଖ ଦିଅଁଙ୍କ ନୀତିକାନ୍ତିରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ତୈଲୋକ୍ୟକର ବୈଦିକ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ଅହରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ଉପଦେଷ୍ଟା କମିଟି ପକ୍ଷରୁ ଗାଁ ମୁରବୀ ଦିଗମ୍ବର ସାହୁ, ଯୁଧିଷ୍ଠିର ସାହୁ, ସୋମନାଥ ମଲ୍ଲିକ, କ୍ଷମାକର ସ୍ୱାଇଁ, ବଳରାମ ସ୍ୱାଇଁ, ରଘୁନାଥ ସାହୁ, କାଶିନାଥ ସାହୁ, ଅରୁଣକୁମାର ସାହୁ, ବିନୋଦ ବିହାରୀ ସାହୁ, କୃପାସିନ୍ଧୁ ମଲ୍ଲିକ ସମେତ ଗ୍ରାମର ସମସ୍ତ ଜନସାଧାରଣ ସକ୍ରିୟ ସହଯୋଗ କରିଥିଲେ।

## ଯୌତୁକ ପାଇଁ ନବବଧୂଙ୍କ ଜୀବନ ଗଲା, ସ୍ୱାମୀ ଗିରଫ

**ଆନନ୍ଦପୁର, ୧୦।୨ (ସମିସ):** ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତର ଖଡିବିଲି ଗ୍ରାମରେ ନବବଧୂକୁ ଯୌତୁକଜନିତ ନିର୍ଯାତନାରୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀ ଦେବବ୍ରତ ଜେନାକୁ ଓରଫ ତପୁକୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଘସିପୁରା ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ଦାମୋଦର ଜେନାଙ୍କ ଝିଅ ରଶ୍ମି ଜେନା ଗତବର୍ଷ ଏପ୍ରିଲ୍ ୨୪ ତାରିଖରେ ଖଡିବିଲି ଗ୍ରାମର ବିଜୟ ଜେନାଙ୍କ ପୁଅ ତପୁ ଓରଫ ଦେବବ୍ରତଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁର ରଶ୍ମିଙ୍କୁ ୧ ଲକ୍ଷ ଟଙ୍କା ଯୌତୁକ ଦାବିକରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଗତ ଜାନୁଆରୀ ୫ ତାରିଖରେ ରଶ୍ମି ବିଷ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଓ ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ସତ୍ତ୍ୱେ ଜାନୁଆରୀ ମାସ ୧୯ ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ମହିଳାଙ୍କ ପରିବାରବର୍ଗଙ୍କୁ କୌଣସି ସୂଚନା ଦିଆଯାଇନଥିଲା। ଖବର ପାଇ ପରିବାର ଲୋକେ କଟକରେ ପହଞ୍ଚି ଝିଅର ମୃତ୍ୟୁ ଖବର ଜାଣିବା ପରେ ଘସିପୁରା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁନିଲି କୁମାର କରଙ୍କ ତତ୍ତ୍ୱାବଧାନରେ ମହିଳା ଏସ୍‌ଆଇ ସାଗରିକା ମହାନ୍ତି ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ଜଣାଯାଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

**ପାଟଣା/ତୁରୁମୁଙ୍ଗା, ୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ ରାମପୁର ନିବାସୀ ଅବସରପ୍ରାପ୍ତ ସେନା କର୍ମଚାରୀ ହାବିଲଦାର ମାଧବ ଚନ୍ଦ୍ର ମହାନ୍ତ (୬୮) ଗତକାଲି ରାତ୍ରିରେ ପରଲୋକ ଘଟିଛି। ହଟାତ ଦେହ ଅସୁସ୍ଥ ହେବାରୁ ପାଟଣା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଅଣାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ଅବସରପ୍ରାପ୍ତପ୍ରାପ୍ତ ସୈନିକ କଲ୍ୟାଣ ସଙ୍ଘ ପାଟଣା - ସାହାରପଡ଼ାର ସଦସ୍ୟମାନେ ତାଙ୍କ ଅନ୍ତିମ ଦର୍ଶନ କରି ମରଶରୀର ଉପରେ ଜାତୀୟ ପତାକା ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ



ହାବିଲଦାର ମାଧବ ଚନ୍ଦ୍ର ମହାନ୍ତ ଜଣେ ମିତଭାଷୀ, ମେଳାପି ପରୋପକାରୀ ବ୍ୟକ୍ତିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଅଧ୍ୟକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ସମ୍ପାଦକ ସୁବେଦାର ନାରାୟଣ ବାରିକ୍, ସୁବେଦାର ପରମେଶ୍ୱର ମହାନ୍ତ, ସୁବେଦାର ରବୀନ୍ଦ୍ରନାଥ ମହାନ୍ତ, ହାବିଲଦାର ନୀଳମଣି ମହାନ୍ତ, ହାବିଲଦାର ତ୍ରିଲୋଚନ ମହାନ୍ତ, ହାବିଲଦାର ଇନ୍ଦ୍ରମଣି ମହାନ୍ତ, ହାବିଲଦାର ବିମ୍ବାଧର ମହାନ୍ତ, ହାବିଲଦାର ସ୍ୱରୂପ ମହାନ୍ତ, ନାଏବ ସୁବେଦାର ଭରତ ମହାନ୍ତ, ନାଏବ ସୁବେଦାର ବାଳକୃଷ୍ଣ ମହାନ୍ତ, ନାଏକ ହେମନ୍ତ ମହାନ୍ତ, ନାଏକ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଜାତୀୟ କୃମି ନାଶକ ଦିବସ

**ପାଟଣା, ୧୦।୨(ସମିସ):** ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଛି। ଏହି ଅବସରରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର ନାୟକ ଯୋଗ ଦେଇ ପିଲାଙ୍କୁ ବଟିକା ଖୁଆଇଥିଲେ। ଏହି ବ୍ଲକ ଅନ୍ତର୍ଗତ ୨୬୩ ଅଙ୍ଗନବାଡ଼ି, ୨୪୨ ବିଦ୍ୟାଳୟ ଓ ୪ଟି ମହାବିଦ୍ୟାଳୟର ୫୩୯୭୩ ଜଣଙ୍କୁ କୃମିନାଶକ ବଟିକା ସେବନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଜି ଅନୁପସ୍ଥିତ ଥିବା ପିଲା ଆସନ୍ତା ୧୭ ତାରିଖରେ ଏହି ବଟିକା ସେବନ କରିପାରିବେ। ଆଜିର କାର୍ଯ୍ୟକ୍ରମରେ ଶିକ୍ଷକ କମଳାକାନ୍ତ ପତି, କ୍ଷେତ୍ର ମୋହନ ମହାନ୍ତ, ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ପିଲାଙ୍କୁ ବଟିକା ସେବନ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିପିଏମ ଦୀପକ କୁମାର ନାୟକ, ଜନସ୍ୱାସ୍ଥ୍ୟ ଅଧିକାରୀ ସରୋଜିନୀ ସେଠୀ, ପ୍ରତାପ ଚନ୍ଦ୍ର ମହାନ୍ତ, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ସମ୍ବର୍ଦ୍ଧନା

**ଆନନ୍ଦପୁର, ୧୦।୨(ସମିସ):** ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ୨୦୨୨-୨୩ ଶିକ୍ଷା ବର୍ଷର ୫ମ ଶ୍ରେଣି ମେଧାବୃତି ପରୀକ୍ଷାରେ ମ୍ୟୁନିସିପାଲିଟି ସ୍ତରରେ ବିଦ୍ୟାଳୟର ଛାତ୍ର ପ୍ରଦୀପ କୁମାର ସାହୁ ୮୨ ନମ୍ବର ରଖି ୫ମ ସ୍ଥାନ ଓ ଜଗତଜିତ ମିଶ୍ର ୮୧ ନମ୍ବର ରଖି ୬ଷ୍ଠ ସ୍ଥାନ ଅଧିକାର କରି ଶିଶୁ ମନ୍ଦିରର ଗୌରବ ବୃଦ୍ଧି କରିଛନ୍ତି। ଏହି ଅବସରରେ ଉକ୍ତ ଦୁଇ ଛାତ୍ରଙ୍କୁ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉତ୍ତରୋତ୍ତର କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗରୁଜି ଓ ଗୁରୁମା ସହଯୋଗ କରିଥିଲେ।

**ମାନସିକ ସ୍ଥିତି ହରାଇଥିବା ସ୍ୱାମୀ ହରିୟାଣାରେ**

# ଉଦ୍ଧାର ପାଇଁ ପ୍ରଶାସନକୁ ଆକୁଳ ନିବେଦନ




**ବେଲବାହାଲି, ୧୦।୨(ସମିସ)**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତ ଟୋଲଙ୍ଗପଡ଼ା ଗ୍ରାମର ପୂର୍ଣ୍ଣିମା ଦାସ ନିଜ ସ୍ୱାମୀ ଶ୍ରୀଧର ଦାସଙ୍କୁ ହରିୟାଣା ରାଜ୍ୟର ଲାହନଡୋଲା ଅଞ୍ଚଳରୁ ଉଦ୍ଧାର କରିବା ପାଇଁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଗତ ୨୦୦୮ ମସିହାରେ ଶ୍ରୀଧର କାମଧନ୍ଦା ଅନ୍ୱେଷଣରେ ଚେନ୍ନାଇ ଯାଇଥିଲେ। ୬ମାସ ପରେ ପରିବାର ସହିତ ଯୋଗସୂତ୍ର ନରଖିବା ସହିତ ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନଥିଲା। ପରେ ସେ ଦିଲ୍ଲୀର ଏକ ଘରୋଇ ଠିକା ସଂସ୍ଥାରେ ଥିବା ଖବର ମିଳିଥିଲା। ହେଲେ ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ବର୍ଗ ସକ୍ଷମ ନଥିବାରୁ ନିରୂପାୟ ହୋଇପଡ଼ିଥିଲେ। ତେବେ ମାସେ ତଳେ ଫରିଦାବାଦ ତାଇଗାଁ ଜିଲ୍ଲା ଲହନଡୋଲା ଅଞ୍ଚଳର ଅଜବ ସିଂ ଦାଦନ ଖଟିବାକୁ ଯାଇଥିବା ଶ୍ରୀଧରଙ୍କର ମାନସିକ ବିକୃତି ହୋଇ ନିଖୋଜ ହୋଇଥିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଖବର ଜାଣିବା ପରେ ଶ୍ରୀଧରଙ୍କ ସମ୍ପର୍କୀୟ ଯୋଗସୂତ୍ର ସ୍ଥାପନ କରିଥିଲେ। ତେବେ ଶ୍ରୀଧର ଫରିଦାବାଦର ଅଜବ ସିଂଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଅବସ୍ଥାରେ ଥିବା ସେ ଫୋନ ମାଧ୍ୟମରେ ଜଣାଇଥିଲେ। ହେଲେ ତାଙ୍କୁ ଉଦ୍ଧାର କରି ଆଣିବାକୁ ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ନିକଟରେ ଆର୍ଥିକ ସମ୍ବଳ ନଥିବାରୁ ସେ ଆନନ୍ଦପୁର ପ୍ରଶାସନ ନିକଟରେ ଫେରାଦ ହୋଇ ଆକୁଳ ନିବେଦନ କରିଥିବା ଜଣାଯାଇଛି। ରାଜ୍ୟ ବାହାରେ ଥିବା ଅସହାୟ ଲୋକଙ୍କୁ ଉଦ୍ଧାର କରି ରାଜ୍ୟ ସରକାର ଲୋକପ୍ରିୟ ହୋଇପାରିଥିବା ବେଳେ କାମଧନ୍ଦା ଅନ୍ୱେଷଣରେ ଯାଇଥିବା ଏଭଳି ଜଣେ ଅସହାୟ ଓ ମାନସିକ ସ୍ଥିତି ହରାଇବସିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କଳାକାରଙ୍କ ବିୟୋଗରେ ଶୋକ

**ଆନନ୍ଦପୁର, ୧୦।୨(ସମିସ):** କଳାକାର ସଂଘର ବରିଷ୍ଠ ଟ୍ରାକ ଗାୟକ ପ୍ରକାଶ କୁମାର୍ ପାଢ଼ୀ ଓରଫ୍ ଦ୍ୟାଡି ମିକ୍କଙ୍କ ପରଲୋକରେ ଆନନ୍ଦପୁର କଳାକାର ସଂଘ ପକ୍ଷରୁ ଘସିପୁରାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବିୟୋଗ ଖବର ପାଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ କଳାକାର ସଂଘ ପକ୍ଷରୁ ମହମବତି ଶୋଭାଯାତ୍ର ଅନୁଷ୍ଠିତ ହୋଇଥିଲା। ସୁଦାମ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକାସଭାରେ କୋଷାଧ୍ୟକ୍ଷ ଦୀପ୍ତିଶଙ୍କର ପଣ୍ଡା, ସଦସ୍ୟ ବୃନ୍ଦାବନ ସ୍ୱାଇଁ, ବିଦିପ୍ତା ଚକ୍ରବର୍ତ୍ତୀ, ବିଡିଏସ ନୃତ୍ୟ ଅନୁଷ୍ଠାନର ନୃତ୍ୟ ଗୁରୁ ତପନ କୁମାର ସାହୁ, ସୋନାଲି ସାହୁ, ବର୍ଷା ପ୍ରିୟଦର୍ଶିନୀ ସେଠୀ, ମାମୁନି ନାୟକ, ସୋନାଲି ପରିଡ଼ା, ବେବୀ ପ୍ରଧାନ, ଗାର୍ଗୀ ଜେନା, ସାଗର ସାହୁ, ଲାଲଟୁ ନାୟକ, କ୍ଷେତ୍ରବାସୀ ସାହୁ, ସୁନିଲ ଜେନା, ସୁଦୀପ କୁମାର ସାହୁ, ପ୍ରହଲ୍ଲାଦ ସାହୁ, ବାପୁଜୀ ସାହୁ, ସୌମ୍ୟ ରଞ୍ଜନ ସାହୁ, ଦିପାଳୀ ଚକ୍ରବର୍ତ୍ତୀଙ୍କ ସମେତ ବହୁ କଳାକାର ଶୋଭପ୍ରକାଶ କରିଥିଲେ। ତାଙ୍କ ବିୟୋଗ ଆନନ୍ଦପୁର କଳାକାର ସଂଘର ଏକ ଅପୂରଣୀୟ କ୍ଷତି ବୋଲି ସଂଘ ସମ୍ପାଦକ ରାଜକିଶୋର ସାହୁ କହିଥିଲେ। ସେହିପରି ସାମ୍ବାଦିକ ସ୍ୱପ୍ନେଶ୍ୱର ପଣ୍ଡା, କଣ୍ଠଶିଳ୍ପୀ ମଦନ ପାଣି, ଯୁବନେତା ଯଜ୍ଞପ୍ରସାଦ ସାହୁ, ଯୁବ କଳାକାର ମାନସ ରଞ୍ଜନ ସାହୁ, ୟୁଟ୍ୟୁବର ବିଦିଶା ଚକ୍ରବର୍ତ୍ତୀ, ସ୍ୱେଚ୍ଛାସେବୀ ଧବଳେଶ୍ୱର ସାହୁ, ମା' ଧନେଇ ସେବା ସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ୍, ପଣ୍ଡିତ ଆଶୁତୋଷ ପଣ୍ଡାଙ୍କ ସମେତ ବହୁ କଳାକାର, ସଙ୍ଗୀତ ପ୍ରେମୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

୨୭ରେ ମା' ହିଙ୍ଗୁଳାଙ୍କ ବଡ଼ପୂଜା; ସଜେଇ ହେଲାଣି ମନ୍ଦିର

# ଲକ୍ଷାଧିକ ଭକ୍ତଙ୍କ ହେବ ସମାଗମ; ବ୍ୟାପକ ପ୍ରସ୍ତୁତି





**ଶୋଭା ପାଇବ ଜଗନ୍ନାଥ, ଭୀମେଶ୍ୱର ଓ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମନ୍ଦିର**

**୧୫ରେ ମନ୍ଦିରର ରତ୍ନମୁଦ ଓ ୨୪ରେ ଘଟ ଉତ୍ତୋଳନ**

ବଡସାହି, ୧୦।୨(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ କଉଡଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗଳାଙ୍କ ବାର୍ଷିକ ପୂଜା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ମାଙ୍କ ପୀଠରେ ହିଙ୍ଗୁଳାଙ୍କ ଇଷ୍ଟଦେବ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ଶ୍ରୀରାମ, ମା' ସୀତା, ଲକ୍ଷ୍ମଣ ଓ ହନୁମାନ ଏବଂ ମାଆଙ୍କ ଭୈରବ ଶ୍ରୀଭୀମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଏହି ମନ୍ଦିରରେ ନର୍ମଦା ନଦୀରୁ ଆସିଥିବା ଓଁକାର ଚିହ୍ନଥିବା ଦୁର୍ଲ୍ଲଭ ପ୍ରାକୃତିକ ଶିବଲିଙ୍ଗ ଶୋଭା ପାଇବ। ଏହିସବୁ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀରେ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ ମା'ଙ୍କ ବଡପୂଜା ପାଇଁ ୨୩ରେ ଅଧିବାସ, ୨୪ରେ ଘଟଉତ୍ତୋଳନ, ୨୫ରେ ଯଜ୍ଞ, ବିଗ୍ରହମାନଙ୍କ ଶୟନ ଓ ସ୍ନାନ, ୨୬ରେ ନୂତନ ମନ୍ଦିର ପ୍ରତିଷ୍ଠା, ୨୭ରେ ମା'ଙ୍କ ବାର୍ଷିକ ବଡପୂଜା, ୨୮ରେ ବିଷ୍ଣୁ ଯଜ୍ଞ ଓ ୨୯ରେ ରୁଦ୍ର ଯଜ୍ଞ ଏବଂ ପୂର୍ଣ୍ଣାହୁତି ହେବ। ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ। ଏହି ଅବସରରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲା ସମେତ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଆସନ୍ତା ୨୭ ତାରିଖରେ ମା'ଙ୍କ ବଡ଼ପୂଜା ନିମନ୍ତେ ପ୍ରସ୍ତୁତି ଜୋରସୋର ଚାଲିଛି। ସୁହାଗପୁର ଛକରୁ ଚାନ୍ଦଡିହା ରାସ୍ତାର ମଧ୍ୟ ଭାଗରେ ଥିବା ବିଶାଳ ଶାଳୁଅ ଜଙ୍ଗଲ ମଧ୍ୟରେ ମା'ଙ୍କ ପୀଠ ରହିଛି। ସେଠାରେ ଦୁଇଟି ବୃକ୍ଷ ମୂଳରେ ମା' ହିଙ୍ଗୁଳା ଆର୍ବିର୍ଭୂତା। ଏଥିରେ ଗୋଟିଏ ବଟବୃକ୍ଷ ହୋଇଥିବା ବେଳେ ଅନ୍ୟଟି ସାହାଡା। ଦୁଇଟି ଯାକ ବୃକ୍ଷ ଅଲଗା ଅଲଗା ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୋଡି ହୋଇରହିଥିବା ଜଣାପଡେ। ଏହି ବୃକ୍ଷରେ ବନ୍ଧା ହୋଇଥିବା ନାଲି କପଡ଼ା, ରଙ୍ଗବେରଙ୍ଗୀ ଶାଢୀ ଦ୍ୱାରା ଆବୃତ୍ତ, ଫୁଲମାଳ, ଧୂପ, ଓ ବୋଳାଯାଇଥିବା ସିନ୍ଦୂରର ଦୃଶ୍ୟ ସମ୍ପୃକ୍ତ ଅଞ୍ଚଳର ଧାର୍ମିକ ଚେତନା ଓ ବିଶ୍ୱାସରେ 'ଜିଅନ୍ତା ଠାକୁରାଣୀ'(ଡାକିଲେ ଜବାବ ଦିଅନ୍ତି) ଭାବେ ଜନାଦୃତ। ଏବେ ସେହି ବୃକ୍ଷ ଦୁଇଟି ଅଞ୍ଚଳବାସୀଙ୍କ ଧାର୍ମିକ ବିଶ୍ୱାସର ବାର୍ତ୍ତାବହ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବୃକ୍ଷର ଦୁଇ ପାର୍ଶ୍ୱରେ ଦୁଇଟି ମାଟି ଘୋଡା ଶୋଭା ପାଉଛି। ଯାହା ପ୍ରତିବର୍ଷ ଅଗ୍ନି ଉତ୍ସବ ପର ପ୍ରଥମ ଶନିବାର କିମ୍ବା ମଙ୍ଗଳବାର ବାର୍ଷିକ ମେଳା ଅନୁଷ୍ଠିତ ହୋଇଥାଏ। ଭକ୍ତଙ୍କ ମନବାଞ୍ଛା ପୂର୍ଣ୍ଣ ପାଇଁ ପ୍ରଦାନ କରାଯାଇଥିବା ଭୋଗ ସୂର୍ଯ୍ୟାସ୍ତ ପୂର୍ବରୁ ମନ୍ଦିରରେ ଥିବା ଏକ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ। ପୂର୍ବରୁ ସପ୍ତାହର ଦୁଇଦିନ ମଙ୍ଗଳବାର ଓ ଶନିବାର ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଛି। ତେବେ କାହିଁ କେଉଁ କାଳରୁ ମା' ହିଙ୍ଗୁଳା ଏଠାରେ ପୂଜା ପାଇ ଆସୁଥିବା ଜନଶୃତିରୁ ଜଣାଯାଏ। ମା'ଙ୍କ ଆର୍ବିଭାବ ସମ୍ପର୍କରେ ବିଭିନ୍ନ ଜନଶୃତି ରହିଥିଲେ ହେଁ ବହୁ ପୂର୍ବରୁ ଲୋକମାନେ ଭୟରେ ସେ ସ୍ଥାନକୁ ଯାଉ ନ ଥିବା ଶୁଣାଯାଏ। ବିଗତ ୫୦ବର୍ଷରୁ ଊର୍ଦ୍ଧ୍ୱ ପ୍ରଚଳିତ ଜନଶୃତି ଅତୀବ ଆଶ୍ଚର୍ଯ୍ୟଜନକ ଓ ଅଲୌକିକ। ଏହି ଅଞ୍ଚଳଟି ଘଞ୍ଚ ଶାଳ ବୃକ୍ଷରେ ପରିପୂର୍ଣ୍ଣ ଏକ ଜଙ୍ଗଲ ଥିଲା। ମା'ଙ୍କ ବାର୍ଷିକ ପୂଜା ଦିନ ଭକ୍ତ ଆଣିଥିବା ଭୋଗରାଗ ଅଗ୍ନିକୁଣ୍ଡରେ ଦେଲେ ଘରପୋଡି ହୁଏ ନାହିଁ ଏବଂ ବଡ ବିପତ୍ତି ଦୂର ହେବା ସହିତ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ମେଳାରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଉଠା ଦୋକାନୀଙ୍କ ସମାଗମ ହେବ। ମେଳାର ସୁପରିଚାଳନା ପାଇଁ ମା' ହିଙ୍ଗୁଳା ଟ୍ରଷ୍ଟ ଗତ ୨୦୦୭ ମସିହାରୁ ଗଠନ କରାଯାଇଛି। ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବାଳପକା ମଣ୍ଡପ, ଯଜ୍ଞମଣ୍ଡପ, ଯଜ୍ଞକୁଣ୍ଡ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଗାଡି ଏବଂ ସାଇକଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଓ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ବହୁ କାର୍ଯ୍ୟ ହାତକୁ ନିଆଯାଇଥିବା ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାସ ପ୍ରକାଶ କରିଛନ୍ତି।

## କରଞ୍ଜିଆ ସହରରେ ସିସି କ୍ୟାମେରା ଲଗାଇବାକୁ ଦାବି

କରଞ୍ଜିଆ, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପେଣ୍ଠ। ଏହା ଉପଖଣ୍ଡର ସଦର ମହକୁମା ହୋଇଥିବାରୁ ଏଠାରେ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ, ବହୁ ସରକାରୀ, ବେସରକାରୀ ଅଫିସ ରହିଛି। ପ୍ରତେକ ଦିନ ଶହ ଶହ ଲୋକ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏଣୁ କରଞ୍ଜିଆ ସହର ସର୍ବଦା ଚଳଚଞ୍ଚଳ ରହିଥାଏ। ଏହାର ସୁଯୋଗ ନେଇ କେତେକ ଅପରାଧୀ ସରଳ ନିରୀହ ଲୋକଙ୍କ ଆଖିରେ ଧୂଳିଦେଇ ବିଭିନ୍ନ ଅପରାଧିକ କାର୍ଯ୍ୟ ଘଟାଇ ଖସି ପଳାଇଯାଆନ୍ତି। ସେହିପରି କରଞ୍ଜିଆ ଥାନାରେ ଆବଶକ୍ୟ କର୍ମଚାରୀ ନ ଥିବାରୁ ସାଧାରଣ ଦୁର୍ଘଟଣା ରୋକିବା, ଟ୍ରାଫିକ ନିୟନ୍ତ୍ରଣ କରିବା, ଅପରାଧୀ ଉପରେ ନଜର ରଖିବା ଆଦି ସମ୍ଭବପର ହେଉନାହିଁ। ଏଣୁ ପୁଲିସ ପ୍ରଶାସନ ସହରର ୨୦/୨୫ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉଚ୍ଚମାନର ସି.ସି. କ୍ୟାମେରା ଲଗାଇଲେ ଏହା କରଞ୍ଜିଆ ପୁଲିସ ପାଇଁ ଅପରାଧ ରୋକିବା ପାଇଁ ସହାୟକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବିଜେପିର ଗାଁକୁ ଚାଲ ଅଭିଯାନ

କରଞ୍ଜିଆ, ୧୦।୨(ସମିସ): ବିଜେପିର ଗାଁକୁ ଚାଲ ଅଭିଯାନ ନିମନ୍ତେ କୁଦରସାହିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ତାଟୋ ମଣ୍ଡଳ ସଭାପତି ସଞ୍ଜୀବ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ସମ୍ମାନିତ ଅତିଥି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଯୁଗଳ ନାଏକ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ, ଜିଲ୍ଲା ସମ୍ପାଦିକା ସୁନାମଣୀ ହୋ ଉପସ୍ଥିତ ଥିଲେ। ଗାଁକୁ ଚାଲ ଅଭିଯାନକୁ ସଫଳ କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ।

## ଟ୍ରାକ୍ଟର ମାଲିକ ମହାସଂଘର ସାଧାରଣ ବୈଠକ



ଶୁକୁଳି, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଖଇରୀଭଣ୍ଡନ ନଦୀକୂଳ ସ୍ୱପ୍ନେଶ୍ୱରଠାରେ ଟ୍ରାକ୍ଟର ମାଲିକ ମହାସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ଶତାଧିକ ଟ୍ରାକ୍ଟର ମାଲିକ ଯୋଗଦେଇଥିଲେ। ଟ୍ରାକ୍ଟର ଯେ କେବଳ ଚାଷ କାମରେ ବ୍ୟବହାର ହେଉଛି ତାହା ନୁହେଁ, ବିଭିନ୍ନ ସରକାରୀ ଏବଂ ବେସରକାରୀ କାମରେ ମଧ୍ୟ ଲାଗୁଛି। ବିଶେଷକରି ଲୋକେ ବାଲି, ପଥର, ମେଟାଲ, ମୋରମ୍ ଆଦି ପାଇଁ ଟ୍ରାକ୍ଟର ଉପରେ ଭରସା କରୁଛନ୍ତି। ଆମେ ରାଜସ୍ୱ ଦେବା ପାଇଁ ପ୍ରସ୍ତୁତ ଅଛୁ; କିନ୍ତୁ ଆମକୁ ଗୋଟିଏ ପ୍ଲାଟଫର୍ମ ଦିଅନ୍ତୁ ବୋଲି ବହୁ ମାଲିକ କହିଥିଲେ। ଘର ନିର୍ମାଣ ପାଇଁ ବାଲି, ମେଟାଲ ବା ମୋରମ ଆଣିଲା ବେଳେ ପୁଲିସ ଏବଂ ରାଜସ୍ୱ ବିଭାଗ ଗୋଡାଇ ଗୋଡାଇ ଧରୁଛି ଏବଂ ହଜାର ହଜାର ଟଙ୍କା ଜରିମାନା ପକାଉଛି। ଏପରିକି ଅନେକ ସମୟରେ ଟ୍ରାକ୍ଟରକୁ ମଧ୍ୟ ବିନା କାରଣରେ ଜବତ କରୁଛନ୍ତି। ଏଭିଳି ପରିସ୍ଥିତିରେ ଆସନ୍ତା ୨୧ରେ ଯଶିପୁରଠାରେ ଏକ ବିଶାଳ ଟ୍ରାକ୍ଟର ରାଲି କରାଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ମହାସଂଘ ସୂଚନା ଦେଇଛି।

## ହେସେଲପଟା ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇରଙ୍ଗପୁର/ଜାମଦା, ୧୦।୨(ସମିସ): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ହେସେଲପଟା ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ମୟୂରଭଞ୍ଜ ଜୋନ ପୂର୍ବତନ ଇନିସପେକ୍ଟର ଚନ୍ଦ୍ରଭାନୁ ମହାପାତ୍ର ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାମନଘାଟୀ ଉପଖଣ୍ଡ ପିଏ ଆଇଟିଡିଏ ପରୀକ୍ଷିତ ଦାସ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜରିଲାଲ ସୋରେନ, ରାଇରଙ୍ଗପୁରସ୍ତ ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନୀଲ କୁମାର ସେଠୀ, ଜାମଦା ବ୍ଲକ ମତ୍ସ୍ୟ ବିଭାଗ ଅଫିସର ସାମାଇ ସୋରେନ, ଜାମଦା ଏସ୍ଏସ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରୀଶଙ୍କର ସା, କାଣ୍ଡସର ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଜିତେନ୍ଦ୍ର ବରାଳ, ଜାମଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷର ଚାମ୍ପିୟନ ଭାବେ ସିନିୟର ଗ୍ରୁପରୁ ଦଶମ ଶ୍ରେଣୀ ଛାତ୍ରୀ ସଲମା ମୁର୍ମୁ ଓ ଜୁନିୟର ଗ୍ରୁପରୁ ଅଷ୍ଟମ ଶ୍ରେଣୀ ଛାତ୍ରୀ ଦୁଲାରୀ ହାଁସଦାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ତାରିଣୀରାଣୀ ହାଁସଦା ଓ ମଧୁସ୍ମିତା ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଜଗେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପିତ

କରଞ୍ଜିଆ, ୧୦।୨(ସମିସ): କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ତ୍ରିଲୋଚନ ସେଠୀ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ଅଭିଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଟରନିଟି ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହିତ ଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡକ୍ଟର ରାମଚନ୍ଦ୍ର ଦାଶ, ଅଧ୍ୟାପକ ଧରଣୀଧର ତ୍ରିପାଠୀ, କବି କାଳିଆ ପ୍ରେମୀ ଉମେଶ ପତି ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ କାଳିଆ ପ୍ରେମୀ ଉମେଶ ପତି, ଭଜନ ଗାୟିକା ସ୍ୱାତୀ ଚୌଧୁରୀ, ସୁନୀଲ କୁମାର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।

## ଏମ୍‌ପିସି ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ କଂଗ୍ରେସ




ବେତନଟୀ, ୧୦।୨(ସମିସ): ବେତନଟୀ ଏମପିସି ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜ୍ଞାନ କଂଗ୍ରେସ ସଂଯୋଜକ କିଶୋର କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଏମପିସି ହାଇସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସମେତ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ହେମପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର, ବାଲେଶ୍ୱର ଜିଲ୍ଲା ରୁପ୍ସାସ୍ଥିତ ନୀଳମଣି କଲେଜର ଅଧ୍ୟାପକ ଶମ୍ଭୁନାଥ ଗିରି, ଡ. ଶାନ୍ତନୁ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବେତନଟୀ ବ୍ଲକର ବିଭିନ୍ନ ହାଇସ୍କୁଲରୁ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ବ୍ଲକ ବିଜ୍ଞାନ ସଂଯୋଜକ କିଶୋର କୁମାର ଆଚାର୍ଯ୍ୟ, କଣ୍ଟାପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର, ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର, ମେର୍ଦ୍ଦା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମ ପ୍ରମୁଖ ଅତିଥିଗଣ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ସନ୍ଦର୍ଭରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଚାରକମଣ୍ଡଳୀଦ୍ୱାରା ଶ୍ରେଷ୍ଠ ବିବେଚିତ ଗରୁଡବସାସ୍ଥିତ ଆଦର୍ଶ ବିଦ୍ୟାଳୟ, ବେତନଟୀ ସରକାରୀ ବାଳିକା ହାଇସ୍କୁଲ, ରାଇକମାସ୍ଥିତ ରଘୁନାଥ ହାଇସ୍କୁଲ, ମୁନୀଲାଲ ହାଇସ୍କୁଲ ଏବଂ ବାଲକା ହାଇସ୍କୁଲର ପ୍ରକଳ୍ପଗୁଡିକ ଉଚ୍ଚପ୍ରଶଂସିତ ହେବା ସହିତ ପୁରସ୍କୃତ କରାଯାଇଥିଲା। ପରିଚାଳନାରେ ବିଭିନ୍ନ ହାଇସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶେଷରେ ଶିକ୍ଷକ ପ୍ରକାଶଚନ୍ଦ୍ର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ



ରାଇରଙ୍ଗପୁର, ୧୦।୨(ସମିସ): କୁଚେଇବୁଢୀ ଗ୍ରାମସ୍ଥିତ ଶ୍ରୀ ପୂର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବିଶ୍ୱ କଲ୍ୟାଣ ନିମନ୍ତେ ବ୍ରାହ୍ମଣ ମହାସଭା ରାଇରଙ୍ଗପୁର ଶାଖା ଆନୁକୂଲ୍ୟରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅଙ୍କୁରାରୋପଣ ପରେ ଶନିବାର ବଡବନ୍ଧରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରା କରାଯାଇଥିଲା। ଏହା ପରେ ଯଜ୍ଞ ବିଧି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଯଜ୍ଞ ଆସନ୍ତା ୧୨ ତାରିଖରେ ପୂର୍ଣ୍ଣାହୁତି ହେବ। କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଭା ସଭାପତି ପ୍ରଭାସ କୁମାର କବି, ମୁଖ୍ୟପୂଜକ ତଥା କାର୍ଯ୍ୟକାରୀ ସଭାପତି ଦେବବ୍ରତ ରଥ, ମାନସ କୁମାର ଓତା, ଗୋକୁଳ ଚନ୍ଦ୍ର ପାଣି, ଅଶ୍ୱିନୀ ବାବୁ, କ୍ଷୀରୋଧ ଚନ୍ଦ୍ର ତ୍ରିପାଠୀ, ପ୍ରଭାସ କୁମାର ଓତା, କଟି ପଣ୍ଡା, ବାଇଧର ପଣ୍ଡା, ସଂଗ୍ରାମ ଷଡଙ୍ଗୀ, ତାପସ କୁମାର ଦାଶ ପ୍ରମୁଖ ବହୁ ପଣ୍ଡିତ ଯଜ୍ଞକାର୍ଯ୍ୟ କରୁଛନ୍ତି। କମିଟି ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ହିତାଧିକାରୀଙ୍କୁ ଝୋଟ ବ୍ୟାଗ ବଣ୍ଟନ ପ୍ରକ୍ରିୟା ଆରମ୍ଭ

କରଞ୍ଜିଆ, ୧୦।୨(ସମିସ): ସରକାର ପ୍ଲାଷ୍ଟିକ ବ୍ୟବହାରକୁ କମାଇବା ନିମନ୍ତେ ଏକ ଅଭିନବ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜାନ ଖାଉଟି ଏବଂ ଯୋଗାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବାବେଳେ ସାମଗ୍ରୀ ନେବାକୁ ତଥା ପରିବେଶ ସୁରକ୍ଷା ଦୃଷ୍ଟିରୁ ଝୋଟରେ ନିର୍ମିତ ବ୍ୟାଗ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ଏହି ବ୍ୟାଗ ବଣ୍ଟନ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆରୁ ଆରମ୍ଭ ହୋଇଛି। ଏଥିନିମନ୍ତେ କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିରୂପେ ପାଞ୍ଚପିଢ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗଦେଇ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ ପ୍ରକ୍ରିୟା ଶୁଭାରମ୍ଭ କରିଥିଲେ। ଅତିଥିରୂପେ ଜିଲ୍ଲା ଯୋଗାଣ ଅଧିକାରୀ ଧିରଜ କୁମାର ଭୂୟାଁ, ସମବାୟବିତ ଗିରିଧାରୀ ପୃଷ୍ଟି ଉପସ୍ଥିତ ଥିଲେ।



## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇରଙ୍ଗପୁର, ୧୦।୨(ସମିସ): ଜାମଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି) ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାମଦା ବିଡିଓ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଇଓ ସଦାନନ୍ଦ ମହାନ୍ତ, ଏବିଇଓ ଦମୟନ୍ତୀ ସାହୁ, ସିଆରସିସି ଶିବଶଙ୍କର ମହାନ୍ତ, ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମୁହାକୁଡ୍, ବିଦ୍ୟାଳୟର ଭୂତପୂର୍ବ ଛାତ୍ର କାହ୍ନୁଚରଣ ଗିରି, କାହ୍ନୁଚରଣ ଗୋପ୍, ଜୁଲିରାଣୀ ନନ୍ଦ, ଶିକ୍ଷକ ଉମେଶଚନ୍ଦ୍ର ଗୋପ୍, ରାଜେଶ ଦାସ ବିଦ୍ୟାଳୟର ଉନ୍ନତ ମାନର ଶୈକ୍ଷିକ ବିକାଶଧାରାକୁ ବଜାଇ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସଫଳତା ସକାଶେ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତ ବିଦ୍ୟାଳୟର ଅନେକ ମୌଳିକ ସମସ୍ୟାକୁ ଦୃଷ୍ଟିଆକର୍ଷଣ କରିଥିଲେ। ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଦେବକିଶୋର କାଳନ୍ଦୀ, ଶିକ୍ଷୟାତ୍ରୀ ରୋଜାଲିନା ବେହେରା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ରୋଜାଲିନା ବେହେରା ଧନ୍ୟବାଦ ଦେଇଥିଲେ।

ଧୀରଜଲାଲ ମହାବିଦ୍ୟାଳୟର ୩୮ ତମ ବାର୍ଷିକୋତ୍ସବ

## ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଆବଶ୍ୟକ




ବହଳଦା, ୧୦।୨ସମିସ): ବହଳଦା ଧୀରଜଲାଲ ମହାବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରୀମାନଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ସଭା ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମୀନକେତନ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ସ୍ନିଗ୍ଧାରାଣୀ ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆୟୁଷର ନିର୍ଦ୍ଦେଶକ ତଥା ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶେଷ ପର୍ଯ୍ୟନ୍ତ ସଂଘର୍ଷ ଜାରିରଖ, ତୁମର ସାମୟିକ ବିଫଳତା ସଫଳତାକୁ ଅଟକାଇ ପାରିବ ନାହିଁ' ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନିଧି କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅତିରିକ୍ତ ଆଇଜି (ଜେଲ) ସୁରଥ କୁମାର ମଲ୍ଲିକ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ଭଲ ମଣିଷ ହେବାକୁ କହିଥିଲେ। ପରିଚାଳନା ପରିଷଦ ସଭାପତି କୃଷ୍ଣଚନ୍ଦ୍ର କର ସମେତ ସମସ୍ତ ସଭ୍ୟସଭ୍ୟା, ବୁଦ୍ଧିଜୀବୀ, ରାଜନେତା, ସାମ୍ବାଦିକ ଉପସ୍ଥିତ ଥିଲେ। ଏହି ଅବସରରେ ୩ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସଂଗଠକ ଅତନୁ କୁମାର ମହାନ୍ତି ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧ୍ୟାପକ ଜନକ କୁମାର ଗିରି ମଞ୍ଚ ପରିଚାଳନା ଓ ଗଣେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରବି ଫସଲ ପାଇଁ ପ୍ରଶାସନର ପ୍ରସ୍ତୁତି

# ୫୨୮୫୮ ହେକ୍ଟର ଜମିକୁ ଜଳସେଚନ ଯୋଜନା

କେନ୍ଦୁଝର,୧୦।୨(ସମିସ)



କେନ୍ଦୁଝର ଜିଲ୍ଲା ଏକ କୃଷିବହୁଳ ଜିଲ୍ଲା। ଜିଲ୍ଲାରେ ଗତ ଖରିଫ ଫସଲ ସମୟରେ ୧ ଲକ୍ଷ ୬୦ ହଜାର ହେକ୍ଟର ଜମିରୁ ଅଧିକା ଜମିରେ ଧାନଫସଲ ହୋଇଥିଲା। ଅମଳ ମଧ୍ୟ ଭଲ ହୋଇଛି। ଏବେ ରବି ଫସଲର ସମୟ। ତେଣୁ ଚଳିତ ରବିଫସଲ ନିମନ୍ତେ ଜିଲ୍ଲାର ୫୨୫୮୫ ହେକ୍ଟର ଜମିକୁ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ଜଳସେଚନ ପ୍ରକଳ୍ପରୁ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୯୪୪ ଗୋଟି ଉଠାଜଳସେଚନ ପ୍ରକଳ୍ପରୁ ୧୧୦୨୬ ହେକ୍ଟର ଆୟକୁଟ ଏରିଆକୁ ଜଳସେଚନ କରିବାର ଲକ୍ଷ୍ୟ ରହିଛି। ସୂଚନା ଅନୁସାରେ ଆନନ୍ଦପୁର ଉପଖଣ୍ଡର ହାଟଡିହି ବ୍ଲକରେ ଥିବା ଗୋଟିଏ ବୃହତ ଜଳସେଚନ ଯୋଜନା, ଘସିପୁରା ବ୍ଲକର ରେମାଳରେ ଥିବା ମଧ୍ୟମ ଜଳସେଚନ ଯୋଜନା, ଆନନ୍ଦପୁର ଉପଖଣ୍ଡରେ ଥିବା ୫ ଗୋଟି କ୍ଷୁଦ୍ର ଜଳସେଚନ ଯୋନା,୨୧୬ଟି ଉଠାଜଳସେଚନ ଯୋଜନା, ୭୦ଟି ଡବ୍ଲୁଏଚ୍‌ଏସ୍ ଏବଂ ୨୦୧୮ ଟି ଗଭୀର ନଳକୂପ ଓ ଅନ୍ୟ ଉତ୍ସରୁ ୧୨୩୭୫୯ ହେକ୍ଟର ଜମିକୁ ଜଳସେଚନର ଲକ୍ଷ୍ୟ ରହିଛି। ସେହିପରି ଘଟଗାଁ, ହରିଚନ୍ଦନପୁର, ପାଟଣା ବ୍ଲକ ଅଞ୍ଚଳର ୨ ମଧ୍ୟମ ଜଳ ସେଚନେଯାଜନା, ୧୧ଟି କ୍ଷୁଦ୍ର ଜଳସେଚନ ଯୋଜନା, ୧୮୪ ଗୋଟି ଉଠାଜଳସେଚନ ଯୋଜନା, ୨୨୬ ଡବ୍ଲୁଏଚ୍‌ଏସ୍, ୭୦୫୭ ଗଭୀର ନଳକୂପ ସମେତ ବିଭିନ୍ନ ଜଳସେଚନ ପ୍ରକଳ୍ପରୁ ୧୦୯୩୭ ହେକ୍ଟର ଜମିକୁ ଜଳସେଚନର ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ସାହାରପଡ଼ା ବ୍ଲକ, ସଦର ବ୍ଲକ, ବାଂଶପାଳ ବ୍ଲକ ଏବଂ ତେଲକୋଇ ବ୍ଲକ ଅଞ୍ଚଳରେ ଥିବା ୧ଗୋଟି ମଧ୍ୟମ ଜଳସେଚନ ଯୋଜନା, ୨୪ ଗୋଟି କ୍ଷୁଦ୍ର ଜଳସେଚନ ଯୋଜନା, ୨୬୫ ଟି ଉଠାଜଳସେଚନ ପ୍ରକଳ୍ପ, ୩୨୩ଟି ଡବ୍ଲୁଏଚ୍‌ଏସ୍ ସମେତ ଅନ୍ୟାନ୍ୟ ଜଳ ଯୋଗାଣ ସ୍ରୋତରୁ ୧୫୮୭୫ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ଯୋଜନା ରହିଛି। ଅନ୍ୟପକ୍ଷରେ ଚମ୍ପୁଆ ବ୍ଲକ, ଝୁମ୍ପୁରା ବ୍ଲକ, ଯୋଡ଼ା ବ୍ଲକ ଅଞ୍ଚଳରେ ଥିବା ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ୨୭୯ ଉଠା ଜଳସେଚନ ପ୍ରକଳ୍ପ, ୯୩ଟି ଡବ୍ଲୁଏଚ୍‌ଏସ୍, ସମେତ ଅନ୍ୟାନ୍ୟ ଜଳସ୍ରୋତରୁ ମୋଟ ୧୩୪୫୮୩ ହେକ୍ଟର ଜମିକୁ ଚଳିତ ରବିଫସଲ ସମୟରେ ଜଳଯୋଗାଣର ଲକ୍ଷ୍ୟ ରହିଛ। ଜିଲ୍ଲାର ୧୩ ବ୍ଲକ ଅଞ୍ଚଳର ୪ଟି କୃଷିଜିଲ୍ଲାରେ ମୋଟ ୧ଟି ବୃହତ୍ତ ଜଳସେଚନ ପ୍ରକଳ୍ପରୁ ୪୭୦ ଆୟକୁଟ ଏରିଆ, ୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୮୦୦ ହେକ୍ଟର ଆୟକୁଟ ଅଞ୍ଚଳ, ୪୪ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୧୦୫୮ ହେକ୍ଟର ଆୟକୁଟ ଅଞ୍ଚଳ, ୯୪୪ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୧୧୦୨୬ ହେକ୍ଟର ଆୟକୁଟ ଏରିଆ,୬୧୨ ଡବ୍ଲୁ ଏଚଏସରୁ ୧୧୬୫ ହେକ୍ଟର ଆୟକୁଟ ଅଞ୍ଚଳ, ୨୧୫୫୬ ଗଭୀର ନଳକୂପରୁ ୮୫୦୦ ହେକ୍ଟର ଆୟକୁଟ ଅଞ୍ଚଳ ଏବଂ ଅନ୍ୟାନ୍ୟ ଉତ୍ସରୁ ୮୦୦୦ ହେକ୍ଟର ଆୟକୁଟ ଅଞ୍ଚଳକୁ ମିଶାଇ ମୋଟ ୫୨୫୮୫ ହେକ୍ଟର ଜମିକୁ ରବି ଫସଲରେ ଜଳଯୋଗାଣ ଲକ୍ଷ୍ୟ ରଖାଯାଇଛି।

## ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି



**ରାମଚନ୍ଦ୍ରପୁର/ଆନନ୍ଦପୁର,୧୦।୨ (ସମିସ):** ଘଷିପୁରା ବ୍ଲକ ଭଣ୍ଡାରୀଡିହା ପଞ୍ଚାୟତ ଅନ୍ତର୍ଗତ ତୋରାଣିଆପାଳ ଗ୍ରାମର କୃଷ୍ଣଚନ୍ଦ୍ର ଜେନା ଙ୍କ ଦୁଇ ବଖରା ଘର ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗି ଜଳି ପୋଡ଼ି ଭସ୍ମିଭୂତ ହୋଇଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣା ପଡିନଥିଲେ ମଧ୍ୟ ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଲାଗିଥିବା ଅନୁମାନ କରାଯାଉଛି। ସେପଟେ ନିଆଁ ତାଉରେ ଘରେ ଥିବା ୪୫ ହଜାର ଟଙ୍କା ସହ ସୁନା ଗହଣା, ଧାନ ଚାଉଳ ଏବଂ ଘରର ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଘଷିପୁରା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶନିବାର ସକାଳୁ ଖବର ପାଇ ଘଷିପୁରା ତହସିଲଦାର ନୀଳକଣ୍ଠ ବେହେରା ପହଞ୍ଚି ଘରପୋଡିର ତଦନ୍ତ କରି ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭଣ୍ଡାରୀଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସାମୁକନାଣ୍ଡି ସମିତି ସଭ୍ୟ ଅକ୍ଷୟ ଜେନା, ସମାଜସେବୀ ଅଦେଇ ରାଉତ, ଯୁବ ସମାଜସେବୀ ଯଜ୍ଞପ୍ରସାଦ ସାହୁ ପ୍ରମୁଖ ଖାଦ୍ୟ ସାମଗ୍ରୀ ସହ କିଛି ଲୁଗାପଟା ସହାୟତା ଯୋଗାଇ ଦେଇଛନ୍ତି।

## ଅଳତିରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ରାମଚନ୍ଦ୍ରପୁର,୧୦।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ପଞ୍ଚାୟତ ରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଳତି ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ସଭାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ ଯୋଗଦେଇ ବିଭିନ୍ନ ସଫଳ ଯୋଜନାର ଲାଭ ଉଠାଇବାକୁ ହିତାଧିକାରୀଙ୍କୁ ସଚେତନ କରିଥିଲେ। ସଭାରେ ସଚେତନତା ପାଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ବିଧାୟକ ଓ ବିଡିଓ ଦେଖିବା ସହ ପ୍ରଶଂସା କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଠଯନ୍ତ୍ରୀ ପ୍ରକାଶ ଟାଇସନ, ବିଏଲ୍‌ସି ବବିତା ବେହେରା, ପିଇଓ ଅଜୟ କୁମାର ନାଏକ, ଗ୍ରାମରୋଜଗାର ସେବକ ପ୍ରିୟବ୍ରତ ମହାରଣା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ମାସିକ ଆଲୋଚନା

**ସୋସୋ, ୧୦।୨ (ସମିସ):** ହାଟଡିହି ବ୍ଲକର ବାଙ୍ଗୋର ହାଇସ୍କୁଲରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ୫ମ ବ୍ଲକସ୍ତରୀୟ ମାସିକ ଆଲୋଚନା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେଶ ଖମାରୀଙ୍କ ସଭାପତିତ୍ୱରେ ବିଇଓ ଧନେଶ୍ୱର ଖଣ୍ଡେଇ, ଏବିଇଓ ପ୍ରମୋଦ କୁମାର ନାୟକ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ସମୟରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ମାସିକ ଆଲୋଚନାର ବିଭିନ୍ନ କାର୍ଯ୍ୟକ୍ରମ ଆଲୋଚନା କରିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

## ଦୁର୍ଘଟଣା ଘଟାଇଥିବା କଣ୍ଟେନର୍ ଡ୍ରାଇଭର ଗିରଫ

**ଡୁବୁରୁମୁଙ୍ଗା,୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୋଡ଼ା ନିକଟରେ ଶୁକ୍ରବାର ଅପରାହ୍ନରେ କଣ୍ଟେନର ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ଗୁରୁତର ବୃଦ୍ଧ ହେଲେ ନରେନ୍ଦ୍ର ସାହୁ(୭୨)। ତାଙ୍କୁ ଏନ୍‌ଏଚ୍ ଆଇ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ତୁରୁମୁଙ୍ଗା ପୁଲିସ ଦୁର୍ଘଟଣା ଘଟାଇ ଥିବା କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରକୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଲେ ଝାରଖଣ୍ଡ ଦେଓଗଡ଼ ଜିଲ୍ଲା ଦେବୀପୁର ଥାନା ଦରଙ୍ଗ ଗ୍ରାମର ଚେତନ ମଣ୍ଡଳ (୨୩) ଏନେଇ ତୁରୁମୁଙ୍ଗା ଥାନାରେ ୮୩/୨୪ରେ ମାମଲା ରୁଜୁ କରି ଏସ୍‌ଆଇ ତାପସ କୁମାର ଦାସ ଘଟଣାର ତଦନ୍ତ କରିଛନ୍ତି।

## ତରିମୂଳ ଗ୍ରାମରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ




**ରାମଚନ୍ଦ୍ରପୁର/ଆନନ୍ଦପୁର,୧୦।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ତରିମୂଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ଆଜି ଦୁଇଟି କମ୍ୟୁନିଟି ସେଣ୍ଟର ସହ ତରିମୂଳ ସରକାରୀ ଉଚ୍ଚ ବିଦ୍ୟାଳୟର ନବନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହ, ବିଜ୍ଞାନ ଗାର, ଇ -ପାଠାଗାରକୁ ଉଦଘାଟନ କରିଛନ୍ତି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର। ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ରାଉତରାୟ, ସମିତିସଭ୍ୟା ତଅପୋଇ ବେହେରା, ୧୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମଧୁସ୍ମିତା ଦାସଙ୍କ ଉପସ୍ଥିତିରେ ଗ୍ରାମର ମୁରବୀ ଦୟାନିଧି ପୁହାଣ, କାଳନ୍ଦୀ ବେହେରା, କୁଳମଣି ବେହେରା, କୃତିବାସ ରାଉତରାୟ, ସନ୍ତୋଷ ମହାନ୍ତି, ପଦ୍ମନାଭ ବଳ, ସାଧବାଣୀ ବଳ, ବୀଣାପାଣି ଗେଡି, ବିଦ୍ୟୁଲତା ବଳ, ସୋନିକା ପ୍ରିୟଦର୍ଶିନି ଚକ୍ର, ମମତା ସେଠି ଏବଂ ଅନେକ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅଶ୍ଲୀଳ ଇଙ୍ଗିତ ଅଭିଯୋଗ
## ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଲେ ଅଭିଭାବକ



**ତୁରୁମୁଙ୍ଗା/ଚମ୍ପୁଆ, ୧୦।୨ (ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ବର୍ଦ୍ଧନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ସହ ଅଶ୍ଲୀଳ ଫଟୋ ଦେଖାଉଥିବା ଅଭିଯୋଗ ଆଣି ଅଭିଭାବକ ମାନେ ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଥିଲେ। ଅଭିଯୋଗ ଅନୁଯାୟୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପାତ୍ର ବିଦ୍ୟାଳୟର ଛାତ୍ରୀଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ସହ ମୋବାଇଲରେ ଅଶ୍ଲୀଳ ଫଟୋ ଦେଖାଉଛନ୍ତି। ଏଥିସହ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ତାଙ୍କ ଜନ୍ମଦିନ ଅବସରରେ ପୁରୀ ବୁଲାଇ ନେଇଥିବାରୁ ଏହାକୁ ଅଭିଭାବକ ବିରୋଧ କରି ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅଟକ ରଖିଥିଲେ। ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବିରେ ସ୍କୁଲରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ପ୍ରଧାନଶିକ୍ଷକ ଦୀନବନ୍ଧୁ ପାତ୍ରଙ୍କୁ ପଚାରିବାରୁ ଛାତ୍ରୀଙ୍କୁ ଅଶ୍ଲୀଳ ବ୍ୟବହାର ଓ ଅଶ୍ଲୀଳ ଫଟୋ ଦେଖାଇଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ଜନ୍ମଦିନରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପୁରୀ ବୁଲାଇନେବା ସ୍ୱୀକାର କରିଛନ୍ତି। ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ଅଭିଭାବକ ଦାବି କରିଛନ୍ତି।

## ଝୁମ୍ପୁରା ବ୍ଲକରେ ସଚେତନତା ଶିବିର



**ବାଲିବାନ୍ଧ, ୧୦।୨ (ସମିସ):** ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବିଡିଓ ହୃଦାନନ୍ଦ ଅଢା, ତହସିଲଦାର ରୋହିତ ବାଗ, ଏବିଡିଓ ଜିତୁରଞ୍ଜନ ଜେନା, ଟାଟାଷ୍ଟିଲ ଫାଉଣ୍ଡେସନ ସିନିୟର ମ୍ୟାନେଜର କୌଶିକ ଦାସ, ମ୍ୟାନେଜର ସ୍ୱସ୍ତିକ ନାଏକ, ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, କ୍ଷୀରୋଦିନୀ ମହାକୁଡ, ଫେଲୋ ରାକେଶ ମିଶ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ। ସଚେତନତା ଶିବିର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମାଞ୍ଚଳର ସାହି ବସ୍ତି ତଥା ତୃଣମୂଳସ୍ତରରେ ସରକାରୀ ଯୋଜନା ଗୁଡିକ ପହଞ୍ଚାଇବା ଏବଂ ସେ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରିବା ସହିତ ସରକାରୀ ଯୋଜନାରୁ ବଞ୍ଚିତ ଲୋକମାନେ କିପରି ସାହାଯ୍ୟ ପାଇପାରିବେ ସେ ନେଇ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ କରିବ। ପ୍ରତିକ୍ଷେତ୍ରରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଯୋଗ କରିବା ପାଇଁ ସେମାନଙ୍କୁ ଯୋଗାଯୋଗ କରିବା ନିମନ୍ତେ ସଚେତନତା ଶିବିରରେ ସୂଚନା ପ୍ରଦାନ କରାଯାଇଥିଲା। ଆୟୋଜିତ ସଚେତନତା ଶିବିରରେ ଝୁମ୍ପୁରା ବ୍ଲକ ୨୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ୱାର୍ଡମେମ୍ବର ତଥା ବ୍ଲକର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର




**ତେଲକୋଇ,୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ସ୍ଥିତ ଚାରିଗଡ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଆୟୋଜନ ହୋଇଥିବା ବାଳିକା ଆଳରକ୍ଷା ତାଲିମ ଶିବିର ଉଦଯାପିତ ହୋଇଅଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ମାନଗୋବିନ୍ଦ ସାହୁ ଅଧ୍ୟକ୍ଷତା କରି ଦୀର୍ଘ ଆଠ ଦିନ ବ୍ୟାପି ହୋଇଥିବା ଆ।ରକ୍ଷା ଶିବିରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ସର୍ବମୋଟ କଳା ଓ ବିଜ୍ଞାନର ୧୬୨ ଜଣ ଛାତ୍ରୀ ଏବଂ ଧନ୍ଦାମୂଳକ ବିଜ୍ଞାନର ୧୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆତ୍ମରକ୍ଷା ଶିବିରରେ ସଂଯୋଜିକା ରଶ୍ମିତା ପଟେଲ ଓ ମୋନାଲିଜା ପ୍ରଧାନ ତାଲିମ ଶିବିରକୁ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ ଜ୍ୟୋତିର୍ମୟୀ ବେହେରା ଓ ଏଲିନା ସାହୁ ତାଲିମ ପ୍ରଦାନ କରିଥିଲେ।

## କାଠ ବୋଝେଇ ଭ୍ୟାନ୍ ଧକ୍କାରେ ବାଛୁରି ଗୁରୁତର




**ତୁରୁମୁଙ୍ଗା,୧୦।୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ତୁରୁମୁଙ୍ଗା କେଟି ରୋଡ୍‌ର ବୁଢୀକାପୁଡ଼ି ନିକଟରେ ଶନିବାର ଅପରାହ୍ନରେ ଏକ କାଠ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କାରେ ଏକ ବାଛୁରି ଗୁରୁତର ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ସୂଚନା ଅନୁସାରେ କାଠ ବୋଝେଇ ପିକ୍‌ଅପ ଭ୍ୟାନ୍‌ଟି ଚମ୍ପୁଆ ପଟରୁ ତୁରୁମୁଙ୍ଗା ପଟକୁ ଆସୁଥିବା ସମୟରେ ବୁଢ଼ୀକାପୁଡି ନିକଟରେ ବୁଢ଼ୀକାପୁଡ଼ି ଗ୍ରାମର ବୋକା ନାଏକଙ୍କ ବାଛୁରିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବାଛୁରିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ପଶୁ ଡାକ୍ତରଖାନାକୁ ନେଇଥିବା ବେଳେ ତୁରୁମୁଙ୍ଗା ପୁଲିସ କାଠଭର୍ତ୍ତି ପିକ୍‌ଅପ ଭ୍ୟାନ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ସୋସୋ,୧୦।୨(ସମିସ): ହାଟଡିହି ବ୍ଲକ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓରାଳିରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ହାରିଶ୍ଚନ୍ଦ୍ର ଜେନା, ମୁଖ୍ୟବକ୍ତା ସିଆର୍‌ସିସି ଆଲୋକ କୁମାର ନାଥ, ସମ୍ମାନିତ ଅତିଥି ଲତା ପରିଡା, ସଚିନଦେବ ରାଉତ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ ଅତିଥି ପରିଚୟ କରିଥିଲେ। ଶିକ୍ଷକ ମାଧବାନନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଦୀପ କୁମାର ବିଶ୍ୱାଳ, ନାରାୟଣ ରାଉତ, ଶତ୍ରୁଘ୍ନ ସା, ମମତା ମୟୀ ସେଠୀ, ଦେବାଶିଷ ଦାସ, ଚେୟାରମ୍ୟାନ ରତ୍ନାକର ସାହୁ ଓ କମିଟି ସଦସ୍ୟ ମାନେ ସହଯୋଗ ଓ ପରିଚାଳନା କରିଥିଲେ।

## ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି



**ଆନନ୍ଦପୁର,୧୦।୨(ସମିସ):** ଆନନ୍ଦପୁର ରିଙ୍ଗରୋଡ ପାଶ୍ୱର୍ରେ ଥିବା ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୫ରୁ ୧୮ ୪ ଦିନ ଧରି ଅନୁଷ୍ଠିତ ହେବାକୁ ସ୍ଥିରହୋଇଛି। ଉତ୍ସବକୁ ଆଡମ୍ବର ସହକାରେ ପାଳନ କରିବା ନିମନ୍ତେ ଆୟୋଜକଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ, ନୃତ୍ୟଗୀତର ଆସର ହେବାକୁ ସ୍ଥିର ହୋଇଥିବା ବେଳେ ପୂଜାନୀତି ଯଥାରିତୀ ପାଳିତ ହେବାକୁ ସ୍ଥିର ହୋଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ମଠର ବାବା ଆନନ୍ଦ ଦାସ ମହାରାଜ, ଉଦ୍ୟୋକ୍ତ ଜୟନାରାୟଣ ସାହୁ, ଦେବରଞ୍ଜନ ସାହୁ, ବିଶ୍ୱଜିତ୍ ରାଉତ, ରବିନ୍ଦ୍ର ବାରିକ, ରବିନ୍ଦ୍ର ପାତ୍ର, ଧ୍ରୁବ ଦାସ, ନାରାୟଣ ନାୟକ, ଅଜୟ ହୋତା, ରଞ୍ଜନ ଜେନା, ଅକ୍ଷୟ ସାମଲ, ନରେନ୍ଦ୍ର ସାମଲ, ମନୋଜ ସିଂହ, କଟନ ରାମଙ୍କ ସହିତ ଚିତ୍ରାକାର ଚନ୍ଦନ ସାମଲ, କୃଷ୍ଣଚନ୍ଦ୍ର ପାଲ, ପରମେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସାଳନ୍ଦୀ ମହୋତ୍ସବ ତୃତୀୟ ସନ୍ଧ୍ୟା

ସୋସୋ,୧୦।୨(ସମିସ)




ହାଟଡିହି ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ସାଳନ୍ଦୀ ମହୋତ୍ସବର ୩ୟ ସନ୍ଧ୍ୟା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ଆଲୋକ ସେଠୀ, ମୁଖ୍ୟ ବକ୍ତା ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ସମ୍ମାନିତ ଅତିଥି ସମାଜସେବୀ ତଥା ସମବାୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ସେଠୀ, ଅବସର ପ୍ରାପ୍ତ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ସ୍ୱତନ୍ତ୍ର ଅତିଥି ସମାଜ ସେବୀ ଡ. ଶମ୍ଭୁନାଥ ରାଉତ, ମୁଖ୍ୟ ଉପଦେଷ୍ଟା ଗଙ୍ଗାଧର ରାଉତ, ଦିପ୍ତମୟୀ ଖୁଣ୍ଟିଆ, ଗୋପିନାଥ ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ଜେନାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ଓ ମଞ୍ଚ କରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରମୋହନ ଭୋଇ, ଉତ୍ତମ ପେଡ଼ାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ଲକ୍ଷ୍ମୀଦାସ ନୃତ୍ୟ ପରିବେଶଷଣ କରିଥିଲେ। ମହୋତ୍ସବ କମିଟିର କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ, ଯୁଗ୍ମ ସମ୍ପାଦକ ଚୈତନ୍ୟ ମହାପାତ୍ର, ଉପସଭାପତି ବୈଲୋଚନ ନାୟକ, ଗଣେଶ ଚନ୍ଦ୍ର ଜେନା, ଉତ୍ତମ ବେହେରା, ଶତ୍ରୁଘ୍ନ ରାଉଳ, ସୋମନାଥ ରାଉତ, ବସନ୍ତ ଧଳ, ପୁରୁଷୋତ୍ତମ ଧଳ ପ୍ରମୁଖ ମହୋତ୍ସବର କମିଟିର ସଦସ୍ୟ ସହଯୋଗ କରିଥିଲେ।

## ଏ ସପ୍ତାହର କବିତା



### ଅନ୍ତର୍ଗତ

ବିପିନ୍ ନାୟକ



ମୋ ଭିତରେ
ଜଣେ ଅଶ୍ୱାରୋହୀ
ଯିଏ ଉଦଗ୍ର ଅଶ୍ୱଟିରେ
ସବାର ହୁଏ
ବେହେଲା ବଜାଏ,

ଜଣେ ନାବିକ
ଯିଏ ନଥିବା ଡଙ୍ଗାରେ
ନଥିବା ନଈକୁ
ବାରମ୍ବାର ପାର ହେଉଥାଏ

ମୋ ଭିତରେ
ଜଣେ ଯାତ୍ରୀ
ଯିଏ ପୁରୁଣା ରାସ୍ତାରେ
ଚାଲିବାକୁ ମନାକରେ
ବାଟ ଭାଙ୍ଗେ

ଗୋଟେ ହ୍ରଦ,
ଯାହା ସମୁଦ୍ର ସଙ୍ଗମର
ଅସଫଳ ଅପେକ୍ଷାରେ ଥାଏ

ମୋ ଭିତରେ
ଗୋଟେ ପ୍ରପାତ,
ଯାହା ସଶବ୍ଦରେ ଡେଇଁପଡ଼େ ଉଚ୍ଚତାରୁ
ପଥରକୁ ଓଦା କରୁଥାଏ

ଖଣ୍ଡେ ମେଘ
ଯିଏ ଅଚାନକ ଉଠେ
ଧାରେ ବିଜୁଳିର ହସ ହସେ
ଶୋଇପଡ଼େ ।

ମୋ ଭିତରେ
ଜଣେ ଗାଈଆଳ,
ଯିଏ ସୂର୍ଯ୍ୟାସ୍ତର ରଙ୍ଗମାଖି
ଗୋଧୂଳିରେ ଫେରେ
ଡିବିରି ଲଗାଏ

ଗୋଟେ ଓଟ,
ଯିଏ ବୋଝେ ଲୁଣ ନେଇ ଫେରେ
ତୃଣଭୂମିର ସ୍ୱପ୍ନ ଦେଖି
ବାଟ ଚାଲୁଥାଏ

ମୋ ଭିତରେ ଜଣେ ମାଆ,
ଯିଏ ଗର୍ଭଧାରଣ, ରକ୍ତ କ୍ଷରଣ କରେ
ଅରକ୍ଷ ଅକ୍ଷରମାନଙ୍କୁ
ଆଦରରେ
ପାଳେ ପୋଷେ
ବଡ଼ କରୁଥାଏ ।■

ନିର୍ବିକଳ୍ପ, ବାଞ୍ଛାନିଧି ନଗର
ବ୍ରହ୍ମପୁର-୧୦
ମୋ: ୯୩୪୮୪୬୯୭୨୭

### ଲୟ ଲଗ୍ନ

ପ୍ରଫୁଲ୍ଲ କୁମାର ମହାନ୍ତି



କେତେ ଫମ୍ପା ଓଠରେ ନାମ କୀର୍ତ୍ତନ
କେତେ ତାଲାବନ୍ଦ ଛାତିରେ ମୃଦୁ ସ୍ପନ୍ଦନ
କାକର ଭିଜା ମୁମୂର୍ଷୁ ଫୁଲରେ ବାସି ଚନ୍ଦନ
ଢୋଲ ପିଟା ହୋ ହଲ୍ଲାର ନିଶବ୍ଦଟା
ଅନୁରାଗୀ ମନ ମୋର ସେଥିରେ ବି ବାଉଳା
ସବୁଠି ଦେଖିଛି ମୁଁ ନିରବ ସଂଗ୍ରାମ
ଢୋଲ ପିଟା ଝୁରାବାଲି ଫେଣର ମୁକ୍ତା
ସେଇଠି ମୁଁ ବାହିଚାଲେ ସ୍ୱପ୍ନ ନଉକା
ଲଂଘିବାକୁ ସମୁଦ୍ରର ନିସ୍ତରଙ୍ଗ କୋହ
ହସି ହସି ପୋଛିଦିଏ ଲୁହ ।

ଏ ମାଟିରେ ସବୁଠି ବସନ୍ତ
ଋତୁ ମାସ ବର୍ଷର ଅବିନାଶୀ ସମୟରେ
ଫୁଟାଏ ମୁଁ ତାରା ଫୁଲ ସବୁ ଆକାଶରେ
ମାଟି ଆକାଶର ମିଳନ ବିରହ
ପ୍ରେମକର୍ମରେ ଲୋପ ପାଏ ପ୍ରେତାଗ୍ନିର ଭୟ ।

ମୁଁ ଆସିଛି ଫୁଲର ଗନ୍ଧ ପରି
ସମୟର ଟିକ୍ ଟିକ୍ ପରି
ଘଣ୍ଟା କଣ୍ଟା ଅଟକିଲେ ମଧ୍ୟ
ମୁଁ ଛାଡୁଥିବି ଜୀବନର ଗନ୍ଧ
ଆଖି କାନର ଏ ମହା ବିଚିତ୍ରାରେ
ଗାଉଥିବି ପ୍ରେମରାଗ ଜୀବନମୃତ୍ୟୁରେ ।■



ଚିତ୍ରକାବ୍ୟ, ଶିଶୁ ବିହାର, ଭୁବନେଶ୍ୱର-୨୪

## ଅସ୍ମିତାର ମୃତ୍ୟୁ

ରାଜ୍ୟବର୍ଦ୍ଧନ ଧଳମହାପାତ୍ର



ବୟସ- ଛଅସ୍ତରି
ଉଚ୍ଚତା- ପାଞ୍ଚ ଫୁଟ ତିନି ଇଞ୍ଚ
ଓଜନ- ଛପନ କେ.ଜି.

ଡାଏବେଟିକ୍, ବି.ପି, କୋଲେଷ୍ଟ୍ରାଲ୍ ଏବଂ ଇ.ସି.ଜି. ସବୁ ନର୍ମାଲ। ଏ ବୟସରେ ଏଭଳି ରିପୋର୍ଟ ଖୁବ୍ କମ୍ ଦେଖିବାକୁ ମିଳେ। ଦେଶ ସ୍ୱାଧୀନ ହେବା ପରେ ଆପଣଙ୍କ ରାଜ୍ୟ ସିନା ଚାଲିଯାଇଛି, ରାଣୀ ସାହେବା ହେଲେ ଆପଣଙ୍କ ସ୍ୱାସ୍ଥ୍ୟ ରାଜ୍ୟକୁ ଆପଣ ଠିକ୍ ସମ୍ଭାଳି ରଖିଛନ୍ତି।

ରାଣୀ ସାହେବା ଅଳ୍ପ ହସିଲେ କେବଳ। ତାଙ୍କ ହସର ତିନୋଟି କାରଣ ଥିଲା।

ପ୍ରଥମ: ଉତ୍ତୀର୍ଣ୍ଣ ବୟସରେ ସ୍ୱାସ୍ଥ୍ୟ ଠିକ୍ ରଖିପାରିଥିବା ଖୁସିର ହସ।

ଦ୍ୱିତୀୟ: ରାଜ୍ୟ ଚାଲିଗଲା ପରେ ସ୍ୱାସ୍ଥ୍ୟ ରାଜ୍ୟକୁ କେବଳ ହେପାଜତ୍‌ରେ ରଖାଯାଇନାହିଁ, ପଦବିଟାକୁ ମଧ୍ୟ ଖୁବ୍ ହେପାଜତ୍‌ରେ ରଖାଯାଇଛି। ନଚେତ୍ ତମ ପରି ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀଙ୍କୁ ଦଲାଲମାନଙ୍କ ସହାୟତା ନେବାକୁ ପଡୁଥିବା ବେଳେ ତମେ ତମର ସବୁ ଯନ୍ତ୍ରପାତି ଧରି ମୋ ଘରକୁ ଆସି ନ ଥାନ୍ତ ଦେଖିବା ପାଇଁ।

ତୃତୀୟ: ସ୍ୱାଧୀନତା ପୂର୍ବରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମୟରେ ଦୁଇଟି ରାଜ୍ୟ ପଡ଼ୋଶୀ ପ୍ରଦେଶକୁ ଚାଲିଯାଇଥିବା ସତ୍ତ୍ୱେ ବି ଆହୁରି ଚବିଶଟି ରାଜ୍ୟ ଥିଲା, ରାଜା ଥିଲେ। ଧରି ନିଅ ଏବେକାର ଜିଲ୍ଲା ପରି ସେ ରାଜ୍ୟ ସବୁ। ଗୋଟିଏ ଛୋଟିଆ କରଦ ରାଜ୍ୟର ରାଜା ଓ ରାଣୀ ହେବା ଅପେକ୍ଷା ସମଗ୍ର ରାଜ୍ୟର ମନ୍ତ୍ରୀ ହେବା କ'ଣ ଶ୍ରେୟସ୍କର ନୁହେଁ କି? ଆମର ରାଜପଦ ସିନା ଚାଲିଗଲା, ହେଲେ ଆମ ଶାସନ ତ ଯାଇନି। ପ୍ରଥମେ ମୋର ସ୍ୱାମୀ ମନ୍ତ୍ରୀ ହେଲେ। ତାଙ୍କର ଅକାଳ ବିୟୋଗ ପରେ ମୁଁ ଏମ୍.ଏଲ୍.ଏ. ହୋଇ ମନ୍ତ୍ରୀ ହେଲି। ଏମ୍.ଏଲ.ଏ. ପରେ ସାଂସଦ ବି ହେଲି ବହୁବାର। ପୁଅର ବୟସ ହୋଇଯିବାରୁ ମୁଁ ସ୍ୱେଚ୍ଛାରେ ସେଥିରୁ ଦୂରେଇ ଯାଇ ପୁଅକୁ ଠିଆ କରାଇଲି। ସେ ବି ବାରମ୍ବାର ଜିତିଛି ଏବଂ ଏବେ ମନ୍ତ୍ରୀ। ତେଣୁ ରାଜ୍ୟ ଆମ ହାତରୁ ଗଲା କେଉଁଠି ?

ରାଣୀ ସାହେବା ପାଖରେ ଠିଆ ହୋଇଥିବା ବ୍ୟକ୍ତିଗତ ସହାୟକ ମାୟାଧର ଆଡ଼େ ଚାହିଁ କହିଲେ - ଡାକ୍ତରଙ୍କୁ ବିଦା କରିବ। ହଉ, ଆପଣ ଆସନ୍ତୁ କହି ନିଜେ ଉଠିଲେ ଭିତରକୁ ଯିବା ପାଇଁ।

ତାଙ୍କୁ ଉଠିବା ଦେଖି ବିନୀତ ନମସ୍କାରଟିଏ ପକାଇଲେ ଡାକ୍ତର।

ପ୍ରତି ନମସ୍କାର ପାଇଁ ହାତ ନ ଉଠାଇ କେବଳ ସ୍ମିତ ହାସ୍ୟଟିଏ ଦେଇ ଭିତରକୁ ଚାଲିଗଲେ ରାଣୀ ସାହେବା। ବସି ପଡ଼ିଲେ ଇଜି ଚେୟାରରେ। ଡାକ୍ତର କହିଥିବା କଥା ପଦକ ଗୁଞ୍ଜାରୁ ଥିଲା କାନ ପାଖରେ। ପୁରୁଣା ଗହୀର ଦରଜ ପରି ରକ୍ ରକ୍ କଲା ଛାତି। ଭାବୁଥିଲେ ରାଜ୍ୟ ନାହିଁ ସତ, ରାଜପଦ ତ ରହିଛି। ରହିଛି ତ ରାଜକୀୟ ସ୍ୱାଭିମାନ ଓ ଅସ୍ମିତା। ରାଜ ପଦଟା କର୍ପୂର ଉଡ଼ି ଯାଇଥିବା କନାଟିଏ ସତ, ମାତ୍ର ସେହି କନାର ଅସ୍ମିତାରେ ତ ମୋ ସ୍ୱାମୀ ଏତେ ବର୍ଷ ଧରି ନିର୍ବାଚିତ ହେଉଥିଲେ ଏବଂ ମନ୍ତ୍ରୀ ଥିଲେ। ତାଙ୍କ ପରେ ମୁଁ ପ୍ରଥମେ ବିଧାୟିକା ଓ ପରେ ସାଂସଦ ବି ହେଲି। ଏବେ ସେ ଦାୟିତ୍ୱ ନେଇଛି ପୁଅ। କେତେ ଅବା ରାଜସ୍ୱ ମିଳୁଥିଲା ଆମର ଛୋଟିଆ ରାଜ୍ୟରେ? ବନ୍ୟା ଓ ବାତ୍ୟା ପ୍ରବଣ ରାଜ୍ୟ। ବର୍ଷେ ଫସଲ ହେଲେ ପରବର୍ଷକୁ ଦାଉ ସାଧୁଥିଲା ବନ୍ୟା ନହେଲେ ବାତ୍ୟା। ଲୋକେ ଦେଇ ପାରୁ ନଥିଲେ ଖଜଣା ଓ କର। ରାଜ କର୍ମଚାରୀ ଟିକିଏ ଜୋର ଦେଇ ଆଦାୟ କଲେ ପ୍ରଚାର ହେଉଥିଲା ରାଜା ଜୁଲୁମ କରୁଛନ୍ତି ବୋଲି। ସେଥିରେ କିଏ କିଏ କବି ବି ଗୀତ ଫାନ୍ଦି ଗାଆଁ ଗାଆଁ ବୁଲି ଗାଉଥିଲେ। ଏବେ ତ ସେସବୁ ଝନ୍‌ଝଟ୍ ବିଲକୁଲ ନାହିଁ। ଗୋଟିଏ ରାଜ୍ୟର ରାଜସ୍ୱଠାରୁ ଢେର ବେଶି ଆୟ ଆଜିକାଲିର ରାଜନୀତିରେ। ସେଥିରେ ଯଦି ମନ୍ତ୍ରୀ ହୋଇଗଲ ତ ଚାନ୍ଦି ହିଁ ଚାନ୍ଦି। ଖାଲି ଯାହା ରାଜପଦଟା ନାହିଁ, ହେଲେ ପଦର ଖୋଳପାଟା ତ ଆଜିଯାଏ କାମ କରି ଚାଲିଛି। ଲୋକେ ବି ସେହି ପଦକୁ ଭୋଟ ଦେଇ ଚାଲିଛନ୍ତି। ଆମକୁ କେବଳ ଜଗିବାକୁ ପଡୁଛି ଆମର ଆଚରଣ, ତାହା ଯେମିତି ଲୋକଙ୍କୁ ରାଜା ରାଜା ଲାଗିବ।

ଏହି ସମୟରେ ମାୟାଧର ବ୍ୟକ୍ତିଗତ ସହାୟିକା ହାତରେ ଖବର ପଠାଇଲା- ଭେଟିବାକୁ ଚାହୁଁଛି ରାଣୀ ସାହେବାଙ୍କୁ। କୌଣସି ବାକ୍ୟ ବିନିମୟ ନ କରି ରାଣୀ ସାହେବା ହାତରେ କେବଳ ଇଂଗିତ ଦେଲେ ଭିତରକୁ ଆସିବାକୁ କୁହ।

କ'ଣ ହେଲା ମାୟାଧର? ଡାକ୍ତରଙ୍କୁ ବିଦା କଲ?

ହଁ, ରାଣୀ ସାହେବା। ସିଏ ତ ନାହିଁ ନାହିଁ କରୁଥିଲେ, ମୁଁ ମାତ୍ର ଜବରଦସ୍ତି ତାଙ୍କ ପକେଟରେ ଗୋଟେ ଲଫାପା ଗୁଞ୍ଜି ଦେଲି।

ହଉ, ଭଲ କଲ।

କ'ଣ କହିବାକୁ ଚାହୁଁଥିଲ ପରା?

ମୋ ଜେଜେ ରାଜା ସାହେବଙ୍କ ପାଖରେ କାମ କରୁଥିଲେ। ସେ ଭାଗ୍ୟବାନ ଥିଲେ ଯେ, ସେତେବେଳେ ରାଜା ସାହେବଙ୍କ ପାଖରେ ରାଜ୍ୟ ଥିଲା। ମୋ ଜେଜେଙ୍କ ପରେ ମୋ ବାପା କି ମୁକରିର ହେଲେ ସେହି ଦାୟିତ୍ୱରେ। ମାତ୍ର ତାଙ୍କ ଦାୟିତ୍ୱ ନେବାରେ ଅଳ୍ପଦିନ ପରେ ଦେଶ ସ୍ୱାଧୀନ ହୋଇଗଲା। ମୋ ବାପାଙ୍କ ଅନ୍ତେ ମୁଁ। ଆମ ତିନି ପୁରୁଷ,ମୋ ଜାଣତରେ, ଆଗରୁ କିଏ କିଏ ବି ରାଜ କର୍ମଚାରୀ ଥାଇପାରନ୍ତି। ଆପଣଙ୍କର ବ୍ୟକ୍ତିଗତ ସେବାରେ ମୁଆଇନା ହୋଇ ରହିଛୁ।

ଆଜି ଏ କଥା କାହିଁକି ମନେ ପକାଇଲ?

କଥା କ'ଣ କି ରାଣୀ ସାହେବା, ଆମେ ରାଜାଙ୍କର ବ୍ୟକ୍ତିଗତ ସେବାକାରୀ ବୋଲି ଲୋକଲୋଚନରେ ଆମର ଗୋଟେ ଭାଉ ଅଛି। ସେ ଭାଉକୁ ନେଇ ଆମେ ବି ଗର୍ବ କରୁ। ମାତ୍ର ଏବେ ଲାଗୁଛି ସେ ଭାଉ ଆମର ଆଉ ରହିବ ନାହିଁ।

କାହିଁକି? କ'ଣ ହେଲା କି?

ଭାବୁଛି ଆପଣଙ୍କୁ କହିବି କି କହିବି ନାହିଁ। ନ କହିଲେ କିନ୍ତୁ ମୋ ଛାତି ଫାଟିଯିବ।

ଆରେ ଏତେ ଗୌରଚନ୍ଦ୍ରିକା ନଦେଇ କଥା କ'ଣ କୁହ।

ନା, ରାଣୀ ସାହେବା, ମୁଁ ଏବେ ଆପଣଙ୍କୁ କିଛି କହିବି ନାହିଁ। କେବଳ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଥିବା ଭିଡିଓଟି ଆପଣଙ୍କୁ ପଠାଉଛି। ଆପଣ ଦେଖି ସାରିବା ପରେ ମୋତେ ଡକାଇବେ, ମୋର ଆଉ ଯାହା କହିବାର ଥିବ କହିବି।

ରାଣୀ ସାହେବା ଭିଡିଓଟିକୁ ଦେଖିଲେ। ବିଶ୍ୱାସ କରି ପାରିଲେ ନାହିଁ ନିଜ ଆଖିକୁ। ଏହା କୌଣସି ନିନ୍ଦୁକମାନଙ୍କର ଫଟୋ ଏଡିଟିଂର କାରନାମା ନୁହେଁ ତ? ବାରମ୍ବାର ଦେଖିଲେ ତାକୁ। ନିଶ୍ଚିତ ହେଲେ ଯେ ଏହା ସତ୍ୟ। ମନେ ମନେ ଭାବିଲେ କିସ ଥିଲା ରାଜ୍ୟ, କି ହୋଇଲା ଆଜ। କୁଆଡ଼େ ଗଲା ରାଜକୀୟ ସ୍ୱାଭିମାନ? କୁଆଡ଼େ ଗଲା ଅସ୍ମିତା?

ଭିଡିଓଟିକୁ ଦେଖୁ ଦେଖୁ ରାଣୀ ସାହେବା ବୋଧହୁଏ ଭୁଲିଗଲେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ। ଯେମିତି ବସିଥିଲେ ସେମିତି ଅବସ୍ଥାରେ ଆଖି ବୁଜିଦେଲେ।

ଖବର ପାଇ ଡାକ୍ତର ଆସିଲେ। ସେ ବିଶ୍ୱାସ କରି ପାରୁନଥିଲେ ନିଜ ରିପୋର୍ଟକୁ। ମାୟାଧର ତାଙ୍କ ପାଖକୁ ଆସି ପଚାରିଲା ସକାଳ ରିପୋର୍ଟରେ କ'ଣ କିଛି ତ୍ରୁଟି ଥିଲା?

ନା-

ତେବେ?

ମୁଁ ବି ଦ୍ୱନ୍ଦ୍ୱରେ।

ନା ଆପଣ ଦ୍ୱନ୍ଦ୍ୱରେ ରୁହନ୍ତୁ ନାହିଁ, ରିପୋର୍ଟ ଦିଅନ୍ତୁ ଅସ୍ମିତାର ମୃତ୍ୟୁ।■



'ତଥାସ୍ତୁ', କଲ୍ୟାଣୀ ନଗର
ରଘୁନାଥପୁର,ପଟିଆ, ଭୁବନେଶ୍ୱର
ମୋ: ୯୪୩୭୪୨୭୬୯୧

## ବିଦଗ୍ଧ କବି ଅଭିମନ୍ୟୁ

ଡକ୍ଟର ଅଭିମନ୍ୟୁ ବରାଳ



ମଧ୍ୟଯୁଗ ବା ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ- ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଉଜ୍ଜ୍ୱଳ ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ଅଭିମନ୍ୟୁ ସାମନ୍ତ ସିଂହାର ହେଉଛନ୍ତି ଅନ୍ୟତମ। ତତ୍ ପ୍ରଣୀତ କାବ୍ୟ-କବିତା ରାଜି ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାରକୁ ଅତ୍ୟନ୍ତ ସମୃଦ୍ଧ କରିଛି। ସେହି ପ୍ରଥିତଯଶା ମହାକବିଙ୍କର ଅନବଦ୍ୟ ସୃଷ୍ଟି ମହାକାବ୍ୟ 'ବିଦଗ୍ଧ ଚିନ୍ତାମଣି'।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ ଖ୍ରୀ:ଅ:ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆ ଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତସିଂହାର ଓ ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ। ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଭକ୍ତିମତୀ ଆଉ ପତିବ୍ରତା। କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସାମନ୍ତସିଂହାର ଥିଲେ ଏକାଧାରରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ। ଏକଥା ଅଭିମନ୍ୟୁ ବାଘ ଗୀତରେ ଉଲ୍ଲେଖ କରିଛନ୍ତି- "ବାଲିଆ ବୋଲି ଯେ ଏକ ନଗର, ତହିଁ ନୃପତି ସାମନ୍ତସିଂହାର। ରସିକ ବିବେକୀ ବଡ଼ ଧାର୍ମିକ, ପ୍ରଶଂସା କରନ୍ତି ବହୁତ ଲୋକ।"

ବାଲ୍ୟଶିକ୍ଷା ପରେ ଅଭିମନ୍ୟୁ ମାତ୍ର ଚତୁର୍ଦ୍ଦଶ ବର୍ଷ ବୟସରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ। ବିମଳା ଦେବୀ ଥିଲେ ଅତ୍ୟନ୍ତ କୃଷ୍ଣ ଭକ୍ତି ପରାୟଣା ଓ ବିଦୁଷୀ ମହିଳା। ବିମଳା ଦେବୀଙ୍କ ପାଣିଗ୍ରହଣ କରି ତାଙ୍କ ସାଂସାରିକ ଜୀବନ ପରିପୂର୍ଣ୍ଣତା ଲାଭ କରିଥିଲା। ଅଭିମନ୍ୟୁଙ୍କୁ ମାତ୍ର ଊନବିଂଶ ବର୍ଷ ବୟସରେ ତାଙ୍କ ପିତୃବିୟୋଗ ଘଟିବାରୁ ସେ ବାଧ୍ୟ ହୋଇ ବାଲିଆ ରାଜ୍ୟର ଭାର ଗ୍ରହଣ କରିଥିଲେ। ଏତେ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସେ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନ ଥିଲେ। କିଛି ଦିନ ସଂସାର କରିବା ପରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା। ଏହି ଘଟଣା ପରେ ସଂସାରବିମୁଖ ହୋଇ ସେ 'ବିଦଗ୍ଧ ଚିନ୍ତାମଣି' କାବ୍ୟ ରଚନା କରିଥିଲେ।



କବିତିଳକ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ମହାପାତ୍ର

ବିଦଗ୍ଧ କବି 'ବାଘ ଗୀତ','ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମକଳା', 'ରସବତୀ','ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ ମଧ୍ୟ, 'ବିଦଗ୍ଧ ଚିନ୍ତାମଣି' ହେଉଛି ତାଙ୍କର ଶେଷ ଓ ଶ୍ରେଷ୍ଠ କାବ୍ୟକୃତି। ନିଜ ଭକ୍ତି ଚେତନାର ସାର ନିର୍ଯ୍ୟାସ, କବିତ୍ୱର ସାରବତ୍ତା ଓ ପ୍ରତିଭାର ଶ୍ରେଷ୍ଠତାକୁ ନେଇ ଅଭିମନ୍ୟୁ ଏହାକୁ ରଚନା କରିଛନ୍ତି। ଏହାର କଥାବସ୍ତୁ ଅତ୍ୟନ୍ତ ସଂକ୍ଷିପ୍ତ। ଏଥିରେ ବୃନ୍ଦାବନରେ ଅପ୍ରାକୃତ ପ୍ରେମ ମୂର୍ତ୍ତି ରାଧାକୃଷ୍ଣଙ୍କର ପ୍ରେମାନୁରାଗ, ପୂର୍ବରାଗ, ମିଳନ, ବିରହ ଓ ଶ୍ରୀରାଧାଙ୍କ ଅଭିସାର ବର୍ଣ୍ଣନା କରାଯାଇଛି। ସର୍ବମୋଟ ଏହାର ୯୬ ଗୋଟି ଛନ୍ଦରେ ରଚିତ ହୋଇଛି। ଏଥିରେ ବୈଷ୍ଣବ କବି ରୂପ ଗୋସ୍ୱାମୀଙ୍କର ସଂସ୍କୃତ 'ବିଦଗ୍ଧ ମାଧବ' ନାଟକର ପ୍ରଭାବ ବେଶ ସୁସ୍ପଷ୍ଟ।

ବିଦଗ୍ଧ କବିଙ୍କର ଶ୍ରେଷ୍ଠ କାବ୍ୟକୃତି 'ବିଦଗ୍ଧ ଚିନ୍ତାମଣି'ରେ ପାଣ୍ଡିତ୍ୟ ଓ କବିତ୍ୱ, ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟ, ଲାଳିତ୍ୟ ଓ ସାରଲ୍ୟ, ବିଦ୍‌ବତ୍ତା ଓ ଭକ୍ତିମତ୍ତା ଏକାଧାରରେ ପରିଦୃଷ୍ଟ। ଏହି କାବ୍ୟ ସମ୍ବନ୍ଧରେ କବି କହିଛନ୍ତି- "ସୁଜନେ ଆଦର ମିତ୍ର ପରି ଏ କବିତ୍ୱ, ସର୍ବ ସୁମନା ସୁରସ କରିଛି ଏକତ୍ୱ।" 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଶ୍ରେଷ୍ଠ କବିତ୍ୱ ପରିସ୍ଫୁଟ ହୋଇପାରିଛି। ଏହା ଛନ୍ଦ, ସଂଗୀତ, ବୃତ୍ତି ଓ ଅଳଙ୍କାରରେ ବିମଣ୍ଡିତ ହୋଇଛି। ଏଥିରେ ଏକାଧାରରେ ରହିଛି ଉପମା ପ୍ରୟୋଗର ସାଫଲ୍ୟ, ଲାଳିତ୍ୟ ଶବ୍ଦ ସଂଯୋଜନା ଓ ଅର୍ଥଗୌରବ। ଏହି କାବ୍ୟ ସଂପର୍କରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହିଛନ୍ତି- "ଉପମା ଭଞ୍ଜ ବୀରସ୍ୟ, ତସୈବଚାର୍ଥ ଗୌରବମ୍, କଲ୍ଲୋଳେ ପଦ ଲାଳିତ୍ୟଂ ସନ୍ତି ଚିନ୍ତାମଣୌ ତ୍ରୟଃ।" କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଉପମା ଓ ଅର୍ଥଗୌରବର ଅପୂର୍ବ ସାଫଲ୍ୟ, ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ'ରେ ପଦ ଲାଳିତ୍ୟ, ଏକାଧାରରେ 'ବିଦଗ୍ଧ ଚିନ୍ତାମଣି'ରେ ଦେଖିବାକୁ ମିଳିଥାଏ। 'ବିଦଗ୍ଧ ଚିନ୍ତାମଣି'କୁ ଓଡ଼ିଆ ସାହିତ୍ୟ ପ୍ରୟାଗରାଜରେ ତ୍ରିବେଣୀ ସଙ୍ଗମ ବୋଲି କୁହାଯାଏ। ତେଣୁ ରୀତି ଯୁଗୀୟ କାବ୍ୟ ପୁଞ୍ଜ ମଧ୍ୟରେ 'ବିଦଗ୍ଧ ଚିନ୍ତାମଣି' ଏକ ଅମୂଲ୍ୟରତ୍ନ, ଏଥିରେ ସନ୍ଦେହ ନାହିଁ।■

ବର୍ଷଣା ବିହାର
ମନ୍ଦିର ମାର୍ଗ,ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ପୁସ୍ତକ ପରିଚୟ

### ସମାଜ, ସାହିତ୍ୟ ଓ ଦର୍ଶନ

ଡକ୍ଟର ଗଣେଶ ପ୍ରସାଦ ଦାସ

ସାହିତ୍ୟିକ ଡକ୍ଟର ଗଣେଶ ପ୍ରସାଦ ଦାସଙ୍କ ରଚିତ 'ସମାଜ, ସାହିତ୍ୟ ଓ ଦର୍ଶନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ଜୀବନ, ଦର୍ଶନ, ସମାଜ, ସଂସ୍କୃତି, ଶିକ୍ଷା, ସଭ୍ୟତା, ସାହିତ୍ୟ ସଂପର୍କିତ ଅନେକ ଉଚ୍ଚକୋଟୀର ପ୍ରବନ୍ଧ ସଂକଳିତ ହୋଇଛି। 'ଜନ, ଜୀବନ ଓ ଦର୍ଶନ','ସାହିତ୍ୟ, ଦର୍ଶନ ଓ ଜୀବନ', 'ସାହିତ୍ୟ ଓ ଦର୍ଶନ', 'ସମାଜ, ସମାଜଶାସ୍ତ୍ର ଓ ଦାର୍ଶନିକ ଅନୁସନ୍ଧାନ', 'ସଭ୍ୟତା, ସଂସ୍କୃତି ଓ ମୂଲ୍ୟବୋଧ' ଆଦି ପ୍ରବନ୍ଧରେ ସମାଜ, ସାହିତ୍ୟ,ସଂସ୍କୃତି, ସଭ୍ୟତା, ଦର୍ଶନକୁ ନେଇ ଲେଖକ ତୁଳନାତ୍ମକ ଆଲୋଚନା କରିଛନ୍ତି। ସେହିପରି ସମାଜ ଓ ଦର୍ଶନକୁ ନେଇ ରଚିତ 'ସନ୍ନ୍ୟାସୀ ଓ ସଂସାର', 'ଧର୍ମ ଓ ରାଜନୀତି', 'ଧର୍ମଛଡ଼ା ହେବାର ଲକ୍ଷଣ', 'ସାମୂହିକ ବିକାଶ', 'ଆଧ୍ୟାତ୍ମିକ ମୂଲ୍ୟବୋଧର ହ୍ରାସରେ ସାମାଜିକ ଅବକ୍ଷୟ' ଆଦି ପ୍ରବନ୍ଧ ସ୍ଥାନିତ ହୋଇଛି। ଏହି ସବୁ ପ୍ରବନ୍ଧରେ ତଥ୍ୟଭିତ୍ତିକ ଓ ଯୁକ୍ତି ସଂଗତ ଆଲୋଚନା କରାଯାଇଛି। ଦର୍ଶନର ଅନେକ କ୍ଲିଷ୍ଟ ତତ୍ତ୍ୱକୁ ସରଳ ଓ ବୋଧଗମ୍ୟ ଭାଷାରେ ଲେଖକ ବର୍ଣ୍ଣନା କରିଛନ୍ତି। ସେହିପରି ସାହିତ୍ୟ ସଂପର୍କିତ କେତୋଟି ଉଚ୍ଚକୋଟୀର ପ୍ରବନ୍ଧ ଓ ଆଲୋଚନା ସଂକଳିତ ହୋଇଛି ଏହି ପୁସ୍ତକରେ । 'ସାମାଜିକ ଜୀବନରେ ଲକ୍ଷ୍ମୀପୁରାଣର ଗୁରୁତ୍ୱ', 'ଶଶିସେଣା କାବ୍ୟରେ ଧର୍ମ ଓ ଦର୍ଶନ', 'ଗୀତି କବିତା, ଜୀବନ ଦର୍ଶନ ଓ ଭକ୍ତକବି ମଧୁସୂଦନ', 'କୃଷ୍ଣପ୍ରସାଦଙ୍କ ସାହିତ୍ୟିକ ସୃଷ୍ଟି ଓ ଦାର୍ଶନିକ ଦୃଷ୍ଟି' , 'ବସନ୍ତ-ଗଳ୍ପ-ପରିକ୍ରମା' ଆଦି ପ୍ରବନ୍ଧରେ ଓଡ଼ିଆ ସାହିତ୍ୟର କେତେଜଣ କବି, ଗାଳ୍ପିକଙ୍କ କୃତି ସଂପର୍କରେ ସୂକ୍ଷ୍ମ ଆଲୋଚନା କରାଯାଇଛି। 'ସମାଜ, ସାହିତ୍ୟ ଓ ଦର୍ଶନ' ପୁସ୍ତକଟି ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟକୁ ସମୃଦ୍ଧଶାଳୀ କରିବ ବୋଲି ଆଶା କରାଯାଏ।■




ଭାରତ ଭାରତୀ
ଗଜପତି ନଗର, ସୂତାହାଟ, କଟକ
ପ୍ରଥମ ସଂସ୍କରଣ : ୨୦୨୧
ମୂଲ୍ୟ: ୫୦୦ ଟଙ୍କା

### ସେଇ ସବୁ ଦିନ

ଅକ୍ଷୟ ବେହେରା

ନିକଟ ଅତୀତରେ ପ୍ରକାଶ ପାଇଛି କବି ଅକ୍ଷୟ ବେହେରାଙ୍କ କାବ୍ୟ 'ସେଇ ସବୁ ଦିନ'। ଏହି କାବ୍ୟର ପ୍ରଥମ ପର୍ବ 'ପୀଡ଼ା ଉଦୟ', ଦ୍ୱିତୀୟ ପର୍ବ 'ଆତ୍ମଘାତୀ ପ୍ରବଣତା', ତୃତୀୟପର୍ବ 'କୁହୁଡ଼ି ବଳୟ', ଚତୁର୍ଥ ପର୍ବ 'ବିନାଶୀ ଝଡ଼', ପଞ୍ଚମ ପର୍ବ 'ଝଡ଼ର ଇଗଲ', ଷଷ୍ଠ ପର୍ବ 'ଛାଇ ଆଲୁଅରୁ ମେଲାଣି'ରେ ଜୀବନ ଓ ଦର୍ଶନର ଗୂଢ଼ ରହସ୍ୟ ବର୍ଣ୍ଣିତ ହୋଇଛି। "ନେବା ପାଇଁ ଜନ୍ମି ନାହିଁ/ ଖାଲି ଦେବା ପାଇଁ ଏ ମୋର ଜୀବନ/ଯେତେ ଦେଲେ ବି ଅସରନ୍ତି ଏ ମୋର ମନଧନ/ ଲୁଟିବା ତ ଦୂର କଥା ସେପରି ଭାବନା କବେ ଆସେନି ମନକୁ/ ପରିଷ୍କାର ଜହ୍ନ ରାତି ପରି ଏଣୁ ମନ ମୋର/ଖେଳେଇ ପଡ଼ିଥାଏ ମାଟିକୁ ଆବୋରି..." ପ୍ରକୃତରେ ଦେବାରେ ହିଁ ଜୀବନର ସାର୍ଥକତା ନିହିତ। ହୃଦୟବାନ ମଣିଷର ମନ ସର୍ବଦା ଜହ୍ନ ରାତି ପରି ନିର୍ମଳ। ଏହି କାବ୍ୟର ପ୍ରଥମ ପର୍ବ 'ପୀଡ଼ା ଉଦୟ'ରେ ଜୀବନର ନିରାଟ ସତ୍ୟ ପ୍ରତିଫଳିତ ହୋଇଛି ଅତି ଚମତ୍କାର ଭାବରେ। ଜୀବନରେ ଦୁଃଖ, ଯନ୍ତ୍ରଣାକୁ ଭୋଗ କରୁଥିବା ଅନୁଭବୀ ହିଁ ମଣିଷର ଅନ୍ତର୍ବେଦନାକୁ ଲିପିବଦ୍ଧ କରିପାରେ ନିଷ୍କପଟ ଭାବରେ। କାବ୍ୟ ପୁରୁଷ ପାପ, ପୁଣ୍ୟ ଉର୍ଦ୍ଧ୍ୱରେ ଜୀବନର ମହନୀୟ ସତ୍ତାକୁ ଅନୁଭବ କରିଛନ୍ତି ହୃଦୟରେ ନିବିଡ଼ ଭାବରେ। ଏହି କାବ୍ୟର ବିଭିନ୍ନ ପର୍ବରେ ଜୀବନର ଦୁଃଖ, ଯନ୍ତ୍ରଣା, ହସ, ଲୁହ ପ୍ରତିଫଳିତ ହୋଇଛି। ମଣିଷ ସର୍ବଦା ଝୁରିହୁଏ ତିକ୍ତମଧୁର ସ୍ମୃତିକୁ। ବହୁ ସଜଳ ସ୍ମୃତି ଉକୁଟି ଉଠିଛି ଏହି କାବ୍ୟରେ। 'ସେଇ ସବୁଦିନ' କାବ୍ୟ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।■




ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୩
ମୂଲ୍ୟ: ୪୦୦ ଟଙ୍କା



# ରତ୍ନସିଂହାସନରେ ମହାପ୍ରଭୁଙ୍କ ପଦ୍ମବେଶ



**ପୁରୀ,୧୦।୨(ସମିସ):** ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କର ଏହି ବେଶ କରାଯାଇଛି। ଏହି ବେଶରେ ଦାରୁବିଗ୍ରହ ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡ଼ି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ସୋଲ, ଜରି, କଦଳୀପଟ, କନା, କଇଅଁଠା, ରଙ୍ଗ ସାହାଯ୍ୟରେ ଏହାକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବାହମାନ କାଳରୁ ବଡ଼ଛତା ମଠ ଏହି ବେଶ ପ୍ରସ୍ତୁତ କରି ଯୋଗାଇ ଆସୁଛି। ଶନିବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ଼ ହୋଇଥିଲେ। ବଡ଼ସିଂହାର ବେଶରେ ଭକ୍ତ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିଥିଲେ। ଏହି ବେଶ ଥାଇ ରବିବାର ମଙ୍ଗଳ ଆଳତି ହେବ। ମଙ୍ଗଳ ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ସୂଚନାଥାଉ କି, ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ, ମହାପ୍ରଭୁଙ୍କର ପଦ୍ମବେଶ ହୋଇଥାଏ।

## ଭକ୍ତ ପାଇଁ ଭଗବାନ, ମଉଳା ଫୁଲ ଝଟକିଲା

ମହାପ୍ରଭୁଙ୍କ ଏହି ପଦ୍ମବେଶକୁ ନେଇ ଏକ କିମ୍ବଦନ୍ତୀ ରହିଛି। ମନୋହର ନାମକ ଜଣେ ସାଧୁ ବହୁ ଦୂରରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଶ୍ରୀକ୍ଷେତ୍ର ଆସୁଥିଲେ। ତାଙ୍କୁ ପ୍ରବଳ ଶୋଷ ଲାଗିବାରୁ ସେ ଗୋଟିଏ ଜଳାଶୟ ନିକଟକୁ ଯାଇ ଦେଖିଲେ ସେଥିରେ ଅନେକ ପଦ୍ମଫୁଲ ଫୁଟିଛି। ଶୀତ ଦିନେ ଏତେମାତ୍ରାରେ ପଦ୍ମଫୁଲ ଫୁଟିଥିବା ଦେଖି ସାଧୁଜଣଙ୍କ ବିସ୍ମିତ ହୋଇଗଲେ। ମହାପ୍ରଭୁଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁଷ୍କରିଣୀରୁ ଫୁଲଗୁଡ଼ିକ ତୋଳି ଗାମୁଛାରେ ବାନ୍ଧି ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ। ଶ୍ରୀମନ୍ଦିରକୁ ଯାଇ ଗରୁଡ଼ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଗାମୁଛାରେ ବନ୍ଧା ହୋଇଥିବା ଫୁଲଗୁଡ଼ିକୁ ମହାପ୍ରଭୁଙ୍କୁ ଲାଗି କରିବାକୁ ଜଣେ ପଣ୍ଡାଙ୍କୁ ପ୍ରଦାନ କଲେ। ମଇଳା ଗାମୁଛାରେ ବନ୍ଧା ଯାଇଥିବା ମଉଳା ଫୁଲଗୁଡ଼ିକୁ ଦେଖି ପଣ୍ଡା କ୍ରୋଧାନ୍ୱିତ ହୋଇ ତଳେ ପକାଇଦେଇ ଗାଳି କରିଥିଲେ। ଏଥିରେ ସାଧୁଜଣଙ୍କ ମର୍ମାହତ ହୋଇ ଫୁଲଗୁଡ଼ିକୁ ତଳୁ ଗୋଟାଇ ଗାମୁଛାରେ ବାନ୍ଧି ଶ୍ରୀମନ୍ଦିରରୁ ପଳାଇ ଆସି ସିଂହଦ୍ୱାରଠାରେ ବଡ଼ଛତା ମଠ ସମ୍ମୁଖରେ ମୂର୍ଚ୍ଛିତ ହୋଇପଡ଼ିଲେ। ଭାବର ଠାକୁର ଭକ୍ତର ମନବ୍ୟଥା ଜାଣି ପାରି ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନରେ କହିଲେ, ହେ ରାଜା! ମୋର ଜଣେ ପରମଭକ୍ତ ସେବକଙ୍କ ଦ୍ୱାରା ଲାଞ୍ଛିତ ହୋଇ ଦୁଃଖ ଓ ଅପମାନରେ ସିଂହଦ୍ୱାର ନିକଟରେ ମୂର୍ଚ୍ଛିତ ହୋଇପଡ଼ିଛନ୍ତି। ସେ ଆଣିଥିବା କେବଳ ପଦ୍ମଫୁଲରେ ହିଁ ଆଜି ରାତ୍ରରେ ମୋର ବଡ଼ସିଂହାର ବେଶ ହେବ। ଏଥିସହିତ ପଦ୍ମ ଚାଉଳରେ ଖିରି କରି ସେହି ସାଧୁଙ୍କୁ ସେବନ କରାଇବ। ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍କ୍ଷଣାତ ସିଂହଦ୍ୱାରରେ ପହଞ୍ଚି ସାଧୁଙ୍କୁ ସମ୍ମାନର ସହିତ ଶ୍ରୀମନ୍ଦିରକୁ ନେଇଥିଲେ। ତାଙ୍କରି ପଦ୍ମ ଫୁଲରେ ବଡ଼ସିଂହାର ବେଶ କରିବା ପାଇଁ ସେବକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜାଙ୍କ ନିର୍ଦ୍ଦେଶରେ ସେଦିନ ସେହି ମଉଳା ଫୁଲ ସଦ୍ୟ ସଜଫୁଟା ଫୁଲ ପରି ଝଟକି ଉଠିଲା। ମନୋହର ଦାସ ମହାପ୍ରଭୁଙ୍କ ଖିରି ପ୍ରସାଦ ପାଇଁ ତୃପ୍ତ ହେଲେ। ସେହି ସ୍ମୃତିରେ ମହାପ୍ରଭୁଙ୍କ ଏହି ପଦ୍ମବେଶ ଅନୁଷ୍ଠିତ ହେଉଛି। ସପ୍ତଦଶ ଶତାବ୍ଦୀଠାରୁ ସନ୍ଥ ରଘୁବର ଦାସଙ୍କ ସମୟରୁ ବଡ଼ଛତା ମଠ ମହାପ୍ରଭୁଙ୍କ ଏହି ବେଶ କରିଆସୁଛି।

# କଙ୍କଡ଼ାହାଡ଼ ସରପଞ୍ଚ ଅସିଦ୍ଧ ଘୋଷିତ

**କାମାକ୍ଷାନଗର, ୧୦।୨(ସମିସ):** ନିର୍ବାଚନ ସମୟରେ ବ୍ୟାଙ୍କ ଋଣ ନେଇ ମିଥ୍ୟା ସତ୍ୟପାଠ ଦାଖଲ କରିବା ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ସରପଞ୍ଚଙ୍କୁ ମହଙ୍ଗା ପଡ଼ିଛି। ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ କଙ୍କଡ଼ାହାଡ଼ ସରପଞ୍ଚଙ୍କୁ କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଅଦାଲତ ଅସିଦ୍ଧ ଘୋଷଣା କରିଥିବା

**ବ୍ୟାଙ୍କ ଋଣ ଲାଗି ମିଥ୍ୟ ସତ୍ୟପାଠ ଦାଖଲ ମହଙ୍ଗା ପଡ଼ିଲା**



ଜଣାପଡ଼ିଛି। ଓଡ଼ିଶା ପଞ୍ଚାୟତ ଅଧିନିୟମ ୧୯୬୪ ଅନୁଯାୟୀ ୨୦୨୨ ମସିହାରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହେଇଥିବା ସରପଞ୍ଚ ଅନସୂୟା ସାହୁ ବ୍ୟାଙ୍କ ଅଫ ଇଣ୍ଡିଆ, କାମାକ୍ଷାନଗରରୁ ୪୦,୫୫୪ ଟଙ୍କା ଋଣ ନେଇଥିବା ବେଳେ ତାଙ୍କ ସ୍ୱାମୀ ବିମଳ ଚନ୍ଦ୍ର ସାହୁ ସେବା ସମବାୟ ସମିତି ଅନୁଗୋଳରୁ ଋଣ ନେଇଥିଲେ। କିନ୍ତୁ ନିର୍ବାଚନ ସମୟରେ ପ୍ରଦାନ କରିଥିବା ସତ୍ୟପାଠରେ ଋଣ ନେଇ ନଥିବା ନାମାଙ୍କନପତ୍ର ଦାଖଲ ବେଳେ ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ। ଏ ସଂପର୍କରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଳକା ପଣ୍ଡା ଅଦାଲତର ଆଶ୍ରୟ ନେଇଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ଅନସୂୟା ସାହୁ ୮୭ଖଣ୍ଡ ଭୋଟ୍ ବ୍ୟବଧାନରେ ଅଳକା ପଣ୍ଡାଙ୍କୁ ପରାଜିତ କରିଥିଲେ। ଅନସୂୟା ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ସିଭିଲ ଜଜ୍ ଜୁନିୟର ଡିଭିଜନ୍ କାମାକ୍ଷାନଗର ଅଦାଲତରେ ଅଳକା ପଣ୍ଡା ନିର୍ବାଚନ ମିସ କେସ୍ ନମ୍ବର-୭/୨୨ ରେ ମକଦ୍ଦମା ଦାୟର କରିଥିଲେ। ପରେ ଅଦାଲତ ଅନସୂୟା ସାହୁଙ୍କ ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା କରିଥିଲେ। ଉକ୍ତ ରାୟ ବିରୋଧରେ ଅନସୂୟା ସାହୁ ଅତିରିକ୍ତ ଜିଲ୍ଲା ଜଜ୍ କାମାକ୍ଷାନଗର ଅଦାଲତରେ ଇଲେକ୍ସନ ଅପିଲ ନମ୍ବର-୧୬/୨୩ ଦାୟର କରିଥିଲେ। ଅଦାଲତ ଉକ୍ତ ଅପିଲକୁ ଶୁଣାଣି କରି କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜ୍ ମଧୁସ୍ମିତା ସାହୁ ଗତ ତା/୭/୨/୨୦୨୪ ରେ ରାୟ ପ୍ରକାଶ କରି ନିମ୍ନ ଅଦାଲତ ଦେଇଥିବା ରାୟକୁ ବଳବତ୍ତର ରଖିଛନ୍ତି। ଅନସୂୟାଙ୍କ ସରପଞ୍ଚ ପଦକୁ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି। ଅଳକା ପଣ୍ଡାଙ୍କ ତରଫରୁ ଆଇନଜୀବୀ ଗୌରୀଶଙ୍କର ପାଲ ମକଦ୍ଦମା ପରିଚାଳନା କରୁଥିଲେ।

● ମହଙ୍ଗା ପଡ଼ିଲା ୪ର୍ଥ ଶ୍ରେଣୀ କର୍ମଚାରୀଠାରୁ ଲାଞ୍ଚ ନେବା

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ



**କେନ୍ଦ୍ରାପଡ଼ା, ୧୦।୨ (ସମିସ):** ନିଜ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଲାଞ୍ଚ ନେବା ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଗୃହଋଣ ଫାଇଲ୍‌ରେ ଦସ୍ତଖତ ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦ୍ରାପଡ଼ା ଟାଉନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ଅତି ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସୂଚନାନୁଯାୟୀ, ୪ଲକ୍ଷ ୫୭ ହଜାର ଟଙ୍କାର ହାଉସ୍ ବିଲଡିଂ ଲୋନ୍ କରାଇଦେବାକୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ସନ୍ତୋଷ କୁଣ୍ଡୁଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ପ୍ରଧାନ ଶିକ୍ଷକ ଶ୍ରୀ ଅତି। ଏ ସଂପର୍କରେ ସନ୍ତୋଷ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ପ୍ରଧାନ ଶିକ୍ଷକଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନାନୁଯାୟୀ, ଆଜି ସ୍କୁଲରେ ଶ୍ରୀ ଅତିଙ୍କୁ ସନ୍ତୋଷ ୫ ହଜାର ଟଙ୍କା ଦେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଭିଜିଲାନ୍ସ ଅଧିକାରୀମାନେ ନିରଞ୍ଜନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ପରେ ପ୍ରଧାନ ଶିକ୍ଷକ ଶ୍ରୀ ଅତିଙ୍କ ଘର ସମେତ ବିଭିନ୍ନ ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିବା ଜଣାଯାଇଛି।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



**ମୁନିଗୁଡ଼ା,୧୦।୨(ସମିସ):** ବେଦାନ୍ତରୁ ଆସୁଥିବା ଏକ ମାଲବାହୀ ଟ୍ରେନ୍ ଅମ୍ବାଦଳା ଷ୍ଟେସନ ନିକଟରେ ଲାଇନଚ୍ୟୁତ ହୋଇଛି। ଶୁକ୍ରବାର ରାତିରେ ଏହି ଅଘଟଣ ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଟ୍ରେନ୍‌ଟି ଦହିଖାଲରୁ ଅମ୍ବାଦଳା ଷ୍ଟେସନ୍ ଆସୁଥିବା ବେଳେ ଲେଭେଲ କ୍ରସିଂ ନିକଟରେ ଟ୍ରାକ୍ ସହ ସଂଯୋଗ ଥିବା ଫିସପ୍ଲେଟ୍ ଭାଙ୍ଗିଯିବାରୁ ଟ୍ରେନ୍‌ର ୬ଟି ବଗି ଟ୍ରାକ୍ ତଳକୁ ଚାଲିଯାଇଥିଲା। ରେଳ କୁଲି ଜ୍ୟୋସ୍ନାମୟୀ ଓ ତାଙ୍କ ସ୍ୱାମୀ ବିଜୟ ଏ ସଂପର୍କରେ ରେଲୱେ ଅଧିକାରୀଙ୍କୁ ଜଣାଇବା ପରେ କ୍ରେନ୍ ସହାୟତାରେ ବଗିଗୁଡ଼ିକୁ ଉଠାଯାଇଥିଲା। ବେଦାନ୍ତ ଓ ଅମ୍ବାଦଳା ଲାଇନ୍‌ରେ ଏହି ଅଘଟଣ ଘଟିଥିବାରୁ ରାୟଗଡ଼ା-ଟିଟିଲାଗଡ଼ ରୁଟ୍‌ରେ ଟ୍ରେନ୍ ଚଳାଚଳ ଉପରେ ଏହାର ପ୍ରଭାବ ପଡ଼ିନାହିଁ।

# ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଲାଗି ଜଳିଗଲେ ଯୁବକ

**କରଞ୍ଜିଆ, ୧୦।୨ (ସମିସ):** ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ବଡ଼ବିଲ ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ୧୧କେଭି ଖୁଣ୍ଟରେ ଚଢ଼ିଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ, ନରହରି ମହାନ୍ତ (୨୭)। ଏହି ଅଘଟଣ ଏତେ ଭୟଙ୍କର ଥିଲା ଯେ ଖୁଣ୍ଟ ଉପରେ ନରହରି ଜୀବନ୍ତ ଜଳି ଯାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ନରହରି କାହିଁକି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ, ତାହା ସ୍ପଷ୍ଟ ହୋଇନାହିଁ।

# ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ; ୬ ଗୁରୁତର



**ତୁରେକେଲା, ୧୦।୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା କାନୁଟ୍ ଗାଁ ଉପରପଡ଼ାରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଉପରପଡ଼ାର ମହେଶ୍ୱର ଅଦାବରିଆଙ୍କ ଘରେ ଏକ ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ ହେବାରୁ ପରିବାରରର ୬ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ମହେଶ୍ୱର ଅଦାବରିଆ, ବୈରବୀ ଅଦାବରିଆ, ଭାନୁମତୀ ଅଦାବରିଆ, ଦିପ୍ତି ଅଦାବରିଆ, ଭାଗ୍ୟବତୀ ଅଦାବରିଆ ଓ ବୈଦେଇ ମହାକୁଡ଼ (ମାଳତୀ)। ଶନିବାର ସନ୍ଧ୍ୟାରେ ଘରେ ସମସ୍ତେ ଟିଭି ଦେଖୁଥିବା ବେଳେ ଏହି ଅଘଟଣ ଘଟିଥିଲା। ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡରଟି ହଠାତ୍ ଫାଟି ଯାଇଥିଲା। ଶବ୍ଦ ଶୁଣି ପାଖ ପଡ଼ୋଶୀମାନେ ଆସି ସମସ୍ତଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# MATRIC MATE

BSE ODISHA MATRIC EXAM-2024



SUBJECT : SSC
PROBABLE QUESTION PAPER

## OBJECTIVE

୧. ଓଡିଶାରେ ଅନୁସୂଚିତ ଜାତିମାନଙ୍କ ମଧ୍ୟରେ ସାକ୍ଷରତା ହାର କେତେ ଥିଲା ?
(A) ୧.୫ (B) ୩.୩ (C) ୨.୫ (D) ୧.୪

୨. କେବେଠାରୁ ମିଶନ ଶକ୍ତି ନାମ ଏକ ମହିଳା ସଶକ୍ତିମରଣ ଯୋଜନା ଆରମ୍ଭ କରାଯାଇଛି ?
(A) 2000 June 6 (B) 2001 March 8
(C) 2002 July 4 (D) 2003 August 8

୩. ଓଲଟପୁର ଠାରେ କେଉଁ ଅନୁଷ୍ଠାନଟି ରହିଛି ?
(A) ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ (B) ଶିକ୍ଷା ପ୍ରଶିକ୍ଷଣ ତାଲିମ୍ ମହାବିଦ୍ୟାଳୟ
(C) ଜାତୀୟ ପୁନଃ ଥାଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (D)ସେବିକା ପ୍ରଶିକ୍ଷଣ ମହାବିଦ୍ୟାଳୟ

୪. କେନ୍ଦ୍ରୀୟ ମଧୁରଜକ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?
(A) ସାକ୍ଷୀଗୋପାଳ (B) କଟକି (C) କୌଶଲ୍ୟାଗଙ୍ଗ (D) ଧାମରା

୫. କେଉଁ ସ୍ଥାନରେ ମିଗ୍ ବିମାନ କାରଖାନା ସ୍ଥାପିତ ହୋଇଛି ?
(A) ରାୟଗଡା (B) ରାଉରକେଲା (C) ସୁନାବେଡା (D) କୋରାପୁଟ

୬. ଓଡିଶାର ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍‌କୁ ମିଶାଇ ମୁଳୁଥିବା ବିଦ୍ୟୁତ୍‌ର ପରିମାଣ କେତେ ଥିଲା ?
(A) ୮୮୦ ମେଗାୱାଟ (B) ୧୧୨୪ ମେଗାୱାଟ (C) ୧୯୭୬ ମେଗାୱାଟ (D) ୨୮୫୬ ମେଗାୱାଟ

୭. ଦଶଦଫାବିଶିଷ୍ଟ ଦିଲ୍ଲୀ ଘୋଷଣାନାମାବେଳେ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?
(A) ଅଟଳବିହାରୀ ବାଜପେୟୀ (B) ଡକ୍ଟର ମନୋମୋହନ ସିଂହ (C) ଇନ୍ଦିରା ଗାନ୍ଧି (D) ରାଜୀବ ଗାନ୍ଧି

୮. ୧୯୭୨ ମସିହାରେ ସିମଳା ରାଜିନାମାରେ ସ୍ୱାକ୍ଷରିତ ଯୁଦ୍ଧ ବିରତି ରେଖା ବର୍ତ୍ତମାନ କେଉଁ ନାମରେ ପରିଚିତ ?
(A) ବାଣିଜ୍ୟକ ରେଖା (B) ଆନ୍ତର୍ଜାତିକ ରେଖା (C) ସହମତି ରେଖା (D) ନିୟନ୍ତ୍ରଣ ରେଖା

୯. କେବେ କ୍ୟୁମିନ୍‌ଟାଙ୍ଗ୍ ସରକାର କ୍ଷମତାଚ୍ୟୁତ ହୋଇଥିଲା ?
(A) ୧୯୪୯ (B) ୧୯୫୧ (C) ୧୯୫୪ (D) ୧୯୫୫

୧୦. କେବେ ଶ୍ରୀଲଙ୍କାରେ ବାମପନ୍ଥୀ ଆନ୍ଦୋଳନ ଅସ୍ଥିରତା ସୃଷ୍ଟି କଲା ?
(A) ୧୯୭୧ (B) ୧୯୭୨ (C) ୧୯୭୩ (D) ୧୯୭୪

୧୧. ଭାରତ ଓ ପାକିସ୍ତାନ ମଧ୍ୟରେ ବସ୍ ଚଳାଚଳ ବ୍ୟବସ୍ଥା ଆରମ୍ଭ ବାଜପାୟୀ ସରକାରଙ୍କ ସମୟରେ କେଉଁବର୍ଷ ହୋଇଥିଲା ?
(A) ୧୯୯୬ (B) ୧୯୯୮ (C) ୧୯୯୯ (D) ୨୦୦୧

୧୨. ଭାରତ ଓ ସୋଭିଏତ୍ ରୁଷର ହୋଇଥିବା ମୈତ୍ରୀ ଚୁକ୍ତିକୁ କେଉଁ ରାଷ୍ଟ୍ର ଘୋର ସମାଲୋଚନା କରିଥିଲା ?
(A) ଚୀନ୍ (B) ଇଂଲଣ୍ଡ (C) ଯୁକ୍ତରାଷ୍ଟ୍ର ଆମେରିକା (D) ପାକିସ୍ତାନ

୧୩. କାକୁଡି କେଉଁ ଫସଲ ଋତୁର ଅନ୍ତର୍ଭୁକ୍ତ ?
(A) ଖରିଫ (B) ଯେଦ (C) ରବି (D) କୌଣସିଟି ନୁହେଁ

୧୪. କୁକୁଡା ପାଳନ ଓ ଅଣ୍ଡା ଉତ୍ପାଦନ କେଉଁ ବିପ୍ଳବ ସହ ସଂପୃକ୍ତ ?
(A) ଶ୍ୱେତ ବିପ୍ଳବ (B) ଧୂସର ବିପ୍ଳବ (C) ରୋପ୍ୟ ବିପ୍ଳବ (D) ବାଦାମୀ ବିପ୍ଳବ

୧୫. ଭାରତୀୟ ରେଳପଥର ମୋଟ ଦୈର୍ଘ୍ୟ ପ୍ରାୟ କେତେ କି.ମି ?
(A) ୯୮୦୦ କି.ମି (B) ୨୨୪, ୭୯୨ କି.ମି (C) ୬୭୩୬୮ କି.ମି (D) ୨୨୨୨୪ କି.ମି

୧୬. ସର୍ବପୁରାତନ ଜାତୀୟ ରାଜପଥର ନାମ କଣ ?
(A) NH - 44 (B) NH - 16 (C) ଗ୍ରାଣ୍ଡଟ୍ରଙ୍କ ରୋଡ୍ (D) NH - 42

୧୭. କେଉଁ ବନ୍ୟା ଅଧିକ ଧନଜୀବନ ନଷ୍ଟ ହୁଏ ?
(A) ଉପକୂଳ ବନ୍ୟା (B) ନଦୀବନ୍ୟା (C) ସହରୀ ବନ୍ୟା (D) ଆକସ୍ମିକ ବନ୍ୟା

୧୮. ଓଡିଶାର ଉପକୂଳ ରେଖାର ଦୈର୍ଘ୍ୟ କେତେ କିମି ?
(A) ୩୮୨ କି.ମି (B) ୪୦୦ କି.ମି (C) ୩୬୮ କି.ମି (D) ୪୮୨ କି.ମି

୧୯. ପ୍ରବଳ ବନ୍ୟାର କେଉଁ ରଙ୍ଗର ବୁଲେଟିନ୍ ଜାରି କରାଯାଇଥାଏ ?
(A) ଲାଲ (B) ହଳଦିଆ (C) କମଳା (D) ସବୁଜ

୨୦. ଉଦ୍ୟୋଗୀ ଶବ୍ଦକୁ କିଏ ପ୍ରଥମେ ଅର୍ଥନୀତିରେ ସ୍ଥାନିତ କରିଥିଲେ ?
(A) କୌଟଲ୍ୟ (B) ଆଡମ ସ୍ମିଥ (C) କଣ୍ଟିଲନ (D) ରଘୁରାମଜି ରାଜନ

୨୧. ଉତ୍ପାଦନର କେତୋଟି ନିୟାମକ ରହିଛି ?
(A) ୨୦୬ (B) ୫୪ (C) ୧୦ (D) ୪

୨୨. କେଉଁଟି ଭାରତର ରପ୍ତାନୀ ଦ୍ରବ୍ୟ ମାନଙ୍କ ମଧ୍ୟରୁ ଗୋଟିଏ ?
(A) ସୁନା (B) ରସାୟନ ପଦାର୍ଥ (C) ରୂପା (D) ଇଞ୍ଜିନିୟରିଂ ଦ୍ରବ୍ୟ




୨୩. (i) ଚିହ୍ନିତ ସ୍ଥାନ କେଉଁ ବିମାନ ବନ୍ଦରକୁ ସୂଚାଉଛି ?
(A) ଦିସ୍‌ପୁର (B) ଗୌହାଟୀ (C) ଦାର୍ଜିଂଲି (D) କୋଲକତା

୨୪. (ii) ଚିହ୍ନିତ ସ୍ଥାନ କେତେ ନମ୍ବର ଜାତୀୟ ରାଜପଥକୁ ସୂଚାଉଛି ?
(A) NH - 16 (B) NH - 42 (C) NH - 44 (D) କେଉଁଟି ନୁହେଁ

୨୫. (iii) ଚିହ୍ନିତ ସ୍ଥାନ କେଉଁ ରେଳପଥକୁ ସୂଚାଉଛି ?
(A) ମୁମ୍ବାଇ (B) ହବୁଲି (C) ବାଙ୍ଗାଲୋର (D) ବିଶାଖାପାଟଣା

୨୬. 'କୋୟା' କାହାକୁ ବୁଝାଏ ?
(A) ପୋଡୁଚାଷ (B) ଏକ ସାମଜିକ ପ୍ରଥା (C) ଏକ ଭୟଙ୍କର ରୋଗ (D) ଏକ ଜନଜାତି

୨୭. ଅଙ୍ଗନବାଡି କଣ ?
(A) ସ୍ୱୟଂ ସହାୟକ ଦଳ (B) ମହିଳା ସଶକ୍ତିକରଣ
(C) ଶିଶୁମାନଙ୍କ ଶିକ୍ଷା କେନ୍ଦ୍ର (D) ଶିଶୁ ଶ୍ରମିକ

୨୮. ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?
(A) ପୁରୀ (B) ରାଉରକେଲା (C) ବୁର୍ଲା (D) ଭୁବନେଶ୍ୱର

୨୯. ଚିପିଲିମାଠାରେ କେଉଁ ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ?
(A) ଯାନ୍ତ୍ରିକ ମହାବିଦ୍ୟାଳୟ (B) କୃଷି ମହାବିଦ୍ୟାଳୟ
(C) ଚିକିତ୍ସା ମହାବିଦ୍ୟାଳୟ (D) ବିଜ୍ଞାନ ମହାବିଦ୍ୟାଳୟ

୩୦. କେଉଁଠାରେ ଫଳ ଚାଷ ପାଇଁ କେନ୍ଦ୍ର ପ୍ରତିଷ୍ଠା ହୋଇ ନଥିଲା ?
(A) ଅନୁଗୁଳ (B)ପଟ୍ଟାଙ୍ଗୀ (C) ସମ୍ବଲପୁର (D) ଜି.ଉଦୟଗିରି

୩୧. ନିମ୍ନଲିଖିତ ନିର୍ଦ୍ଦେଶାଳୟ ମଧ୍ୟରୁ କେଉଁଟି କୃଷି ବିଭାଗ ଅଧୀନସ୍ଥ ନୁହେଁ ?
(A) ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ (B) ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ
(C) ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ (D) ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ

୩୨. କେଉଁଠାରେ ବକ୍ସାଇଟ୍‌ର ସନ୍ଧାନ ମିଳିବା ପରେ ଓଡିଶାରେ ଦୁଇଟି ପ୍ରକଳ୍ପ ପ୍ରତିଷ୍ଠିତ ହେଲା ?
(A) ଅନୁଗୁଳ (B) ଦାମନଯୋଡି (C) ପଞ୍ଚପଟିମାଳି (D) ଡୁବୁରୀ

୩୩. ୧୯୭୧ ରେ କେଉଁଠାରେ ଏକ ସାର କାରଖାନା ପ୍ରତିଷ୍ଠିତ ହୋଇଥିଲା ?
(A) ଛତ୍ରପୁର (B) ତାଳଚେର (C) ପାରାଦୀପ (D) ଥେରୁଭାଲି

୩୪. ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ରେଖାର ନାମ କଣ ?
(A) ମ୍ୟାକ୍‌ମିଲାନ୍ ଲାଇନ୍ (B) ମ୍ୟାକ୍ ମୋହନ୍ ଲାଇନ୍
(C) ମ୍ୟାକ୍‌ଡୋନାଲଡ୍ ଲାଇନ୍ (D) ର୍‌ୟାଡ୍‌କ୍ଲିଫ ଲାଇନ୍

୩୫. ବଙ୍ଗଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କଣ ?
(A) ମହମ୍ମଦ ଅଲ୍ଲି ଜିନ୍ନା (B) ଶେଖ୍ ମୁଜିବୁର ରହମନ୍
(C) ଶେଖ୍ ହସିନା (D) ଲିଆକତ୍ ଅଲ୍ଲି

୩୬. କେଉଁ ମସିହାରେ ସୋଭିଏତ୍ ଋଷିଆର ବିଲୟ ଘଟିଲା ?
(A) 1989 (B) 1991 (C) 1993 (D) 1994

୩୭. ୧୯୬୬ ମସିହାରେ ତାସକେଣ୍ଟ ଶାନ୍ତି ଚୁକ୍ତି କେଉଁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷେରିତ ହୋଇଥିଲା ?
(A) ଭାରତ ଓ ପାକିସ୍ଥାନ (B)ଭାରତ ଓ ଶ୍ରୀଲଙ୍କା
(C) ଭାରତ ଓ ସୋଭିଏତ ଋଷିଆ (D) ଏ ମଧ୍ୟରୁ କୌଣସିଟି ନୁହେଁ

୩୮. ସୁଏଜ୍ ସଂକଟରେ ଭାରତ କେଉଁ ରାଷ୍ଟ୍ରକୁ ସମର୍ଥନ କରିଥିଲା ?
(A) ବ୍ରିଟେନ୍ (B) ଫ୍ରାନ୍ସ (C) ମିଶର (D) ଇଟାଲୀ

୩୯. ଦୁଗ୍ଧ ଉତ୍ପାଦନ କେଉଁ କୃଷି ସହ ସଂପୃକ୍ତ ?
(A) ଶ୍ୱେତ ବିପ୍ଳବ (B) ସବୁଜ ବିପ୍ଳବ (C) ପୀତ ବିପ୍ଳବ (D) ଲୋହିତ ବିପ୍ଳବ

୪୦. ପୋଡୁ ଚାଷକୁ ବ୍ରାଜିଲରେ କଣ କୁହାଯାଏ ?
(A) ମିଲପା (B) କୁମୁରୀ (C) ରୋକା (D) ପେଣ୍ଡା

## SUBJECTIVE

୧. ସ୍ୱାଧୀନତା ପରେ ଓଡିଶାରେ କାର୍ଯ୍ୟକାରୀ ହେଉଥିବା ପେନ୍‌ସନ ଯୋଜନା ଓ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର।
କିମ୍ବା ଓଡିଶାରେ ପ୍ରତିଷ୍ଠିତ କୃଷି ଭିତ୍ତିକ ଶିଳ୍ପ ଗୁଡିକର ଏକ ବିବରଣୀ ପ୍ରଦାନ କର।

୨. ଓଡିଶାର ଆଣବିକ ଶକ୍ତି ଆୟୋଗର ପ୍ରକଳ୍ପ ଗୁଡିକ କଣ ?
କିମ୍ବା ଅଧିକ ଖାଦ୍ୟ ଶଷ୍ୟ ଉତ୍ପାନଦକର ଯୋଜନାଟି କଣ ?

(ଖ) ୧୯୫୦ ମସିହା ବେଳକୁ ଶିକ୍ଷକ ମାନଙ୍କର ପ୍ରଶିକ୍ଷଣ ପାଇଁ ଓଡିଶାର କେଉଁ କେଉଁ ସ୍ଥାନମାନଙ୍କର ଶିକ୍ଷାନୁଷ୍ଠାନ ଥିଲା ?
କିମ୍ବା କେଉଁ ଆଇନ ବଳରେ ଏବଂ କେବେ ଅନୁସୂଚିତ ଜାତିର ଭକ୍ତମାନେ ସାକ୍ଷୀଗୋପାଳର ମନ୍ଦିରରେ ପ୍ରବେଶ କଲେ ?

(ଗ) ପାରାଦୀପ ବନ୍ଦରକୁ ଛାଡି ଓଡିଶାର ଅନ୍ୟ କେଉଁ ସ୍ଥାନଗୁଡିକରେ ବନ୍ଦର ନିର୍ମିତ ହେଉଛି ?
କିମ୍ବା ବର୍ତ୍ତମାନ ଭାରତରେ କେତୋଟି ରେଳବାଇ ଜୋନ ଅଛି। ଓଡିଶା କେଉଁ ରେଳବାଇ ଜୋନରେ ଅନ୍ତର୍ଭୁକ୍ତ ?

(ଘ) ଗୋଷ୍ଠୀ ନିରପେକ୍ଷତା କହିଲେ କଣ ବୁଝ ? କିମ୍ବା SEATO କଣ ?

୩. କୁଆପଥର ବୃଷ୍ଟି ସଂପର୍କରେ ସମ୍ୟକ ବିବରଣୀ ଦିଅ।
କିମ୍ବା ଭାରତର ଚାହାଚାଷ ସଂପର୍କରେ ସମ୍ୟକ ବିବରଣୀ ଦିଅ।

୪. ଔଦ୍ୟୋଗୀୟ ଦକ୍ଷତା କହିଲେ କଣ ବୁଝ ?
କିମ୍ବା ଔଦ୍ୟୋଗୀକି ଓ ସୃଜନଶୀଳତା ମଧ୍ୟରେ କି ସଂପର୍କ ରହିଛି ?

ଉତ୍ତର: ୧ (B), ୨ (B), ୩ (C), ୪ (C), ୫ (C), ୬ (D), ୭ (D), ୮ (D), ୯ (A), ୧୦ (A), ୧୧ (C), ୧୨ (C), ୧୩ (B), ୧୪ (A), ୧୫ (C), ୧୬ (C), ୧୭ (D), ୧୮ (D), ୧୯ (C), ୨୦ (C), ୨୧ (D), ୨୨ (D), ୨୩ (B), ୨୪ (C), ୨୫ (B), ୨୬ (D), ୨୭ (C), ୨୮ (B), ୨୯ (B), ୩୦ (C), ୩୧ (B), ୩୨ CB), ୩୩ (B), ୩୪ (B), ୩୫ (B), ୩୬ (B), ୩୭ (A), ୩୮ (C), ୩୯ (A), ୪୦ (C).

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
**SARASWATI VIDYA MANDIR**
Neelakantha Nagar, Berhampur, GM.

### ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଭାରତ

**ଜୋହାନ୍ସବର୍ଗ,୧୦ ।୨(ଏଜେନ୍ସି)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଟାଇଟଲ ପାଇଁ ଗତଥରର ଚାମ୍ପିଅନ ଭାରତ ଓ ଅଷ୍ଟ୍ରେଲିଆ ରବିବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜୋହାନ୍ସବର୍ଗର ପୂର୍ବରେ ଥିବା ବେନୋଇର ୱିଲୋମୁର ପାର୍କରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍ ଜିତି ଭାରତ ରେକର୍ଡ ଷଷ୍ଠ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି । ଗତ ଅକ୍ଟୋବର-ନଭେମ୍ବରେ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତକୁ ପରାସ୍ତ କରି ଅଷ୍ଟ୍ରେଲିଆ ଚାମ୍ପିଅନ ହେବା ସହ କୋଟି କୋଟି ଭାରତୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଥିଲା । ଏବେ ଭାରତର କନିଷ୍ଠ ଖେଳାଳି ସିନିୟର ଖେଳାଳିଙ୍କର ଏହି ହୃଦୟବିଦାରକ ପରାଜୟର ପ୍ରତିଶୋଧ

## ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ଆଜି

ନେବ ବୋଲି ଆଶା କରାଯାଉଛି । ଭାରତ ସେମିଫାଇନାଲରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ଦୁଇ ୱିକେଟରେ ଓ ଅଷ୍ଟ୍ରେଲିଆ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ଏକ ୱିକେଟରେ ପାକିସ୍ତାନକୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ ।

ଟୁର୍ଣ୍ଣାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି । ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ କୌଶଳ, ପ୍ରତିଶୃତିବଦ୍ଧତା, ଦୃଢ ସଂକଳ୍ପର ଲଢେଇ ଦେଖିବାକୁ ମିଳିବ । ଅତୀତର ସଫଳତା ଓ ଭବିଷ୍ୟତର ଅନିଶ୍ଚିତାକୁ ନେଇ ବ୍ୟସ୍ତ ନ ହୋଇ ବର୍ତ୍ତମାନ ଅର୍ଥାତ୍ ଫାଇନାଲ ମ୍ୟାଚ୍ ଉପରେ ମନୋନିବେଶ କରିବାକୁ ଭାରତୀୟ ଅଧିନାୟକ ଉଦୟ




ସରଣ ନିଜ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି । ଉଭୟ ଦଳରେ ଦକ୍ଷ ଓ ପ୍ରତିଭାସମ୍ପର୍ଣ୍ଣ ଖେଳାଳି ରହିଛନ୍ତି । ଏହି ବିଶ୍ୱକପ୍‌ରୁ ପ୍ରତିଭା ଚିହ୍ନଟ ହୋଇଥାନ୍ତି ଓ ସେମାନଙ୍କର ବିକାଶ କରାଯାଇ ସିନିୟର ଦଳରେ ଉପଯୋଗ କରିବା ହିଁ ମୂଳ ଲକ୍ଷ୍ୟ ରହିଆସିଛି । ବିରାଟ କୋହଲି, ରୋହିତ ଶର୍ମା, ରବିନ୍ଦ୍ର ଜାଡେଜା, ଯୁବରାଜ ସିଂ, ମହମ୍ମଦ କୈଫ୍‌ଙ୍କ ଭଳି କ୍ରିକେଟର ଏହି ବିଶ୍ୱକପ୍‌ରୁ ଆବିଷ୍କାର ହୋଇଛନ୍ତି । ଚଳିତ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ମୁସିର ଖାନ୍, ଉଦୟ ସରଣ, ସଚିନ ଧାସ, ସୌମ୍ୟ ପାଣ୍ଡେ, ରାଜ ଲିମ୍ବାନୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଏମାନେ ଭବିଷ୍ୟତରେ ଭାରତୀୟ କ୍ରିକେଟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି । ଅଷ୍ଟ୍ରେଲିଆ ବିପକ୍ଷରେ ଏମାନଙ୍କ ପ୍ରଦର୍ଶନ ଉପରେ ଭାରତର ଟାଇଟଲ ଆଶା ନିର୍ଭର କରୁଛି ।

ଗ୍ରୁପ୍ ଏ'ରେ ଭାରତ ତା'ର ସମସ୍ତ ତିନୋଟି ଯାକ ମ୍ୟାଚ୍ ଜିତିବା ପରେ ସୁପର-୬ ଗ୍ରୁପ୍ ୧ରେ ୪ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା । ଅପରପକ୍ଷରେ ଅଷ୍ଟ୍ରେଲିଆ ଗ୍ରୁପ୍ ସି'ରେ ତାର ୩ଟି ମ୍ୟାଚ୍ ଜିତିବା ପରେ ସୁପର-୬ ଗ୍ରୁପ୍ ୨ରେ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ନୋ ରେଜଲ୍ଟ ସହ ଶୀର୍ଷରେ ରହିଥିଲା । ଅର୍ଥାତ ଉଭୟ ଦଳ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି । ତେଣୁ ରବିବାର ଏହି ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି । ଏହି ନିର୍ଣ୍ଣାୟକ ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି ।

**ଭାରତୀୟ ଦଳ:** ଉଦୟ ସରଣ (ଅଧିନାୟକ), ଅର୍ଶିନ କୁଲକର୍ଣ୍ଣୀ, ଆଦର୍ଶ ସିଂ, ରୁଦ୍ର ମୟୂର ପଟେଲ, ମୁସିର ଖାନ୍, ସଚିନ ଧାସ, ପ୍ରିୟାଂଶୁ ମୋଲିୟା, ଆରାଭେଲି ଅବିନାଶ ରାଓ (ୱିକେଟକିପର), ସୌମ୍ୟ ପାଣ୍ଡେ, ମୁରୁଗାନ ଅଭିଷେକ, ଇନେଶ ମହାଜନ, ଧନୁଷ ଗୌଡ଼ା, ଆରାଧ ଶୁକ୍ଲା, ରାଜ ଲିମ୍ବାନୀ ଓ ନମନ ତିୱାରୀ ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧.୩୦**
**ସ୍ଥାନ: ବେନୋଇ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ-ହଟ୍‌ଷ୍ଟାର ଆପ୍**

### ଭାରତର ଫାଇନାଲ ପ୍ରଦର୍ଶନ

| ବର୍ଷ | ଚାମ୍ପିଅନ | ରନର୍ସଅପ୍ | ବ୍ୟବଧାନ |
|---|---|---|---|
| ୨୦୦୦ | ଭାରତ | ଶ୍ରୀଲଙ୍କା | ୬ ୱିକେଟରେ ବିଜୟୀ |
| ୨୦୦୬ | ପାକିସ୍ତାନ | ଭାରତ | ୩୮ ରନରେ ପରାସ୍ତ |
| ୨୦୦୮ | ଭାରତ | ଦ.ଆଫ୍ରିକା | ୧୨ ରନରେ ବିଜୟୀ |
| ୨୦୧୨ | ଭାରତ | ଅଷ୍ଟ୍ରେଲିଆ | ୬ ୱିକେଟରେ ବିଜୟୀ |
| ୨୦୧୬ | ୱେଷ୍ଟଇଣ୍ଡିଜ | ଭାରତ | ୫ ୱିକେଟରେ ପରାସ୍ତ |
| ୨୦୧୮ | ଭାରତ | ଅଷ୍ଟ୍ରେଲିଆ | ୮ ୱିକେଟରେ ବିଜୟୀ |
| ୨୦୨୦ | ବାଂଲାଦେଶ | ଭାରତ | ୩ ୱିକେଟରେ ପରାସ୍ତ |
| ୨୦୨୨ | ଭାରତ | ଇଂଲଣ୍ଡ | ୪ ୱିକେଟରେ ବିଜୟୀ |

## ଆଇପିଏଲ୍: ଉଡ୍‌ଙ୍କ ବଦଳରେ ଜୋଶେଫ୍ ଲକ୍ଷ୍ନୌରେ ସାମିଲ



**ନୂଆଦିଲ୍ଲୀ,୧୦ ।୨(ଏଜେନ୍ସି):** ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ସମର ଜୋଶେଫ ଏଥର ଆଇପିଏଲ ଖେଳିବେ । ୨୪ ବର୍ଷୀୟ ଜୋଶେଫ ୩ କୋଟି ଟଙ୍କା ବିନିମୟରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସରେ ସାମିଲ ହୋଇଛନ୍ତି । ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ ବଦଳରେ ସେ ଦଳରେ ସାମିଲ ହୋଇଛନ୍ତି । ଆଇପିଏଲ୍ ଆୟୋଜକ କମିଟି ଶନିବାର ଏ ନେଇ ସୂଚନା ଦେଇଛି । ମାର୍ଚ୍ଚ ୨୩ରୁ ଏଥର ଆଇପିଏଲ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । କିଛିଦିନ ତଳେ ବ୍ରିସ୍‌ବେନର ଗାବାରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ଜୋଶେଫ୍ ଦ୍ୱିତୀୟ ପାଳିରେ ୭ ୱିକେଟ ନେଇ ଦଳକୁ ଜିତାଇବା ସହ ଅଷ୍ଟ୍ରେଲିଆଠାରୁ ବିଜୟ ଛଡାଇ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯୋଶେଫ୍ ଏପର୍ଯ୍ୟନ୍ତ ୨ଟି ଲେଖାଏ ଟେଷ୍ଟ, ପ୍ରଥମ ଶ୍ରେଣୀ, ଲିଷ୍ଟ ଏ ଓ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଏକଦା ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ଯୋଶେଫ୍ ଏବେ ୱେଷ୍ଟଇଣ୍ଡିଜ ପାଇଁ ଟେଷ୍ଟ ଖେଳି ନିଜର ଦକ୍ଷତା ପ୍ରମାଣ କରିବା ସହ ଏବେ ଆଇପିଏଲ ଖେଳିବାକୁ ଯାଉଛନ୍ତି ।

## ଏଣିକି ଅତିକମ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ

ଲଣ୍ଡନ,୧୦ ।୨(ଏଜେନ୍ସି): ଆଗକୁ ଏବେ ଅତିକମ୍‌ରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ ହେବ । ଅର୍ଥାତ ଟେଷ୍ଟ ଖେଳୁଥିବା ଦେଶଗୁଡିକ ଅତିକମ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବେ । କ୍ରିକେଟ ନିୟମ ପ୍ରଣୟନକାରୀ ସଂସ୍ଥା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଏ ନେଇ ପ୍ରସ୍ତାବ ଦେଇଛି । ଗତ ସପ୍ତାହରେ ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଟି-୨୦ ଲିଗ୍ ଅବସରରେ ଆୟୋଜିତ ଏମ୍‌ସିସିର ୱାର୍ଲ୍ଡ କ୍ରିକେଟ କମିଟି (ଡବ୍ଲ୍ୟୁସିସି) ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଡବ୍ଲ୍ୟୁସିସି ମଧ୍ୟ ଏ ନେଇ ପ୍ରସ୍ତାବ ଦେଇଛି । ୨୦୨୮ ସାଇକଲ୍‌ରେ ପୁରୁଷ କ୍ରିକେଟରେ ଏଥର ଅତିକମ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ ହେବା ପଥ ପରିଷ୍କାର ହୋଇଛି । ଅର୍ଥାତ ୨୦୨୮ରୁ ଏହି ନିୟମ ଲାଗୁ ହେବ । ନିକଟରେ ଅଷ୍ଟ୍ରେଲିଆ- ୱେଷ୍ଟଇଣ୍ଡିଜ ଓ ଭାରତ- ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଅମୀମାଂସିତ ରହିବା ପରେ ଏମ୍‌ସିସି ଏହି ଆଭିମୁଖ୍ୟ ପୋଷଣ କରିଛି । କ୍ରିକେଟର ଉନ୍ନତି ପାଇଁ ଭାରତର ଭୂମିକାକୁ ଡବ୍ଲ୍ୟୁସିସି ପ୍ରଶଂସା କରିଛି । କେବଳ ସେତିକ ନୁହଁ ଆୟୋଜକ ଦଳ ଏବେ ଭ୍ରମଣକାରୀ ଦଳର ଖର୍ଚ୍ଚ ବହନ କରିବ । କେତୋଟି ବୋର୍ଡ ଆର୍ଥିକ ଭାବେ ଦୁର୍ବଳ ହୋଇଥିବାରୁ ଏପରି କରିବାର ଆବଶ୍ୟକତା ରହିଛି ବୋଲି ଏମ୍‌ସିସି ହୃଦୟଙ୍ଗମ କରିଛି ।

### ୧୮ ରୁ ବଲାଙ୍ଗିରରେ ସିକେ ନାଇଡୁ ଟ୍ରଫି

## ପଞ୍ଜାବକୁ ଭେଟିବ ଓଡ଼ିଶା




**ବଲାଙ୍ଗିର,୧୦ ।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ଖେଳାଯିବ । ଏଥିରେ ଘରୋଇ ଓଡ଼ିଶାର ମୁକାବିଲା ପଞ୍ଜାବ ସହ ହେବ । ଉଭୟ ଦଳର ଖେଳାଳି ଓ ଅଫିସିଆଲ ଆଗାମୀ ୧୫ ତାରିଖରେ ବଲାଙ୍ଗିରରେ ପହଞ୍ଚିବେ । ୧୬ ଓ ୧୭ ଦୁଇ ଦିନ ଷ୍ଟାଡିୟମରେ ନେଟ୍ ପ୍ରାକ୍ଟିସ୍ ହେବ ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ହରିନାରାୟଣ ପୂଜାରୀ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ସିଂ ଓ ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଜିଲ୍ଲା କ୍ରୀଡ଼ା ସଂସଦର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଟାଟା ଷ୍ଟିଲ୍‌କୁ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୧୦।୨ (ସମିସ): କ୍ରୀଡ଼ାକୁ ପ୍ରୋତ୍ସାହନ ଯୋଗାଇବାରେ ଚଳିତବର୍ଷ ଲାଗି ଟାଟା ଷ୍ଟିଲକୁ 'ବେଷ୍ଟ କର୍ପୋରେଟ ଫର ଦ ପ୍ରମୋସନ ଅଫ ସ୍ପୋର୍ଟ୍ସ' ପୁରସ୍କାର ସ୍ପୋର୍ଟ୍ସ ଷ୍ଟାର ପକ୍ଷରୁ ପ୍ରଦାନ କରାଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟେନିସ ଲେଜେଣ୍ଡ କମଲେଶ ମେହେଟା ଓ ଇଣ୍ଡିଆ ସିମେଣ୍ଟସର ମିଥିଲ ମାଲୁଗାଓଁକର ଅତିଥିଭାବେ ଯୋଗ ଦେଇ ଟାଟା ଷ୍ଟିଲ୍‌କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଟାଟା ଷ୍ଟିଲ୍‌ର କର୍ପୋରେଟ କମ୍ୟୁନିକେସନ ମୁଖ୍ୟ ସର୍ବେଶ କୁମାର, ଜାମସେଦ୍‌ପୁର ଫୁଟବଲ କ୍ଲବର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକୁଲ ଚୌଧୁରୀ ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଥିଲେ ।




### ● ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

## ପପୁଲାର, ବିଡ଼ାନାସୀ ଓ ଫାଓ ଏକାଡେମୀ ବିଜୟୀ





**ଭୁବନେଶ୍ୱର, ୧୦ ।୨ (ସମିସ)**

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ (୧୩ ବର୍ଷରୁ କମ୍)ରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଫାଓ ଏକାଡେମୀ, ବିଡ଼ାନାସୀ କ୍ଲବ ଓ ପପୁଲାର କ୍ଲବ ବିଜୟ ହାସଲ କରିଛନ୍ତି । ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ (କାଜି ବଜାର) ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ଫାଓ ଏକାଡେମୀ ୬-୦ ଗୋଲରେ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସାକ୍ଷୀ ପଟେଲ ଏକାକୀ ୪ଟି ଗୋଲ୍ ଦେଇଥିଲେ । ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ପପୁଲାର କ୍ଲବ ୬-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ହରାଇ ଦେଇଛି । ପପୁଲାର କ୍ଲବର ପିଙ୍କି ବିଶ୍ୱାଳ ୪ଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦିବସର ଶେଷ ମ୍ୟାଚରେ ଅଧିନାୟିକା ପ୍ରୀତି ସାମଲଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଘରୋଇ ବିଡ଼ାନାସୀ କ୍ଲବ ୪-୧ ଗୋଲରେ କିଟ୍ ଓ କିସ୍ ଦଳକୁ ପରାସ୍ତ କରିଛି ।

## ୨୦୨୪ ଅଲିମ୍ପିକ୍ସ ପରେ ଅବସର ନେବେ ସେଲି




**ଜାମାଇକା, ୧୦ ।୨ (ଏଜେନ୍ସି):** ତିନିଥରର ଅଲିମ୍ପିକ୍ସ ଚାମ୍ପିଅନ ଜାମାଇକାର ତାରକା ଧାବିକା ସେଲି-ଆନ୍ନ ଫ୍ରେସର ପ୍ରାଇସ୍ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପରେ ଅବସର ନେବେ । ପରିବାର ସହ ଅଧିକ ସମୟ ବିତାଇବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି । ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଧାବିକା ୩୭ ବର୍ଷୀୟା ସେଲି ୨୦୦୮ ଓ ୨୦୧୨ ଅଲିମ୍ପିକ୍ସରେ ୧୦୦ ମିଟର ରେସ୍‌ରେ ଚାମ୍ପିଅନ ହୋଇଥିଲେ । ଏହାବାଦ୍ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ରିଲେରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ୨୦୧୭ରେ ମାତୃତ୍ୱ ଲାଭ କରିବା ପରେ ସେଲି ୩ଟି ବିଶ୍ୱ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲେ । କ୍ୟାରିୟରରେ ସେ ୩ ସ୍ୱର୍ଣ୍ଣ ୪ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ୍ ୮ଟି ଅଲିମ୍ପିକ୍ସ ପଦକ ଜିତିଛନ୍ତି । ଏହାବାଦ୍ ସେଲି ବିଶ୍ୱ ଚାମ୍ପିଅନସିପ୍‌ରେ ୧୦୦ ମିଟରରେ ୨୦୦୯, ୨୦୧୩, ୨୦୧୫, ୨୦୧୯ ଓ ୨୦୨୨ରେ ଏବଂ ୨୦୦ ମିଟର ରେସ୍‌ରେ ୨୦୧୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

## ରଣଜୀ ଟ୍ରଫି ୬ଷ୍ଠ ରାଉଣ୍ଡ: ତେୱାତିଆ, ନାୟରଙ୍କ ଶତକ

**ନୂଆଦିଲ୍ଲୀ, ୧୦ ।୨ (ଏଜେନ୍ସି):** ଚଳିତ ରଣଜୀ ଟ୍ରଫି ୬ଷ୍ଠ ରାଉଣ୍ଡ ମୁକାବିଲାରେ ଜାମସେଦପୁରରେ ଖେଳାଯାଇଥିବା ଏକ ମ୍ୟାଚରେ ଘରୋଇ ଝାଡ଼ଖଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ରାହୁଲ ତେୱାତିଆଙ୍କ ୧୪୪ ରନ ବଳରେ ପ୍ରଥମେ ବ୍ୟାଟିଂ କରି ହରିୟାଣା ୫୦୯ ରନ କରିଥିଲା । ଜବାବରେ ଝାଡ଼ଖଣ୍ଡ ଶନିବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ୯ ୱିକେଟ୍ ହରାଇ ୧୧୯ ରନ କରି ସଙ୍କଟରେ ପଡ଼ିଛି । ଦଳ ଏବେ ଫଲୋଅନ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ପ୍ରତିପକ୍ଷ ଦଳ ପକ୍ଷରୁ ଜୟନ୍ତ ଯାଦବ ୪ ଓ ସୁମିତ କୁମାର ୩ଟି ୱିକେଟ୍ ନେଇଥିଲେ । ସେହିଭଳି ଏଲିଟ୍ ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚରେ କରୁଣ ନାୟରଙ୍କ ଅପରାଜିତ ଶତକ ବଳରେ ମହାରାଷ୍ଟ୍ର ବିପକ୍ଷରେ ବିଦର୍ଭ ୨୩୧ ରନରେ ଅଗ୍ରଣୀ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ୨୦୮ ରନରେ ସୀମିତ ରହିଥିଲା । ଏହାପରେ ବିଦର୍ଭ ନାୟରଙ୍କ ଅପରାଜିତ ୧୨୮ ରନ ବଳରେ ଶନିବାର ୨ୟ ଦିବସ ସୁଦ୍ଧା ୬ ୱିକେଟ୍ ହରାଇ ୪୩୯ ରନ କରିଛି ।

### ଡ୍ରିମ୍ସ ରଣଜୀ: ଉତ୍ତରାଖଣ୍ଡର ପଲା ଭାରି

# ଫଲୋଅନ ଏଡ଼ାଇବାକୁ ଓଡ଼ିଶାର ସଂଘର୍ଷ

**ଭୁବନେଶ୍ୱର, ୧୦ ।୨ (ସମିସ)**

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ପାଳିରେ ବ୍ୟାଟିଂରେ ସଂଘର୍ଷ କରୁଛି । ଉତ୍ତରାଖଣ୍ଡର ପ୍ରଥମ ପାଳି ସ୍କୋର ୩୪୨ ରନ ଜବାବରେ ଓଡ଼ିଶା ଶନିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍ ହରାଇ ୧୨୩ ରନ ସଂଗ୍ରହ କରିଛି । ହାତରେ ୪ ୱିକେଟ୍ ବଳକା ରହିଥିବାବେଳେ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଫଲୋଅନ ଏଡ଼ାଇବା ଲାଗି ଆହୁରି ୬୯ ରନ ଆବଶ୍ୟକ କରୁଛି ।

ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଏଲିଟ୍ ଗ୍ରୁପ୍-ଡି'ର ଏହି ୬ଷ୍ଠ ରାଉଣ୍ଡ ମୁକାବିଲାରେ ଟସ୍ ଜିତି ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ବୈଭବ ଭଟ୍ଟଙ୍କ ଅପରାଜିତ ଶତକ ବଳରେ ଶୁକ୍ରବାର ପ୍ରଥମ ଦିବସ ଶେଷ ସୁଦ୍ଧା ୩ ୱିକେଟ୍ ହରାଇ ୨୩୨ ରନ କରିଥିଲା । ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ଶନିବାର ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଆଉ ୧୧୦ ରନ ଯୋଡ଼ି ବଳକା ୭ ୱିକେଟ୍ ହରାଇଥିଲା । ପୂର୍ବ ଦିନ ୧୦୧ ରନ କରି ଅପରାଜିତ ରହିଥିବା ବୈଭବ ୧୧୫ ରନ କରିଥିବାବେଳେ ଅଭିଜ୍ଞ ବିପ୍ଳବ ସାମନ୍ତରାୟଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଖିଳ



ରାୱତ ୫୦, ସ୍ୱପ୍ନିଲ ସିଂ ୩୭, ଆଦିତ୍ୟ ତାରେ ୧୭ ରନ କରିଥିଲେ । ଘରୋଇ ଓଡ଼ିଶା ପକ୍ଷରୁ ସୁନିଲ ରାଉଳ ଓ ହର୍ଷିତ ରାଠୋର ୩ଟି ଲେଖାଏ ଏବଂ ରାଜେଶ ମହାନ୍ତି, ବିପ୍ଳବ, ଦେବବ୍ରତ ପ୍ରଧାନ ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ୱିକେଟ୍ ନେବାରେ ସମର୍ଥ ହୋଇଥିଲେ ।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଓଡ଼ିଶା ପ୍ରାରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଅଧିନାୟକ ତଥା ଓପନିଂ ଆସିଥିବା ଶାନ୍ତନୁ ୫ ଓ ଶୁଭ୍ରାଂଶୁ ସେନାପତି ୪ ରନ କରି ସଅଳ ପ୍ୟାଭିଲିୟନ ଫେରିଥିଲେ । ଫଳରେ ଦଳ ୨୦ ରନରେ ୨ଟି ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ତେବେ ସନ୍ଦୀପ ପଟ୍ଟନାୟକଙ୍କ ସ୍ଥାନରେ ପାଳି ଆରମ୍ଭ କରିଥିବା ଯୁବ ୱିକେଟ୍‌ରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଗୋବିନ୍ଦ ପୋଦ୍ଦାର ୩ୟ ୱିକେଟ୍‌ରେ ସ୍ଥିତି ସମ୍ଭାଳିଥିଲେ । ଉଭୟ ସତର୍କତାର ସହ ଖେଳି ୫୮ ରନର ଭାଗୀଦାରି ଗଢ଼ିଥିଲେ । କିନ୍ତୁ ୫ଟି ଚୌକା ସହାୟତାରେ ୫୧ ବଲରୁ ୩୨ ରନ କରିଥିବାବେଳେ ଗୋବିନ୍ଦଙ୍କୁ ଆଉଟ୍ କରି ଅଭୟ ନେଗୀ ଏହି ଯୋଡ଼ି ଭାଙ୍ଗିଥିଲେ । ଏହାପରେ ମଧ୍ୟକ୍ରମରେ ବିପ୍ଳବ ଓ ଦେବବ୍ରତ ପ୍ରଧାନ ୯ ରନ ଲେଖାଏ କରି ନିରାଶ କରିଥିଲେ । ସେହିଭଳି ଓପନିଂରୁ ଆସି ଧୈର୍ଯ୍ୟର ସହ ଖେଳୁଥିବା ଆଶୀର୍ବାଦ ମଧ୍ୟ ବାମହାତୀ ସ୍ପିନର ମୟଙ୍କ ମିଶ୍ରଙ୍କ ଶିକାର ବନିଥିଲେ । ସେ ୧୦୯ ବଲର ସମ୍ମୁଖୀନ ହୋଇ ୫୪ ରନ କରି ପ୍ୟାଭିଲିୟନ ଫେରିଥିଲେ । ଯେଉଁଥିରେ ୧୦ଟି ଚୌକା ସାମିଲ ରହିଥିଲା । ଓଡ଼ିଶା ୪୧.୨ ଓଭର ଖେଳି ୬ ୱିକେଟ୍ ହରାଇ ୧୨୩ ରନ କରିଥିବାବେଳେ ଅମ୍ପାୟର ଷ୍ଟମ୍ପ ଘୋଷଣା କରିଥିଲେ । ସେତେବେଳକୁ ପ୍ରୟାସ ସିଂ ୮ ରନ କରି ଅପରାଜିତ ରହିଥିଲେ । ଉତ୍ତରାଖଣ୍ଡ ପକ୍ଷରୁ ଦୁଇ ଡାହାଣହାତୀ ଦ୍ରୁତ ବୋଲର ଦୀପକ ଧପୋଲା ଓ ଅଭୟ ନେଗୀ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି ।

### ସଂକ୍ଷିପ୍ତ ସ୍କୋର

**ଉତ୍ତରାଖଣ୍ଡ ପ୍ରଥମ ପାଳି: ୩୪୨/୧୦**, ୧୩୧.୩ ଓଭର (ବୈଭବ- ୧୧୫, ଜୀୱନଜୋତ୍ ସିଂହ- ୯୦, ତାରେ- ୧୭, ଅଖିଳ- ୫୦, ହର୍ଷିତ- ୩/୬୦, ସୁନିଲ- ୩/୭୩) ।

**ଓଡ଼ିଶା ପ୍ରଥମ ପାଳି: ୧୨୩/୬**, ୪୧.୨ ଓଭର (ଆଶୀର୍ବାଦ- ୫୪, ଗୋବିନ୍ଦ- ୩୨, ଶୁଭ୍ରାଂଶୁ- ୪, ବିପ୍ଳବ- ୯, ନେଗୀ- ୨/୩୩) ।

### ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ଖେଳାଳିଙ୍କୁ ନବୀନଙ୍କ ଶୁଭେଚ୍ଛା

# ‘ଶ୍ରେଷ୍ଠ ଖେଳ ପ୍ରଦର୍ଶନ କର’

**ଭୁବନେଶ୍ୱର, ୧୦।୨ (ସମିସ)**

କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍। ସନ୍ଧ୍ୟାରେ ଭାରତ ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ସମସ୍ତ ଅଂଶଗ୍ରହଣକାରୀ ଦଳଗୁଡିକୁ ଶ୍ରେଷ୍ଠ ସଫଳତା ହାସଲ ଲାଗି ଶୁଭେଚ୍ଛା ଜଣାଇଥିଲେ। କଳିଙ୍ଗ ଷ୍ଟାଡିୟମ୍‌ର ହକି କମ୍ପ୍ଲେକ୍ସ ଦର୍ଶକଙ୍କ ଦ୍ୱାରା ଭରପୁର ହୋଇଥିଲା। ଦର୍ଶକମାନେ ସେମାନଙ୍କ ପ୍ରିୟ ଦଳକୁ ଉତ୍ସାହିତ କରିବାରେ ଲାଗି ପଡ଼ିଥିଲେ।

ଏ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାକୁ ପୁଣିଥରେ ଅନ୍ତର୍ଜାତୀୟ ହକି ଫେରିଥିବାରୁ ମୁଁ ବେଶ ଖୁସି। ଅନ୍ତର୍ଜାତୀୟ ଦଳଗୁଡିକ ଓଡ଼ିଶାକୁ ଆସିଥିବାରୁ



ମୁଁ ସମସ୍ତଙ୍କୁ ସ୍ୱାଗତ କରୁଛି। ଆମେ ଏଠାରେ ୨୦୨୩ରେ ଆୟୋଜନ କରିଥିବା ପୁରୁଷ ହକି ବିଶ୍ୱକପ୍ ବେଶ ସଫଳ ହୋଇଥିଲା। ଏହି ସଫଳତାକୁ ଆଧାର କରି ଓଡ଼ିଶାରେ ଦିନକୁ ଦିନ ହକିରେ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଏହି ଲୋକପ୍ରିୟତା ଯୋଗୁଁ ୨୦୨୩-୨୪ ସିଜନର ହକି ପ୍ରୋ-ଲିଗ୍ ମଧ୍ୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ପୁଣିଥରେ ଶୁଭେଚ୍ଛା ଜଣାଇଥିଲେ।

ହକି ଖେଳକୁ ଓଡ଼ିଶାର ସମର୍ଥନ ବଳରେ ଅନେକ ଶ୍ରେଷ୍ଠ ହକି ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇପାରିଛି। ଏହା ଫଳରେ ହକି ଖେଳ ଲାଗି ଏଠାରେ ଏକ ସୁସ୍ଥ ଓ ମଜଭୁତ ବାତାବରଣ ସୃଷ୍ଟି ହୋଇଛି। ଏହାକୁ ଆମେ ସ୍ୱାଗତ କରୁଛୁ ଓ ଦର୍ଶକମାନେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହି ଖେଳ ଉପଭୋଗ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି।

# ବିଜୟରୁ ଭାରତର ଅଭିଯାନ

### ସ୍ପେନ୍ ୧-୪ ଗୋଲ୍‌ରେ ପରାସ୍ତ

**ଭୁବନେଶ୍ୱର,୧୦।୨(ସମିସ):** ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍ଆଇଏଚ୍) ପ୍ରୋ ଲିଗ୍‌ରେ ଭାରତ ଏଥର ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମୁକାବିଲାରେ ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ଭାରତ ୪-୧ ଗୋଲରେ ୮ ନଂ ଦଳ ସ୍ପେନ୍‌କୁ ପରାସ୍ତ କରିଛି। ଅଧିନାୟକ ହରମନପ୍ରୀତ ସିଂ ଡବଲ୍ ଗୋଲ ସ୍କୋର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ପେନାଲ୍ଟି କର୍ଣ୍ଣର ଜରିଆରେ ୭ମ ଓ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବିଂଶତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହାପରେ ଯୁଗରାଜ ସିଂ ୨୪ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ୩୪ତମ ମିନିଟ୍‌ରେ ମାର୍କ ମିରାଲ୍ସ ପେନାଲ୍ଟି ସୁଟ୍‌ରେ ଗୋଲ ଦେଇ ସ୍ପେନ୍ ପାଇଁ ଖାତା ଖୋଲିଥିଲେ। ଶେଷରେ ଲଳିତ କୁମାର ଉପାଧ୍ୟାୟ ୫୦ତମ ମିନିଟ୍‌ରେ ଭାରତ ପାଇଁ ୪ର୍ଥ ତଥା ଅନ୍ତିମ ଗୋଲ ଦେଇଥିଲେ। ଏହି ବିଜୟ ସହ ଭାରତ ୩ ଅଙ୍କ ହାସଲ କରି ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଭାରତୀୟ ଖେଳାଳିମାନେ ଯୋଜନାବଦ୍ଧ ଭାବେ ଖେଳ ପ୍ରଦର୍ଶନ କରି ବାରମ୍ବାର ସ୍ପେନ ରକ୍ଷଣଭାଗକୁ ଭେଦ କରିବାରେ ସଫଳ ହୋଇଥିଲେ। ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିବା ଭାରତ ରକ୍ଷଣଭାଗରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲା। ରବିବାର ଭାରତ ତା’ର ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୧ ନଂ ଦଳ ନେଦରଲାଣ୍ଡସକୁ ଭେଟିବ। ସେହିପରି ସ୍ପେନ୍ ଏହି ଦିନ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପରାଜୟ ସହ ସ୍ପେନ୍ ଖାତା ଖୋଲିପାରିନାହିଁ।

### ନେଦରଲାଣ୍ଡସର ବୃହତ୍ ବିଜୟ

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ବିଶ୍ୱର ୧ ନଂ ଦଳ ନେଦରଲାଣ୍ଡସ ଶନିବାର ଏକ ବଡ଼ ବିଜୟ ହାସଲ କରିଛି।



କଳିଙ୍ଗରେ ଅନୁଷ୍ଠିତ ମୁକାବିଲାରେ ନେଦରଲାଣ୍ଡସ ୫-୧ ଗୋଲରେ ପଦାର୍ପଣ କରିଥିବା ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏକପାଖିଆ ଏହି ମ୍ୟାଚ୍‌ରେ ନେଦରଲାଣ୍ଡସ ପାଇଁ ୧୨ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଜେପ୍ ହୋଡମେକର୍ସ ଗୋଲ ସ୍କୋର କରି ଖାତା ଖୋଲିଥିଲେ। ଏହାପରେ ୨୧ତମ ମିନିଟ୍‌ରେ ଜୋରିଟ କ୍ରୁନ୍ ଏକ ଫିଲ୍ଡ ଗୋଲ ଦେବା ପରେ ଜିପ୍ ଜାନସେନ୍ ୩୫ତମ ମିନିଟ୍‌ରେ ପେନାଲ୍ଟି ସୁଟ୍‌ରେ ଓ ୫୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇଥିଲେ। ଶେଷରେ ଷ୍ଟେଜିନ୍ ଭାନ ହେଜନିନ୍‌ଗେନ୍ ୫୩ତମ ମିନିଟ୍‌ରେ ୫ମ ଗୋଲ ଦେଇଥିଲେ। ଅନ୍ୟପଟେ ଲି କୋଲ୍ ୩୬ତମ ମିନିଟ୍‌ରେ ଆୟର୍ଲାଣ୍ଡ ପାଇଁ ଏକାମାତ୍ର ଗୋଲ ସ୍କୋର କରିଥିଲେ। ଏଥିସହ ନେଦରଲାଣ୍ଡସ ୫ ମ୍ୟାଚ୍ ଖେଳି ୩ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧୧ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି।

### ୩୫୦ତମ ମ୍ୟାଚ୍ ଖେଳିଲେ ମନପ୍ରୀତ

ଏହି ମ୍ୟାଚ୍ ଖେଳିବା ସହ ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ମଧ୍ୟଭାଗ ଖେଳାଳି ମନପ୍ରୀତ ସିଂ ୩୫୦ତମ ମ୍ୟାଚ୍ ଖେଳି ଏକ ବିରଳ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ହକି ଇଣ୍ଡିଆ ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛି। ୨୦୧୧ରେ ମନପ୍ରୀତ ମାତ୍ର ୧୯ ବର୍ଷ ବୟସରେ ଭାରତ ପାଇଁ ପଦାର୍ପଣ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୦ରେ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲା।

## ମୋହନ ବାଗାନର ୭ମ ବିଜୟ

**କୋଲକାତା, ୧୦।୨ (ଏଜେନ୍ସି):** ଚଳିତ ଆଇଏସ୍ଏଲ୍‌ରେ ଶନିବାର ଖେଳାଯାଇଥିବା ୨ଟି ମୁକାବିଲାରେ ଯଥାକ୍ରମେ ନର୍ଥଇଷ୍ଟ ୟୁନାଇଟେଡ୍ ଓ ମୋହନ ବାଗାନ ଏଫ୍‌ସି ବିଜୟ ଲାଭ କରିଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ମୋହନ ବାଗାନ ୨-୦ ଗୋଲରେ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରି ସିଜନରେ ୭ମ ବିଜୟ ଲାଭ କରିଛି। ଦଳ ଏଥିସହ ୧୨ ମ୍ୟାଚରୁ ୨୩ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଉଠିଛି। ଅପରପକ୍ଷରେ ୧୪ ମ୍ୟାଚ୍ ଖେଳିସାରିଥିବା ହାଇଦ୍ରାବାଦ୍ ଏଫ୍‌ସି ୧୦ମ ପରାଜୟବରଣ କରି ବିଜୟ ସ୍ୱାଦ ଚାଖିପାରି ନାହିଁ। ସେହିଭଳି ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ୍ ୩-୨ ଗୋଲରେ ଇଷ୍ଟ ବେଙ୍ଗଲକୁ ହରାଇଦେଇଛି। ବିଜୟୀ ଦଳର ଟମି ଜୁରିକ ୨ଟି ଗୋଲ୍ ଦେଇଥିଲେ। ଏଥିସହ ନର୍ଥଇଷ୍ଟ ୧୪ ମ୍ୟାଚରୁ ୩ ବିଜୟ, ୪ ପରାଜୟ ଓ ୭ ଡ୍ର ସହ ୧୬ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

## ଛକା, ହିଟ୍ ୱିକେଟ, ନଟ୍‌ଆଉଟ

**ସିଡ୍‌ନୀ, ୧୦।୨ (ଏଜେନ୍ସି)**

କ୍ରିକେଟ ଏପରି ଏକ ଖେଳ ଯେଉଁଥିଲେ ଅନେକ ଅଜବ ଘଟଣା ଦେଖିବାକୁ ମିଳିଥାଏ। ଗୋଟିଏ ପଟେ ନମନୀୟ ଓ ଅନ୍ୟ ପଟେ ଦୃଢ଼ ନିୟମକୁ ପ୍ରଦର୍ଶିତ କରିଥାଏ। ଏଭଳି ଏକ ଘଟଣା ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତବର୍ଷ ଫେବୃଆରୀ ୧୦ ତାରିଖରେ ଅନୁଷ୍ଠି ମହିଳା ଦିନିକିଆରେ ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାଳିର ୪୮ତମ ଓଭରରେ ଏହି ଘଟଣା ଘଟିଥିଲା। କ୍ରିସ୍‌ରେ ବ୍ୟାଟିଂ କରୁଥିଲେ ଆଲାନା କିଙ୍ଗ୍। ଏହି ଓଭର ବୋଲିଂ ଦାୟିତ୍ୱରେ ଥିଲେ ଦକ୍ଷିଣ ଆଫ୍ରିକାର ମାସାବାତା କ୍ଲାସ୍। କ୍ଲାସ୍ ବୋଲିଂ କରିଥିବା ଏହି ବଲ୍‌କୁ କିଙ୍ଗ ଛକା ମାରିଥିଲେ। ଛକା ମାରିବା ପରେ ସେ ତାଙ୍କର ଭାରସାମ୍ୟ ହରାଇବା ଫଳରେ ତାଙ୍କ ବ୍ୟାଟ୍‌ଟି ୱିକେଟରେ ବାଜିଥିଲା। ନିୟମ ଅନୁଯାୟୀ ଏହି ବଲ୍‌ଟି ଡେଡ୍ ହେବା କଥା ଓ କିଙ୍ଗ୍ ଆଉଟ ହେବା କଥା। କିନ୍ତୁ ତାହା ହେଲା ନାହିଁ। ସ୍କୋୟାର ଲେଗ୍‌ରେ ଥିବା ଅମ୍ପାୟାର କ୍ଲାସ୍‌ଙ୍କ ଏହି ବଲ୍‌କୁ ନୋ ବଲ କରିଦେଇଥିଲେ। ଫଳରେ ହିଟ୍ ୱିକେଟ ହୋଇଥିଲେ



ମଧ୍ୟ ନୋ ବଲ ହୋଇଯିବାରୁ ସେ ଜୀବନଦାନ ପାଇଥିଲେ। ଏପରି ଘଟଣା ଖୁବ୍ କମ୍ ଦେଖିବାକୁ ମିଳିଥାଏ। ବଲଟି ନୋ ହେଲା ଫଳରେ କିଙ୍ଗ୍‌ଙ୍କୁ ଫ୍ରି ହିଟ୍ ମିଳିଥିଲା। ଏହା ମଧ୍ୟ କିଙ୍ଗ୍ ଛକା ମାରିଥିଲେ। କିଙ୍ଗ୍‌ଙ୍କ ଏହି ସ୍କୋର ଫଳରେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହି ମ୍ୟାଚ୍ ଜିତିବା ଫଳରେ ମହିଳା ଦିନିକିଆ ସିରିଜ୍ ୧-୧ରେ ବରାବର ହୋଇଛି। ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା।

## ୯୨ କ୍ରୀଡ଼ାବିତ୍‌ଙ୍କୁ ୬୩.୭୫ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୧୦।୨ (ସମିସ)**

ଚେନ୍ନଇରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ୯୨ କ୍ରୀଡ଼ାବିତ୍‌ଙ୍କୁ ମୋଟ୍ ୬୩ ଲକ୍ଷ ୭୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମୋଟ୍ ୨୧ ପଦକ ଜିତିଥିଲେ। ଯେଉଁଥିରେ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ କାଂସ୍ୟ ପଦକ ରହିଥିଲା। ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଏକ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ୫୦ ହଜାର ଟଙ୍କାର ଅର୍ଥରାଶି କାଂସ୍ୟ ପଦକ ବିଜେତା ପାଇଥିଲେ। ଭାରୋତ୍ତୋଳନରେ ଓଡ଼ିଶା ସର୍ବାଧିକ ୬ଟି ପଦକ ଜିତିଥିଲା।




### ଇଂଲଣ୍ଡ ବିପକ୍ଷ ଶେଷ ୩ଟି ଟେଷ୍ଟ ଲାଗି ଭାରତୀୟ ଦଳ ଘୋଷଣା

# ରାହୁଲ ଓ ଜାଡେଜା ଫେରିଲେ




**ନୂଆଦିଲ୍ଲୀ, ୧୦।୨ (ସମିସ)**

ଇଂଲଣ୍ଡ ବିପକ୍ଷ ଶେଷ ୩ଟି ଟେଷ୍ଟ ମ୍ୟାଚ୍ ଲାଗି ଶନିବାର ଭାରତୀୟ ବରିଷ୍ଠ ପୁରୁଷ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୧୭ଜଣ ଖେଳାଳିଙ୍କୁ ନିଆଯାଇଛି। କିନ୍ତୁ ବ୍ୟକ୍ତିଗତ କାରଣରୁ ପ୍ରଥମ ଦୁଇଟି ଟେଷ୍ଟରେ ଖେଳି ନ ଥିବା ପୂର୍ବତନ ଅଧିନାୟକ ତଥା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଏହି ଦଳରେ ସାମିଲ କରାଯାଇନାହିଁ। ସେ ପୁନର୍ବାର ଅନୁପସ୍ଥିତ ରହିବେ ବୋଲି ଚୟନକର୍ତ୍ତାଙ୍କୁ ସୂଚନା ଦେବା ପରେ ତାଙ୍କ ନାମ ବିଚାରକୁ ନିଆଯାଇ ନଥିଲା। ସେହିପରି ଆଦୌ ଫର୍ମରେ ନଥିବା ମିଡଲ ଅର୍ଡର ବ୍ୟାଟର ଶ୍ରେୟସ ଆୟରଙ୍କୁ ଅବଶିଷ୍ଟ ୩ଟି ମ୍ୟାଚରୁ ବାଦ୍ ଦିଆଯାଇଛି। ସେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷରେ ୧୨ଟି ପାଳି ଖେଳି ମୋଟ ୧୮୭ ରନ୍ କରିଛନ୍ତି। ଏହା ମଧ୍ୟରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ସଂଗ୍ରହ କରିଥିବା ୩୫ ରନ୍ ସର୍ବାଧିକ। ସେ ସାମାନ୍ୟ ଆହତ ହେଇଥିବାରୁ ବାଦ୍ ପଡ଼ିବାର କାରଣ ସମ୍ପର୍କରେ ଜଣାପଡ଼ିନାହିଁ।

- ସମଗ୍ର ସିରିଜ୍‌ରେ ଖେଳିବେନି କୋହଲି
- ବାଦ୍ ପଡ଼ିଲେ ଆହତ ଶ୍ରେୟସ ଆୟର
- ବେଙ୍ଗଲର ଆକାଶ ଦୀପ ନୂଆ ମୁହଁ

ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କ ସ୍ଥାନ ପୂରଣ କରିବା ଲାଗି ଆହତ ହୋଇ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଥିବା ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କୁ ସାମିଲ ଦଳରେ କରାଯାଇଛି। ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। କିନ୍ତୁ ଫିଜିଓ ଫିଟ୍‌ନେସ ସାର୍ଟିଫିକେଟ ଦେବା ପରେ ସେମାନଙ୍କୁ ସାମିଲ କରାଯିବ କି ନାହିଁ ନିଷ୍ପତ୍ତି ନିଆଯିବ।

### ଆକାଶଦୀପ ପ୍ରଥମଥର ସାମିଲ

ବୋଲିଂରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି। ଉପଅଧିନାୟକ ଯଶପ୍ରୀତ୍ ବୁମ୍‌ରା ପୂର୍ବପରି ଦଳରେ ରହିଛନ୍ତି ଓ ମହମ୍ମଦ୍ ସିରାଜଙ୍କୁ ଦଳକୁ ଫେରାଇଅଣାଯାଇଛି। କିନ୍ତୁ ଘରୋଇ କ୍ରିକେଟରେ କ୍ରମାଗତ ସଫଳତା ପାଇଥିବା ବେଙ୍ଗଲର ଅନ୍ୟତମ ଫାଷ୍ଟ ବୋଲର ଆକାଶଦୀପଙ୍କୁ ପ୍ରଥମଥର ଦଳରେ ସାମିଲ କରାଯାଇଛି। ପୂର୍ବରୁ ବେଙ୍ଗଲର ମୁକେଶ କୁମାର ଦଳରେ ରହିଛନ୍ତି। ସ୍ପିନର ଜାଡେଜା ଦଳକୁ ଫେରିବା ଓ ଆକାଶଦୀପଙ୍କୁ ସାମିଲ କରିବା ପରେ ବାମହାତୀ ସ୍ପିନର ସୌରଭ କୁମାର ଓ ପେସ୍ ବୋଲର ଆଭେଷ ଖାନ୍‌ଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ଛାଡ଼ି ଦିଆଯାଇଛି। ଦଳରେ ଅନ୍ୟ କିଛି ପରିବର୍ତ୍ତନ କରାଯାଇନାହିଁ।

୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ରେ ସମାନ ସ୍ତରରେ ରହିଛନ୍ତି। ସିରିଜ୍‌ର ତୃତୀୟ ଟେଷ୍ଟ ରାଜକୋଟରେ ଫେବୃଆରୀ ୧୫ରୁ ଆରମ୍ଭ ହେବ। ସେହିପରି ରାଞ୍ଚିରେ ଚତୁର୍ଥ ଟେଷ୍ଟ ଫେବୃଆରୀ ୨୩ରୁ ଓ ପଞ୍ଚମ ଟେଷ୍ଟ ହିମାଚଳ ପ୍ରଦେଶର ଧର୍ମଶାଳାରେ ମାର୍ଚ୍ଚ ୭ରୁ ଆରମ୍ଭ ହେବ।

### ମନୋନୀତ ଭାରତୀୟ ଦଳ

**ଓପନର** (୩)-ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ ଓ ଶୁବମାନ ଗିଲ୍, **ମିଡଲ ଅର୍ଡର** (୩)- ଲୋକେଶ ରାହୁଲ, ରଜତ ପଟିଦାର, ସର୍ଫରାଜ ଖାନ୍, ସ୍ପିନ ବୋଲିଂ **ଅଲରାଉଣ୍ଡର** (୪)-ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର, ସ୍ପିନର (୧)-କୁଲଦୀପ ଯାଦବ, **ୱିକେଟରକ୍ଷକ** (୨)- ଶ୍ରୀକର ଭରତ ଓ ଧ୍ରୁବ ଜୁରେଲ, **ପେସ୍ ବୋଲର** (୪)- ଯଶପ୍ରୀତ୍ ବୁମ୍‌ରା (ଉପଅଧିନାୟକ), ମହମ୍ମଦ୍ ସିରାଜ, ମୁକେଶ କୁମାର ଓ ଆକାଶ ଦୀପ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର